CMYK

- Vol.- 46, Issue No. 196
- Thursday, 15 October 2026
- ଗୁରୁବାର, ୧୫ ଅକ୍ଟୋବର ୨୦୨୬
- Bhubaneswar
- Price: Rs. 3.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

### ୪୬ ଶିଳ୍ପ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

# କଳିଙ୍ଗନଗରରୁ ଶିଳ୍ପ ବିକାଶକୁ ନୂଆ ବେଗ




- ମିଳିବ ୪୨ ହଜାର ନିଯୁକ୍ତି
- ୩୯ ହଜାର ୩୮୩ କୋଟିର ହେବ ପୁଞ୍ଜି ବିନିଯୋଗ
- ଓଡ଼ିଶା ହେବ ଦେଶର ଶ୍ରେଷ୍ଠ 'ମାନୁଫାକ୍‌ଚରିଙ୍ଗ ହବ୍'

ଯାଜପୁର, ୧୪।୧୦(ନିପ୍ର): ରାଜ୍ୟର ଶିଳ୍ପାୟନ ପ୍ରକ୍ରିୟା ଆହୁରି ଗତିଶୀଳ କରି ବୁଧବାର ଯାଜପୁର ଜିଲ୍ଲା କଳିଙ୍ଗନଗର ଠାରେ ଏକ ବୃହତ ଶିଳ୍ପ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ରାଜ୍ୟର ୧୪ଟି ଜିଲ୍ଲାରେ ୩୯,୩୮୩ କୋଟି ଟଙ୍କାର ପୁଞ୍ଜି ନିବେଶରେ ୪୬ଟି ମଧ୍ୟମ ଓ ବୃହତ୍ ଶିଳ୍ପ ପ୍ରକଳ୍ପର ଭୂମିପୂଜନ ଏବଂ ଉଦ୍‌ଘାଟନ କରିଛନ୍ତି। ଏହାଦ୍ୱାରା ୪୨,୫୧୨ଟି ନିଯୁକ୍ତି ସୃଷ୍ଟି ହୋଇଛି। ଏହି ପଦକ୍ଷେପ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସହିତ ଯୁବବର୍ଗଙ୍କ ପାଇଁ ବ୍ୟାପକ ରୋଜଗାରର ସୁଯୋଗ ସୃଷ୍ଟି କରିବ। ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଜିର ଏହି ଶୁଭ ଦିନରେ ସମଗ୍ର ଓଡ଼ିଶାରେ ଯେଉଁ ଶିଳ୍ପ ପ୍ରକଳ୍ପଗୁଡ଼ିକର ଶୁଭାରମ୍ଭ ହେଉଛି, ତାହା ରାଜ୍ୟର ଦ୍ୱିତୀୟ ଶିଳ୍ପ ବିପ୍ଲବର ଏକ ସ୍ୱର୍ଣ୍ଣିମ ଅଧ୍ୟାୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ 'ପୂର୍ବୋଦୟ' ପରିକଳ୍ପନାର କେନ୍ଦ୍ରରେ ରହିଛି ଓଡ଼ିଶା। ଆଗାମୀ ଦଶ ବର୍ଷ ଭିତରେ ରାଜ୍ୟର ଅର୍ଥନୀତିକୁ ୫୦୦ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚାଇବା ପାଇଁ ଆମେ 'ସମୃଦ୍ଧ ଓଡ଼ିଶା' ଗଠନର ଲକ୍ଷ୍ୟ ରଖିଛୁ। ଯାଜପୁରର କଳିଙ୍ଗନଗର ଅଞ୍ଚଳ ରାଜ୍ୟର ଶିଳ୍ପାୟନ ପ୍ରକ୍ରିୟାର ପ୍ରମୁଖ କେନ୍ଦ୍ରବିନ୍ଦୁ ପାଲଟିଛି। ଏହି ସମାରୋହରେ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ ଗ୍ରୁପ୍‌ର କାର୍ବନ୍ ଷ୍ଟିଲ୍ ଏବଂ ଷ୍ଟେନଲେସ୍ ଷ୍ଟିଲ୍ ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ ଓ ନୂତନ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ସେହିପରି ଟାଟା ଷ୍ଟିଲ୍‌ର ନୂତନ ଡାଉନଷ୍ଟ୍ରିମ୍ ସୁବିଧା, ସ୍ଲରୀ ପାଇପ୍‌ଲାଇନ୍, ଗ୍ରାଇଣ୍ଡିଂ ଏବଂ ଫିଲ୍ଟରେସନ୍ ୟୁନିଟ୍ ଆଦି ପ୍ରକଳ୍ପ ରାଜ୍ୟରେ ହାଇ-ଭାଲ୍ୟୁ ଷ୍ଟିଲ୍ ଉତ୍ପାଦନକୁ ଆହୁରି ମଜବୁତ କରିବ। ଏହାସହିତ ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଅଲୋୟେଜ୍ ଲିମିଟେଡ୍, ଜଟିଆ ଷ୍ଟିଲ୍ ଲିମିଟେଡ୍, ବିକେ ଉତ୍କଳ ଷ୍ଟିଲ୍ ଏବଂ ଶ୍ରୀ ଏମ୍. କେ. ଷ୍ଟିଲ୍ ଭଳି ପ୍ରତିଷ୍ଠିତ କମ୍ପାନୀଗୁଡ଼ିକର ପ୍ରକଳ୍ପଗୁଡ଼ିକ ଏହି କ୍ଷେତ୍ରର ଶିଳ୍ପ ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବ ବୋଲି ଜଣାପଡିଛି। ଏହି ଶିଳ୍ପଗୁଡିକ ରାଜ୍ୟର ୧୪ଟି ଜିଲ୍ଲାରେ ସ୍ଥାପନ କରାଯାଇଛି। ଏଗୁଡିକ ହେଲା- ଅନୁଗୋଳ, ବରଗଡ, ବାଲେଶ୍ୱର, ବୌଦ୍ଧ, କଟକ, ଢେଙ୍କାନାଳ, ଯାଜପୁର, ଜଗତସିଂହପୁର, କେନ୍ଦୁଝର, ଖୋର୍ଦ୍ଧା, ମୟୂରଭଞ୍ଜ, ପୁରୀ, ସମ୍ବଲପୁର ଓ ସୁନ୍ଦରଗଡ। ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ ଶିଳ୍ପ କେବଳ କିଛି ନିର୍ଦ୍ଦିଷ୍ଟ ଜିଲ୍ଲାରେ ସୀମିତ ନ ରହି ରାଜ୍ୟର ପ୍ରାୟ ସବୁ ଅଞ୍ଚଳରେ ସ୍ଥାପିତ ହେବା ଉଚିତ। ନିବେଶକମାନଙ୍କୁ ସ୍ୱାଗତ ଜଣାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରକଳ୍ପର ପ୍ରସ୍ତାବ ସମୟଠାରୁ ଗ୍ରାଉଣ୍ଡିଙ୍ଗ୍ ହେବା ପର୍ଯ୍ୟନ୍ତ ଏପର୍ଯ୍ୟନ୍ତ ୧୨.୦୭ ଲକ୍ଷ କୋଟିରୁ ଅଧିକ ପୁଞ୍ଜି ନିବେଶ ସହିତ ୫୬୦ଟି ଶିଳ୍ପ ପ୍ରସ୍ତାବ ଅନୁମୋଦିତ ହୋଇସାରିଛି। ଏହା ମାଧ୍ୟମରେ ପ୍ରାୟ ୭ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ସମାରୋହରେ ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯାଜପୁରର ଭବିଷ୍ୟତ ଓ ଆଞ୍ଚଳିକ ବିକାଶ ଉପରେ ଆଲୋକପାତ କରି କହିଛନ୍ତି ଯେ ଆଗାମୀ ଦିନରେ ଯାଜପୁର ଜିଲ୍ଲାର ଅଭୂତପୂର୍ବ ବିକାଶ ଘଟିବ ଏବଂ ଶିଳ୍ପ ନକ୍ସା ଅଧିକ ସମୃଦ୍ଧ ହେବ। ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱ ଓ ଦୂରଦୃଷ୍ଟିକୁ ଉଚ୍ଚ ପ୍ରଶଂସା କରି କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱ, ଦୂରଦୃଷ୍ଟି ଏବଂ ବିଶ୍ୱାସ ସହିତ ବିକାଶ ହିଁ ଆମ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ଶିଳ୍ପପତି ମାନଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକରେ ସମସ୍ତ ପ୍ରକଳ୍ପ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ।

### ପ୍ରତିଶ୍ରୁତିର ବର୍ଷା: ସରିଲା 'ହ୍ୱାଏ ଆଇ ଷ୍ଟାଣ୍ଡ୍ ଫର' ମିଟିଂ

# ଆଜି ଛାତ୍ର ସଂସଦ ନିର୍ବାଚନ

- ସକାଳ ୮ ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମତଦାନ
- କ୍ୟାମ୍ପସରେ ଆଇନଶୃଙ୍ଖଳା ବଜାୟ ରଖିବା ଉପରେ ଗୁରୁତ୍ୱ



ଭୁବନେଶ୍ୱର, ୧୪।୧୦: ଦୀର୍ଘ ୮ବର୍ଷର ବ୍ୟବଧାନ ପରେ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହେଉଛି । ରାଜ୍ୟର ମୋଟ ୩୪୧ଟି ଉଚ୍ଚ ଶିକ୍ଷାନୁଷ୍ଠାନ ଯେଉଁଥିରେ ୩୨୮ଟି କଲେଜ ଓ ୧୩ଟି ବିଶ୍ୱବିଦ୍ୟାଳୟ ଅନ୍ତର୍ଭୁକ୍ତ ଏସବୁର ନିଜର ଛାତ୍ର ନେତା ନିର୍ବାଚନ କରିବା ପାଇଁ ନିର୍ବାଚନ ଆଜି ଅନୁଷ୍ଠିତ ହେଉଛି। ବିଶେଷ କରି ଭୁବନେଶ୍ୱରର ପ୍ରମୁଖ କଲେଜଗୁଡ଼ିକ ମଧ୍ୟରେ ବିଜେବି କଲେଜରେ ୫୫ ଜଣ ଓ ମହର୍ଷି କଲେଜରେ ୫୯ ଜଣ ପ୍ରାର୍ଥୀ ନିର୍ବାଚନୀ ମଇଦାନରେ ରହିଛନ୍ତି । ସେହିଭଳି ଭାବରେ ରାଜଧାନୀ ଡିଗ୍ରୀ କଲେଜରେ ୪୦ ଜଣ, ଡି.ଆର୍ ନୟାପଲ୍ଲୀ କଲେଜରେ ୧୭ ଜଣ, କମଳା ନେହେରୁ ମହିଳା କଲେଜରେ ୧୮ ଜଣ ଏବଂ ଶ୍ରୀ ଜୟଦେବ ଡିଗ୍ରୀ କଲେଜ ଅଫ୍ ଏଜୁକେସନ୍ ଆଣ୍ଡ ଟେକ୍ନୋଲୋଜିରେ ୧୦ ଜଣ ପ୍ରାର୍ଥୀ ରହିଛନ୍ତି । ଏକାମ୍ର ଡିଗ୍ରୀ କଲେଜରେ ୩୦ଟି ନାମାଙ୍କନ ଦାଖଲ ହୋଇଥିଲେ ମଧ୍ୟ ୨୪ଟି ନାକଚ ହେବା ଓ ଜଣେ ପ୍ରତ୍ୟାହାର କରିବା ପରେ ମାତ୍ର ୫ ଜଣ ପ୍ରାର୍ଥୀ ରହିଛନ୍ତି। ଏପଟେ ରମାଦେବୀ ବିଶ୍ୱବିଦ୍ୟାଳୟରେ ୨୮ ଜଣ ପ୍ରାର୍ଥୀ ରହିଛନ୍ତି । ଉତ୍କଳ ବିଶ୍ୱବିଦ୍ୟାଳୟରେ ୨୯ ଜଣ ପ୍ରାର୍ଥୀ ଚୂଡ଼ାନ୍ତ ତାଲିକାରେ ସ୍ଥାନ ପାଇଛନ୍ତି । ଗୁରୁବାର ସକାଳ ୮ ଟାରୁ ଅପରାହ୍ନ ୨ ଟା ପର୍ଯ୍ୟନ୍ତ ମତଦାନ କରିବେ ଛାତ୍ରଛାତ୍ରୀ ।ବୁଧବାର କଲେଜ ଓ ବିଶ୍ୱବିଦ୍ୟାଳୟ ମାନଙ୍କରେ ଅନୁଷ୍ଠିତ ହୋଇଛି ହ୍ୱାଏ ଆଇ ଷ୍ଟାଣ୍ଡ୍ ଫର ମିଟିଂ। ସହପାଠୀମାନଙ୍କ ଗ୍ରହଣରେ ପ୍ରାର୍ଥୀମାନେ କାହିଁକି ନିର୍ବାଚନରେ ଭାଗ ନେଇଛନ୍ତି ଏବଂ ଜିତିବା ପରେ କଲେଜର ଉନ୍ନତି ପାଇଁ କଣ କରିବେ, ସେ ବିଷୟରେ ନିଜର ବ୍ଲୁପ୍ରିଣ୍ଟ୍ ଉପସ୍ଥାପନ କରିଛନ୍ତି। ଛାତ୍ର ସଂସଦ ନିର୍ବାଚନକୁ ନେଇ ଉତ୍କଳ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ତତ୍ପରତା ବଢ଼ିଛି ମତଦାନକୁ ଶାନ୍ତିପୂର୍ଣ୍ଣ, ଅବାଧ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବାକୁ କୁଳପତି, ପୋଲିସ ଡିସିପି ଏବଂ ବିଭିନ୍ନ ଛାତ୍ର ସଂଗଠନର ପ୍ରତିନିଧି ଓ ପ୍ରାର୍ଥୀଙ୍କ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଛି। ବୈଠକରେ କ୍ୟାମ୍ପସରେ ଆଇନଶୃଙ୍ଖଳା ବଜାୟ ରଖିବା ସହ ନିର୍ବାଚନ ପ୍ରକ୍ରିୟାକୁ ସୁରୁଖୁରୁରେ ପରିଚାଳନା କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ମତଦାନ ପୂର୍ବରୁ ଶାନ୍ତି ବଜାୟ ରଖିବାକୁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଅପିଲ କରିଛନ୍ତି ।

### ପୁଣି ସିରିଜ ଦୁର୍ଘଟଣା ନେଲା ଜୀବନ

# ବ୍ରହ୍ମପୁର ଚମାଖଣ୍ଡିରେ ୨ ମୃତ, ୬ ଗୁରୁତର



ବ୍ରହ୍ମପୁର, ୧୪।୧୦: ବ୍ରହ୍ମପୁର ନିକଟ ଚମାଖଣ୍ଡି ଛକ ଠାରେ ଜାତୀୟ ରାଜପଥ ୧୬ ଉପରେ ବୁଧବାର ସନ୍ଧ୍ୟାରେ ସିରିଜ ଦୁର୍ଘଟଣା ଘଟି ୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୬ ଜଣ ଗୁରୁତର ହୋଇଛନ୍ତି। ଜାତୀୟ ରାଜପଥରେ ଆନ୍ଧ୍ରରୁ ମହାରାଷ୍ଟ୍ରକୁ ଯାଉଥିବା ଏକ ମାଲବାହୀ ଟ୍ରକ, ଏକ କାର୍ ଓ ୨ଟି ବାଇକ ଓ ସ୍କୁଟି ମଧ୍ୟରେ ଦୁର୍ଘଟଣା ଘଟିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଲୋକମାନେ ଜାତୀୟ ରାଜପଥ ଅବରୋଧ କରିଛନ୍ତି। ଚମାଖଣ୍ଡି ଥାନା ପୁଲିସ ଓ ହାଇୱେ ପୁଲିସ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିବା ସହ ଉତ୍ୟକ୍ତଙ୍କୁ ବୁଝାସୁଝା କରିଛନ୍ତି ।ସୂଚନାଯୋଗ୍ୟ ଯେ ମଙ୍ଗଳବାର ରାଜଧାନୀ ଭୁବନେଶ୍ୱର ସମ୍ ହସପିଟାଲ ରୋଡରେ ସିରିଜ ଦୁର୍ଘଟଣାରେ ଜଣକର ମୃତ୍ୟୁ ଘଟିଥିବା ବେଳେ ୬ ଜଣ ଆହତ ହୋଇଥିଲେ।

### ନିଟ୍ ପେପର୍ ଲିକ୍ ମାମଲାର ତଦନ୍ତ ଶେଷ

# ଚାର୍ଜସିଟ୍ ଦାଖଲ କଲା ସିବିଆଇ

ନୂଆଦିଲ୍ଲୀ, ୧୪।୧୦: ଚଳିତ ବର୍ଷ ନିଟ୍- ୟୁଜି ପେପର୍ ଲିକ୍ ମାମଲାରେ ସିବିଆଇ ତଦନ୍ତ ଶେଷ କରିଛି । ବୁଧବାର ସିବିଆଇ ରାଉଜ୍ ଆଭେନ୍ୟୁ ସ୍ଥିତ ସ୍ୱତନ୍ତ୍ର ସିବିଆଇ କୋର୍ଟରେ ପ୍ରଶ୍ନପତ୍ର ଲିକ୍ ମାମଲାରେ ୧୪ତମ ଅଭିଯୁକ୍ତ ଶେଷରାଓ ବଜରଙ୍ଗ ସୂର୍ଯ୍ୟବଂଶୀଙ୍କ ବିରୁଦ୍ଧରେ ଚାର୍ଜସିଟ୍ ଦାଖଲ କରିଛି। ଏହା ପୂର୍ବରୁ ସିବିଆଇ ଅନ୍ୟ ୧୩ ଜଣ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିସାରିଛି। କୋର୍ଟ ଏହି ମାମଲାର ଶୁଣାଣି ପାଇଁ ଅକ୍ଟୋବର ୨୨ ତାରିଖ ଧାର୍ଯ୍ୟ କରିଛନ୍ତି ଏବଂ ଅଭିଯୁକ୍ତଙ୍କୁ ଚାର୍ଜସିଟର ଏକ ନକଲ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶେଷରାଓ ବଜରଙ୍ଗ ସୂର୍ଯ୍ୟବଂଶୀ ଏହି ମାମଲାର ଅନ୍ୟ ଜଣେ ଅଭିଯୁକ୍ତ ଶୁଭମ୍ ଖୈରନାରଙ୍କ ସହଯୋଗୀ ଥିଲେ। ସୂର୍ଯ୍ୟବଂଶୀଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ ହେବା ସହିତ, ଅଭିଯୁକ୍ତଙ୍କ ବିରୁଦ୍ଧରେ ତଦନ୍ତ ସମ୍ବନ୍ଧୀୟ ଆଇନଗତ ପ୍ରକ୍ରିୟା ବର୍ତ୍ତମାନ ଆଗକୁ ବଢ଼ିବ। ଚାର୍ଜସିଟରେ ମୋଟ ୧୪ ଜଣ ବ୍ୟକ୍ତିଙ୍କୁ ସିବିଆଇ ଅଭିଯୁକ୍ତ ଦର୍ଶାଇଛି । ଯେଉଁମାନେ ପେପର୍ ଲିକ୍ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସମସ୍ତେ ଘରୋଇ ସଂସ୍ଥାର କର୍ମଚାରୀ ଅଭିଯୁକ୍ତ ଥିବାବେଳେ କୌଣସି ସରକାରୀ କର୍ମଚାରୀ ଏଥିରେ ସମ୍ପୃକ୍ତ ନ ଥିବା ସିବିଆଇ ସ୍ପଷ୍ଟ କରିଛି । ଚଳିତ ବର୍ଷ ମେ ମାସରେ ମେଡ଼ିକାଲ ପ୍ରବେଶିକା ପରୀକ୍ଷା ନିଟ୍ ଅନୁଷ୍ଠିତ ହୋଇଥିଲା । କିନ୍ତୁ ପେପର୍ ଲିକ୍ ଖବର ଆସିବା ପରେ କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ସମ୍ପୂର୍ଣ୍ଣ ପରୀକ୍ଷାକୁ ବାତିଲ କରି ପୁନଃପରୀକ୍ଷା କରାଇଥିଲା, ଯାହାକୁ ନେଇ ଅନେକ ବିରୋଧ ପ୍ରଦର୍ଶନ ହୋଇଥିଲା।

### ଶ୍ରୀମନ୍ଦିର କାର୍ତ୍ତିକ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ

# ଏଥର ବାଙ୍କଚୂଡ଼ ବେଶ ହେବ ନାହିଁ



ପୁରୀ, ୧୪।୧୦(ନିପ୍ର): ଶ୍ରୀମନ୍ଦିର କାର୍ଯ୍ୟାଳୟ ସଭାଗୃହ ଠାରେ ବୁଧବାର ଛତିଶା ନିଯୋଗ ବୈଠକ ଶ୍ରୀମନ୍ଦିର ପ୍ରଶାସନର ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ଏ ସମ୍ପର୍କରେ ସୂଚନା ଦେଇ ଜିଲ୍ଲାପାଳ କହିଛନ୍ତି କାର୍ତ୍ତିକ ମାସରେ ମହାପ୍ରଭୁଙ୍କ ନୀତିକାନ୍ତି ଶୃଙ୍ଖଳିତ କରାଯିବ । ବାଲଧୂପ ନୀତି ଠାରୁ ବଡସିଂହାର ନୀତି ପର୍ଯ୍ୟନ୍ତ ନୀତି ନିର୍ଘଣ୍ଟ ଉପରେ ବୈଠକରେ ଆଲୋଚନା କରାଯାଇ ଚୂଡାନ୍ତ ନିଷ୍ପତ୍ତି ନିଆଯାଇଥିଲା । ଭୋର ୪ଟାରେ ଦ୍ୱାରଫିଟା, ୪ଟା ୩୦ରେ ଭିତରଶୋଧ, ୫ଟାରେ ମଙ୍ଗଳ ଆଳତି, ୬ଟା ୩୦ରୁ ୭ଟା ୩୦ ରାଧା ଦାମୋଦର ବେଶ ଅନୁଷ୍ଠିତ ହେବ । ନଭେମ୍ବର ୧୬ ତାରିଖ ସୋମବାର ଅବକାଶ ନୀତି ପରେ ହରିହର ବେଶ ଅନୁଷ୍ଠିତ ହେବ । ୨୧ ତାରିଖରେ ଲକ୍ଷ୍ମୀନାରାୟଣ ବେଶ ଓ ହରିଉତ୍‌ଥାପନ ନୀତି, ୨୨ ତାରିଖରେ ତ୍ରିବିକ୍ରମ ବେଶ, ୨୩ ତାରିଖରେ ଲକ୍ଷ୍ମୀନାରାୟଣ ବେଶ, ୨୪ ତାରିଖରେ ରାଜାଧିରାଜ ବେଶ ବା ସୁନାବେଶ ଅନୁଷ୍ଠିତ ହେବ । ଚଳିତବର୍ଷ ବାଙ୍କଚୂଡ଼ ବେଶ ହେବ ନାହିଁ । ଶ୍ରଦ୍ଧାଳୁମାନଙ୍କ ଶୃଙ୍ଖଳିତ ଦର୍ଶନ, ସିଂହଦ୍ୱାର ଦେଇ ପ୍ରବେଶ ଓ ତିନି ଦ୍ୱାର ଦେଇ ପ୍ରସ୍ଥାନ କରିବେ । ପଞ୍ଜୁକ ପାଇଁ ବ୍ୟାରିକେଡ ନିର୍ମାଣ କରାଯିବ । ବରିଷ୍ଠ ନାଗରିକ ଓ ବୃଦ୍ଧ ବୃଦ୍ଧାଙ୍କ ସମେତ ଭିନ୍ନକ୍ଷମ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ । ବିଭିନ୍ନ ସ୍ଥାନରେ ଅଧିକାରୀ ମାନେ କାର୍ଯ୍ୟରତ ରହିବେ । ହବିଷ୍ୟାଳିମାନଙ୍କ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ଆନନ୍ଦ ବଜାରରେ ଭିଡ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ । ଶୃଙ୍ଖଳିତ ଦର୍ଶନ ପାଇଁ ଜିଲ୍ଲା ପ୍ରଶାସନ, ପୋଲିସ ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯିବ । ବୈଠକରେ ଏସପି ପ୍ରତୀକ ସିଂ, ଶ୍ରୀମନ୍ଦିର ବରିଷ୍ଠ ଅଧିକାରୀ ଓ ଛତିଶା ନିଯୋଗର ସଦସ୍ୟମାନେ ଯୋଗ ଦେଇଥିଲେ ।

### ପାର୍ବଣ ଭେଟି

# ରେଳ କର୍ମଚାରୀଙ୍କୁ ମିଳିବ ୭୮ ଦିନର ବୋନସ୍

## ଉପକୃତ ହେବେ ୧୧,୪୦,୭୭୦



ନୂଆଦିଲ୍ଲୀ, ୧୪।୧୦: ରେଳ କର୍ମଚାରୀଙ୍କ ପାଇଁ ଖୁସି ଖବର । ଚଳିତ ପାର୍ବଣ ଋତୁରେ ସେମାନଙ୍କୁ କେନ୍ଦ୍ର ସରକାର ଭେଟି ଦେଉଛନ୍ତି ୭୮ ଦିନର ବୋନସ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ରେଳ କର୍ମଚାରୀଙ୍କ ଉତ୍କୃଷ୍ଟ ପ୍ରଦର୍ଶନକୁ ସ୍ୱୀକୃତି ଦେଇ ୧୧,୪୦,୭୭୦ ରେଳ କର୍ମଚାରୀଙ୍କୁ ୨୦୦୯.୬୧ କୋଟି ଟଙ୍କାର ୭୮ ଦିନର ପିଏଲବି ପ୍ରଦାନ କରିବାକୁ ଅନୁମୋଦନ କରିଛନ୍ତି । ପ୍ରତିବର୍ଷ ଦୁର୍ଗା ପୂଜା/ଦଶହରା ଛୁଟି ପୂର୍ବରୁ ଯୋଗ୍ୟ ରେଳ କର୍ମଚାରୀଙ୍କୁ ପିଏଲବି ପ୍ରଦାନ କରାଯାଇଥାଏ । ଏହି ବର୍ଷ ମଧ୍ୟ ପ୍ରାୟ ୧୧.୪୦ ଲକ୍ଷ ଅଣ-ଗେଜେଟେଡ୍ ରେଳ କର୍ମଚାରୀଙ୍କୁ ୭୮ ଦିନର ପାରିଶ୍ରମିକ ସମକକ୍ଷ ପିଏଲବି ପ୍ରଦାନ କରାଯାଉଛି । ରେଳ କର୍ମଚାରୀମାନଙ୍କୁ ରେଳର କାର୍ଯ୍ୟଦକ୍ଷତାରେ ଉନ୍ନତି ଆଣିବା ପାଇଁ ପ୍ରୋତ୍ସାହିତ କରିବାକୁ ପିଏଲବି ପ୍ରଦାନ ଏକ ପ୍ରୋତ୍ସାହନ ସ୍ୱରୂପ କାର୍ଯ୍ୟ କରେ । ପ୍ରତି ଯୋଗ୍ୟ ରେଳ କର୍ମଚାରୀଙ୍କ ପାଇଁ ସର୍ବାଧିକ ୭୮ ଦିନ ପାଇଁ ଦେୟ ପରିମାଣ ୧୭,୯୫୧ ଟଙ୍କା । ଉପରୋକ୍ତ ପରିମାଣ ବିଭିନ୍ନ ବର୍ଗର ରେଳ କର୍ମଚାରୀଙ୍କୁ ପ୍ରଦାନ କରାଯିବ, ଯେପରିକି ଟ୍ରାକ୍ ରକ୍ଷଣାବେକ୍ଷଣକାରୀ, ଲୋକୋ ପାଇଲଟ୍, ଟ୍ରେନ୍ ପରିଚାଳକ (ଗାର୍ଡ), ଷ୍ଟେସନ ମାଷ୍ଟର, ସୁପରଭାଇଜର, ଟେକ୍ନିସିଆନ୍, ଟେକ୍ନିସିଆନ୍ ସହାୟକ, ପଏଣ୍ଟସମ୍ୟାନ୍, ମନ୍ତ୍ରୀସ୍ତରୀୟ କର୍ମଚାରୀ ଏବଂ ଅନ୍ୟାନ୍ୟ ଗ୍ରୁପ୍ 'ସି କର୍ମଚାରୀ । ଚଳିତ ବର୍ଷ ରେଳ ମନ୍ତ୍ରାଳୟ ରେକର୍ଡ ପରିମାଣର ସଫଳତା ହାସଲ କରିଛି। ୨୦୨୫-୨୬ ବର୍ଷରେ ରେଳବାଇ ମୋଟ ୧,୬୭୦ ମିଲିୟନ ଟନ୍ ସାମଗ୍ରୀ ପରିବହନ କରିଥିବା ବେଳେ ୭.୪୧ ବିଲିୟନ ଯାତ୍ରୀ ପରିବହନ କରିଛି।

### ବହୁଚର୍ଚ୍ଚିତ ମିରଟ୍ ନୀଳ ଡ୍ରମ୍ ହତ୍ୟା ମାମଲା

# ମୁସ୍କାନ ଓ ସାହିଲଙ୍କୁ ମୃତ୍ୟୁଦଣ୍ଡ



ନୂଆଦିଲ୍ଲୀ, ୧୪।୧୦: ବହୁଚର୍ଚ୍ଚିତ ମିରଟ୍ ନୀଳ ଡ୍ରମ୍ ହତ୍ୟା ମାମଲାରେ ମୁସ୍କାନ ରସ୍ତୋଗୀ ଏବଂ ତାଙ୍କ ପ୍ରେମିକ ସାହିଲ ଶୁକ୍ଲାଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଛି। ନୀଳ ଡ୍ରମ୍ ସୌରଭ ହତ୍ୟା ମାମଲାର ରାୟ ବୁଧବାର ଘୋଷଣା କରାଯାଇଛି। ସୌରଭଙ୍କ ହତ୍ୟାକାରୀ ମୁସ୍କାନ ରସ୍ତୋଗୀ ଏବଂ ସାହିଲ ଶୁକ୍ଲାଙ୍କୁ କୋର୍ଟ ଫାଶୀଦଣ୍ଡ ଦେଇଛନ୍ତି। ଦଣ୍ଡ ଘୋଷଣା କରିବା ପୂର୍ବରୁ କୋର୍ଟ ପଚାରିଥିଲେ ଯେ ସେମାନେ ପୂର୍ବରୁ କେବେ ଅପରାଧ କରିଛନ୍ତି କି ? ସାହିଲ ଏହାକୁ ମନା କରିଥିଲେ। ମୁସ୍କାନ ଏବଂ ସାହିଲଙ୍କୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ କୋର୍ଟରେ ହାଜର କରାଯାଇଥିଲା। ବିଚାରପତି ସ୍ପଷ୍ଟ ଭାବରେ କହିଥିଲେ ଯେ ସେମାନଙ୍କର ଅପରାଧ ଅକ୍ଷମଣୀୟ। ଯେତେବେଳେ ଜିଲ୍ଲା ଜଜ୍ ଅରବିନ୍ଦ କୁମାର ମିଶ୍ର ଉଭୟ ପକ୍ଷର ଶୁଣାଣି ଆରମ୍ଭ କଲେ, ସେ ସ୍ୱୀକାର କଲେ ଯେ ଏହା ସବୁଠାରୁ ବିରଳ ଅପରାଧ। ଉଭୟ ପକ୍ଷର ଶୁଣାଣି ପରେ ବିଚାରପତି ତାଙ୍କର ନିଷ୍ପତ୍ତି ସଂରକ୍ଷିତ ରଖିବାପରେ ରାୟ ପ୍ରଦାନ କରିଥିଲେ। ମୃତକ ହେଉଛନ୍ତି ମର୍ଚାଣ୍ଟ ନେଭି ଅଧିକାରୀ ସୌରଭ ରାଜପୁତ। ଗତ ବର୍ଷ ମାର୍ଚ୍ଚ ୩ ତାରିଖରେ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ମାମଲାରେ ୧୨୬ଟି ଶୁଣାଣି ଓ ୨୨ ଜଣ ସାକ୍ଷୀଙ୍କ ବୟାନ ଆଧାରରେ ଅଦାଲତ ରାୟ ଶୁଣାଇଛନ୍ତି। ଅଭିଯୋଗ ଅନୁସାରେ, ମୁସ୍କାନ ଖାଦ୍ୟରେ ନିଶାଦ୍ରବ୍ୟ ମିଶାଇ ସ୍ୱାମୀ ସୌରଭଙ୍କୁ ଅଚେତ କରିଥିଲେ। ପରେ ତାଙ୍କ ପ୍ରେମିକ ସାହିଲ ଘରେ ପହଞ୍ଚିଥିଲେ। ଦୁହେଁ ମିଶି ସୌରଭଙ୍କୁ ଛୁରିରେ ଆକ୍ରମଣ କରି ହତ୍ୟା କରିବା ସହ ମୃତଦେହକୁ ଖଣ୍ଡବିଖଣ୍ଡ କରିଥିବା ପ୍ରସିକ୍ୟୁସନ୍ ପକ୍ଷରୁ କୁହାଯାଇଥିଲା। ପରେ ମୃତଦେହର ଖଣ୍ଡଗୁଡ଼ିକୁ ଏକ ବଡ଼ ନୀଳ ପ୍ଲାଷ୍ଟିକ୍ ଡ୍ରମ୍‌ରେ ରଖି ସେଥିରେ ବାଲି, ପାଣି ଓ ସିମେଣ୍ଟ ଭର୍ତ୍ତି କରି ଢାଙ୍କି ଦିଆଯାଇଥିଲା। ଏହି ନୀଳ ଡ୍ରମ୍‌ଟି ପରବର୍ତ୍ତୀ ସମୟରେ ମାମଲାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ପାଲଟିଥିଲା।

# କାଶ୍ମୀରରେ ତୁଷାରପାତ

## ବରଫର ଧଳା ଚାଦରରେ ଢାଙ୍କି ହେଲା ଅନେକ ଅଞ୍ଚଳ

ଶ୍ରୀନଗର, ୧୪।୧୦: ସକ୍ରିୟ ପଶ୍ଚିମା ଝଡ଼ ପ୍ରଭାବରେ ବୁଧବାର ସକାଳେ କାଶ୍ମୀରର ଉଚ୍ଚ ପାର୍ବତ୍ୟ ଅଞ୍ଚଳରେ ତାଜା ତୁଷାରପାତ ହୋଇଛି। ଫଳରେ ଅନେକ ଅଞ୍ଚଳ ବରଫର ଧଳା ଚାଦରରେ ଢାଙ୍କି ହୋଇଯାଇଛି। ଅଧିକାରୀମାନେ କହିଛନ୍ତି ଯେ, ସକ୍ରିୟ ପଶ୍ଚିମା ଝଡ଼ ପ୍ରଭାବରେ ଉଚ୍ଚ ପାର୍ବତ୍ୟ ଅଞ୍ଚଳର ଅନେକ ସ୍ଥାନରେ ରାତିସାରା ହାଲୁକାରୁ ମଧ୍ୟମ ଧରଣର ତୁଷାରପାତ ହୋଇଛି। କାଶ୍ମୀରର ଅନେକ ଉଚ୍ଚ ଅଞ୍ଚଳରେ ତାଜା ତୁଷାରପାତ ହୋଇଥିବାବେଳେ ଅନ୍ୟ କେତେକ ସ୍ଥାନରେ ଲଗାତାର ଦ୍ୱିତୀୟ ଦିନ ପାଇଁ ତୁଷାରପାତ ଜାରି ରହିଛି। ଦକ୍ଷିଣ କାଶ୍ମୀରର ଅନନ୍ତନାଗ ଜିଲ୍ଲାର ପର୍ଯ୍ୟଟନସ୍ଥଳୀ ପହଲଗାମ ଏବଂ ଏହାର ଆଖପାଖ ଅଞ୍ଚଳରେ ରାତିସାରା ତୁଷାରପାତ ହୋଇଛି। ଗୁଲମାର୍ଗ ଓ ସୋନମାର୍ଗ ଭଳି ପର୍ଯ୍ୟଟନସ୍ଥଳୀ ସହିତ ଉତ୍ତର କାଶ୍ମୀରର ଗୁରେଜରେ ଥିବା ଜୋଜିଲା ଅଞ୍ଚଳ, ରାଜଦାନ ଟପ୍ ଏବଂ ତୁଲୈଲେରେ ମଧ୍ୟ ବିରତି ନେଇ ତୁଷାରପାତ ଜାରି ରହିଛି।



CMYK

# ମା' ସ୍କନ୍ଧମାତା



ଆଜି ନବରାତ୍ରୀର ପଞ୍ଚମ ଦିନ । ନବରାତ୍ରୀର ପଞ୍ଚମ ଦିନ ମାତା ସ୍କନ୍ଧମାତା ପାଇଁ ଉତ୍ସର୍ଗୀକୃତ । ସ୍କନ୍ଦାମାତା ଦେବୀ ଦୁର୍ଗାଙ୍କର ଅନ୍ୟ ଏକ ରୂପ । ଅଶୁଦ୍ଧ ଚିନ୍ତାଧାରାରୁ ନିଜକୁ ଶୁଦ୍ଧ କରିବା ଏବଂ ସାଂସାରିକ ଚାପରୁ ମୁକ୍ତି ପାଇବା ପାଇଁ ଦେବୀଙ୍କୁ ଭକ୍ତମାନେ ପୂଜାର୍ଚ୍ଚନା କରିଥାନ୍ତି। ମାନ୍ୟତା ରହିଛି ଯେ ମା' ଦୁର୍ଗାଙ୍କ ପଞ୍ଚମ ରୂପ ଦେବୀ ସ୍କନ୍ଧମାତାଙ୍କୁ ପୂଜା କରିବା ଦ୍ୱାରା ଭକ୍ତଙ୍କ ସମସ୍ତ ଇଚ୍ଛା ପୂରଣ ହୋଇଥାଏ । ଏହାସହ ମାଆଙ୍କୁ ମୋକ୍ଷର ଦ୍ୱାର ଉନ୍ମୁକ୍ତକାରିଣୀ ବୋଲି ମଧ୍ୟ କୁହାଯାଏ । ମା'ଙ୍କର ଏହି ରୂପକୁ ପୂଜା କରିବା ଦ୍ୱାରା ଜୀବନ ସୁଖରେ ପରିପୂର୍ଣ୍ଣ ହୋଇଥାଏ । ସୂର୍ଯ୍ୟୋଦୟ ପୂର୍ବରୁ ସ୍ନାନ କରିବା ପରେ ସବୁଜ ପୋଷାକ ପିନ୍ଧନ୍ତୁ ଏବଂ ଦେବୀଙ୍କୁ ସବୁଜ ଚୁଡ଼ି, ସବୁଜ ଶାଢୀ, ମେହେନ୍ଦି, ସିନ୍ଦୂର, ଅକ୍ଷତ ଅର୍ପଣ କରନ୍ତୁ । ମାନ୍ୟତା ରହିଛି ମା'ଙ୍କୁ ଏହି ଦିନ ହଳଦିଆ ଫୁଲ ଅର୍ପଣ କରି ପୂଜାର୍ଚ୍ଚନା କଲେ ସନ୍ତାନ ପ୍ରାପ୍ତି ହୋଇଥାଏ ଏବଂ ପିଲାମାନଙ୍କୁ ସୁଫଳ ମିଳିବା ସହ ଘରେ ସୁଖ ଶାନ୍ତି ରହିଥାଏ । ସ୍କନ୍ଦମାତାଙ୍କ ପୂଜାରେ ସବୁଜ ରଙ୍ଗ ବ୍ୟବହାର କରନ୍ତୁ । ବିଶ୍ୱାସ ଅନୁଯାୟୀ, ଦେବୀ ଏଥିରେ ଅତ୍ୟନ୍ତ ସନ୍ତୁଷ୍ଟ ହୁଅନ୍ତି । ସବୁଜ ରଙ୍ଗ ଆପଣଙ୍କୁ କିଛି ନୂଆ ଚେଷ୍ଟା କରିବାକୁ ପ୍ରେରଣା ଦିଏ । ଧୂପ-ଦୀପ ଲଗାଇ ଦୁର୍ଗା ଚାଳିଶା ପାଠ କରିବେ ଓ ମା'ଙ୍କ ଆଳତୀ କରନ୍ତୁ । ମା'ଙ୍କ ପାଖରେ ମିଠା ଏବଂ ପାଞ୍ଚ ପ୍ରକାରର ଫଳ ଭୋଗ ଲାଗି କରନ୍ତୁ । ମା' । ମାଆଙ୍କ ଅତ୍ୟନ୍ତ ପ୍ରିୟ କଦଳୀ ଉପଭୋଗ କରନ୍ତୁ । ଖିରି ପ୍ରସାଦ ମଧ୍ୟ ଅର୍ପଣ କରିପାରିବେ । ଶେଷରେ ମା'ଙ୍କ ପାଖରେ ଧ୍ୟାନ କରିବା ଭୁଲନ୍ତୁ ନାହିଁ ।

> "ମାନ୍ୟତା ରହିଛି ଯେ ମା' ଦୁର୍ଗାଙ୍କ ପଞ୍ଚମ ରୂପ ଦେବୀ ସ୍କନ୍ଧମାତାଙ୍କୁ ପୂଜା କରିବା ଦ୍ୱାରା ଭକ୍ତଙ୍କ ସମସ୍ତ ଇଚ୍ଛା ପୂରଣ ହୋଇଥାଏ । ଏହାସହ ମାଆଙ୍କୁ ମୋକ୍ଷର ଦ୍ୱାର ଉନ୍ମୁକ୍ତକାରିଣୀ ବୋଲି ମଧ୍ୟ କୁହାଯାଏ ।



## ସମ୍ମାନର ଅଧିକାରୀ

ରାଜା ଶତ୍ରୁଦମନଙ୍କ ପୁତ୍ର ଅରିଦମନ ଅତ୍ୟନ୍ତ ଅହଂକାରୀ ଥିଲେ । ତାଙ୍କ ଠାରେ କରୁଣା, ଉଦାରତା, ଦୟା, ସେବା, ସହାନୁଭୂତି ଭଳି ଗୁଣର ଅଭାବ ଥିଲା । ରାଜା ମଧ୍ୟ ପୁତ୍ରର ସ୍ୱଭାବକୁ ନେଇ ଚିନ୍ତିତ ଥିଲେ । ତେଣୁ ସେ ଜଣେ ସିଦ୍ଧ ମହାତ୍ମାଙ୍କ ନିକଟକୁ ପୁତ୍ରକୁ ପଠାଇ ଦେଲେ । ମହାତ୍ମାଙ୍କ ନିକଟରେ ରହିଲେ ପୁତ୍ରର ସ୍ୱଭାବ ପରିବର୍ତ୍ତନ ହେବ ବୋଲି ରାଜାଙ୍କର ବିଶ୍ୱାସ ରହିଥିଲା । ଦିନେ ମହାତ୍ମା ରାଜପୁତ୍ର ଅରିଦମନଙ୍କୁ ଏକ ଗଛରୁ ପତ୍ର ତୋଳି ଆଣିବାକୁ କହିଲେ । ଏଥିସହିତ ଆଦେଶ ଦେଲେ ଯେ, ଯେଉଁ ପତ୍ରରେ ପୋକ ଲାଗିନଥିବ କିମ୍ବା ଫିମ୍ପି ନ ହୋଇଥିବ ତୁମେ ସେଭଳି ପତ୍ର ଆଣିବ । ଅରିଦମନ ଜଙ୍ଗଲକୁ ଗଲେ । ସେ ବହୁ ଗଛରେ ଖୋଜାଖୋଜି କଲେ ବି ଗୋଟିଏ ହେଲେ ଭଲ ପତ୍ର ପାଇଲେ ନାହିଁ । ତେଣୁ ସେ ଫେରିଆସିଲେ । ମହାତ୍ମାଙ୍କୁ ସେ କହିଲେ, ଗୁରୁଦେବ ! ମୁଁ ଅନେକ ଖୋଜିଲି, କିନ୍ତୁ ଗୋଟିଏ ହେଲେ ଭଲ ପତ୍ର ପାଇଲି ନାହିଁ । ସବୁ ପତ୍ର ପୋକ ଲାଗିଯାଇଥିଲା । ମହାତ୍ମା କହିଲେ, ପୁତ୍ର ! ଜୀବନ ମଧ୍ୟ ଏହି ବୃକ୍ଷ ଭଳି । ଜୀବନରୁ ଦୁର୍ଗୁଣ ରୂପୀ ଦୋଷଦୁର୍ବଳତା ତ୍ୟାଗ ନକଲେ ପୋକ ଲାଗିଥିବା ପତ୍ର ବୃକ୍ଷକୁ ନଷ୍ଟ କରିଦେବା ଭଳି ଦୁର୍ଗୁଣ ଜୀବନକୁ ନଷ୍ଟ କରିଦେଇଥାଏ । ଦୋଷ ଦୁର୍ଗୁଣ ତ୍ୟାଗ କଲେ ମନୁଷ୍ୟର ଜୀବନରେ ମଧୁରତା ଫେରିଆସିଥାଏ । ଘୃଣା, ଅହଂକାର, କ୍ରୋଧ, ଲୋଭ, ମୋହ ଆଦି ତ୍ୟାଗ କଲେ ମନୁଷ୍ୟ ଉତ୍ତମଗୁଣର ଅଧିକାରୀ ହୋଇଥାଏ । ଉତ୍ତମ ସ୍ୱଭାବ ସମ୍ପନ୍ନ ମନୁଷ୍ୟ ସମାଜରେ ସର୍ବଦା ସମ୍ମାନ ପ୍ରାପ୍ତ କରିଥାଏ ।

## ଆଦ୍ୟାଶକ୍ତି ଦୁର୍ଗାଙ୍କ ପଞ୍ଚମ ସ୍ୱରୂପା





ନବରାତ୍ରର ପଞ୍ଚମ ଦିବସରେ ସ୍କନ୍ଦମାତାଙ୍କର ବିଶେଷ ପୂଜାର୍ଚ୍ଚନା କରାଯାଇଥାଏ। ସେ ସନ୍ତାନ ସୁଖର ପ୍ରଦାନକାରୀ ଏବଂ ଜ୍ଞାନର ଦେବୀ ଭାବେ ସାରା ସଂସାରରେ ବିଖ୍ୟାତ ଅଟନ୍ତି । ଦେବୀ ପୁରାଣ ଅନୁସାରେ ଭଗବାନ ଶିବ ଓ ମାତା ପାର୍ବତୀଙ୍କର ଜ୍ୟେଷ୍ଠ ପୁତ୍ର ହେଉଛନ୍ତି କୁମାର କାର୍ତ୍ତିକେୟ, ଯେକି ଦେବତାମାନଙ୍କର ସେନାପତି ଅଟନ୍ତି। ଭଗବାନ କାର୍ତ୍ତିକେୟଙ୍କର ଅପର ଏକ ନାମ ହେଉଛି 'ସ୍କନ୍ଦ'। ଭଗବତୀ ପାର୍ବତୀ ନିଜ କୋଳରେ ଶିଶୁ ପୁତ୍ର ସ୍କନ୍ଦ (କାର୍ତ୍ତିକେୟ)ଙ୍କୁ ଏ ରୂପରେ ବସାଇଛନ୍ତି, ତେଣୁ ତାଙ୍କୁ 'ସ୍କନ୍ଦମାତା' ବୋଲି କୁହାଯାଏ । ପୌରାଣିକ ମାନ୍ୟତା ଅନୁଯାୟୀ, ତାରକାସୁର ନାମକ ଏକ ଶକ୍ତିଶାଳୀ ରାକ୍ଷସ ଥିଲା। ସେ ବ୍ରହ୍ମାଙ୍କ ଠାରୁ ଏପରି ଏକ ବର ପାଇଥିଲା ଯେ, କେବଳ ଭଗବାନ ଶିବଙ୍କ ପୁତ୍ର ହିଁ ତାକୁ ବଧ କରିପାରିବ। ଏପରି ବର ଯୋଗୁଁ ତାରକାସୁର ଭାବିନେଲା, ଶିବ ତ ସନ୍ନ୍ୟାସୀ, ତାଙ୍କର ପୁତ୍ର ହେବେ ନାହିଁ। ତେଣୁ ସେ ଅମର ବୋଲି ଚିନ୍ତାକରି ଦେବତାମାନଙ୍କୁ ଅତ୍ୟାଚାର ଆରମ୍ଭ କରିବାକୁ ଲାଗିଲା। ଇତି ମଧ୍ୟରେ ଶିବ-ପାର୍ବତୀଙ୍କର ପୁତ୍ର କାର୍ତ୍ତିକେୟ ଜନ୍ମ ନେଲେ। ତାଙ୍କୁ ମା' ପାର୍ବତୀ ଯୁଦ୍ଧ ବିଦ୍ୟାରେ ପ୍ରଶିକ୍ଷିତ କରିବା ସହ କୋଳରେ ଧରି ସ୍କନ୍ଦମାତା ରୂପ ଧାରଣ କରିଥିଲେ। ପରବର୍ତ୍ତୀ ସମୟରେ କାର୍ତ୍ତିକେୟ ଦେବସେନାର ସେନାପତି ହୋଇ ତାରକାସୁରକୁ ବଧକରିବା ସହ ସ୍ୱର୍ଗପୁରକୁ ରାକ୍ଷାସ କବଳରୁ ମୁକ୍ତି ଦେଇଥିଲେ।

ଏହି ମା'ଙ୍କ ସ୍ୱରୂପା ଅତ୍ୟନ୍ତ ମନୋହାରିଣୀ । ସେ ଚତୁର୍ଭୁଜା ଅଟନ୍ତି । ଦେବୀ ଊର୍ଦ୍ଧ୍ୱ ଦକ୍ଷିଣ ହସ୍ତରେ ପଦ୍ମ ପୁଷ୍ପ , ବାମ ହସ୍ତରେ ବରଦମୁଦ୍ରା, ଅଧ ହସ୍ତରେ ଶ୍ୱେତ କମଳପୁଷ୍ପ ଏବଂ ଅନ୍ୟ ହସ୍ତରେ ପୁତ୍ର ସ୍କନ୍ଦଙ୍କୁ ଧରି ପଦ୍ମ ଫୁଲରେ ବିରାଜମାନ କରିଥାନ୍ତି । ଏହି କାରଣରୁ ଦେବୀଙ୍କୁ ପଦ୍ମାସନା ବୋଲି ମଧ୍ୟ କୁହାଯାଏ । ଭଗବତୀଙ୍କ ବାହନ ସିଂହ ଅଟେ । ମା'ଙ୍କର ମୁଖମଣ୍ଡଳରୁ ଏକ ଅଲୌକିକ ତେଜ ବାହାରିଥାଏ, ଯାହା ଭକ୍ତଙ୍କୁ ମାତୃତ୍ୱର ପ୍ରେମ ପ୍ରଦାନ କରିଥାଏ। ନବରାତ୍ରର ପଞ୍ଚମ ଦିନରେ ଯୋଗୀଜନ ଏବଂ ସାଧକମାନେ ବ୍ରାହ୍ମ ମୁହୂର୍ତ୍ତରୁ ଉଠି ସ୍ନାନ-ଶୌଚ କର୍ମ ଇତ୍ୟାଦି ସମାପନ ପରେ ମା'ଙ୍କ ପୂଜା ଆରମ୍ଭ କରିଥାଆନ୍ତି। ପ୍ରଥମେ ଷଟ୍ କର୍ମ କରି ମନକୁ ବିଶୁଦ୍ଧ ଚକ୍ରରେ ରଖି ଏ'ପରି ଧ୍ୟାନ କରିଥାନ୍ତି:

**ସିଂହାସନଗତା ନିତ୍ୟଂ**
**ପଦ୍ମାଶ୍ରିତକରଦ୍ୱୟା ।**
**ଶୁଭଦାସ୍ତୁ ସଦା ଦ୍ୱେୀ ସ୍କନ୍ଦମାତା**
**ଯଶସ୍ୱିନୀ ?**

ଏହାପରେ ମାଆଙ୍କୁ ପବିତ୍ର ଗଙ୍ଗା ଜଳରେ ସ୍ନାନ କରାଇ ସୁବାସିତ ଗନ୍ଧ ଦ୍ୱାରା ପ୍ରଲେପିତ କରିବା ସହ ପଞ୍ଚ ପୁଷ୍ପ , ପଞ୍ଚ ଫଳ ଓ ଗୋ ଦୁଗ୍ଧ ନିର୍ମିତ ମିଷ୍ଟାନ୍ନ ଆଦି ନୈବେଦ୍ୟ କରିଥାନ୍ତି। ସ୍କନ୍ଦମାତାଙ୍କୁ କଦଳୀ ଭୋଗ ଅତ୍ୟନ୍ତ ପ୍ରିୟ, ତେଣୁ ମା'ଙ୍କୁ କଦଳୀ କିମ୍ବା ସେଥିରେ ପ୍ରସ୍ତୁତ ମିଠା ଭୋଗ କଲେ ସେ ଅତିଶୀଘ୍ର ପ୍ରସନ୍ନ ହୋଇଯାନ୍ତି। ମାନ୍ୟତା ରହିଛି ଯେ, ବିଧିବିଧାନରେ ମା'ଙ୍କର ଉପାସନା କଲେ ଜୀବନ କାଳରେ ଆସୁଥିବା କଠିନରୁ କଠିନ ସଂଘର୍ଷ ମଧ୍ୟ ସରଳ ହେବା ସଙ୍ଗେ ସଙ୍ଗେ ସର୍ବତ୍ର ସିଦ୍ଧି ଓ ବିଜୟ ପ୍ରାପ୍ତ ହୋଇଥାଏ । ଯେଉଁ ଦମ୍ପତିଙ୍କର ସନ୍ତାନ ସୁଖ ନଥାଏ, ସେମାନେ ମା'ଙ୍କୁ ଭକ୍ତିର ସହ ପୂଜା କଲେ ସନ୍ତାନ ପ୍ରାପ୍ତି ହୁଏ ଏବଂ ଶତ୍ରୁ ଭୟ ଓ ଜୀବନର ସମସ୍ତ ସଙ୍କଟ ଦୂର ହୋଇଯାଏ। ମା' ସ୍କନ୍ଦମାତାଙ୍କର ଏହି ମାତୃ ସ୍ୱରୂପା ଆମକୁ ଶିଖାଏ ଯେ, ଜୀବନରେ ଯେତେ ବଡ଼ ସଙ୍କଟ ଆସିଲେ ମଧ୍ୟ ସ୍ନେହ, ପ୍ରେମ ଏବଂ ସାହସ ବଳରେ ସବୁ ସମସ୍ୟାର ସମାଧାନ କରାଯାଇପାରିବ।

**ହେମନ୍ତ କୁମାର ଗନ୍ତାୟତ**
**ବରିଷ୍ଠ ଦର୍ଶନ ଅଧ୍ୟାପକ**
*ଆସିକା, ଗଞ୍ଜାମ, ୯୮୬୧୩୩୪୮୬୮*





## ଜୀବନ କର୍ମର ଅଧୀନ...

ଈଶୋବାଶ୍ୟେ ଉପନିଷଦରେ ଋଷି କହିଛନ୍ତି,'କୁର୍ବେନ୍ନ୍ୟବହ କର୍ମାଣି ଜୀବୈବିଷେଚ୍ଛତ ଧ୍ୟଇସମାଃ..ଏବଂ ତ୍ୱୟି ନ୍ୟାୟଧୈତୋଅସ୍ତି ନକର୍ମ ଲିପ୍ତତେ ନରେ'। ଏହି ଚରାଚର ଜଗତରେ କର୍ତ୍ତା-ଧର୍ତ୍ତା-ହର୍ତ୍ତା ତ ସର୍ବ ଶକ୍ତିମାନ ପରମେଶ୍ୱର ହିଁ ଅଟନ୍ତି । ଅତଃ ସବୁ କିଛି ତାଙ୍କୁ ଅର୍ପଣ ପୂର୍ବକ ,ସବୁ କିଛି ତାଙ୍କୁ ହିଁ ବୁଝିକରି ଶାସ୍ତ୍ରୋକ୍ତ କର୍ତ୍ତବ୍ୟ କର୍ମର ଆଚରଣ କରି ଦୀର୍ଘ ଜୀବନର ଅଭିଳାଷ କରିହେବ । ଏହି ଜୀବନ ଈଶ୍ୱର ପ୍ରଦତ୍ତ ଅଟେ,ନିଜର ଭୋଗ ଭୋଗିବା ପାଇଁ ନୁହେଁ,ଆଉ ପରମାତ୍ମା ପ୍ରଦତ୍ତ ପଥର ଅନୁଗମନ କରିବା ପାଇଁ ମିଳିଛି । ଏମିତି କରିଲେ କର୍ମ ବନ୍ଧନରେ ପଡେ ନାହିଁ । କର୍ମ କରିକି ଆଉ କର୍ମରେ ଲିପ୍ତ ନ ହେବାର ଏହା ଏକମାତ୍ର ମାର୍ଗ ଅଟେ । ଏହା ସହିତ ଭଗବାନ କୃଷ୍ଣ ମଧ୍ୟ ଏହା କୁହନ୍ତି ଏମିତି କର୍ମ ରାଗ-ଦ୍ୱେଷରେ ରହିତ ହେଉ । ତେବେ ତାହା ସାତ୍ତ୍ୱିକ କର୍ମ କୁହାଯାଏ । ରାଗର ବାଖ୍ୟା କରି ବ୍ୟାସ କହନ୍ତି ଯେ ,'ସୁଖାଭିଜ୍ଞସ୍ୟ ସୁଖାନୁ ସ୍ମୃତିପୂର୍ବଃ ସୁଖେ ତତ୍ସାଧନେ ନା ୟୋ ଗର୍ଦ୍ଧତୃଷ୍ଣା ଲୋଭଃ ସରାଗଇତି' । ଅର୍ଥାତ୍ ସୁଖାନୁଭବର ସ୍ମୃତି ପୂର୍ବକ ସୁଖ କିମ୍ବା ସୁଖ ଦେବା ବାଲା ପଦାର୍ଥର ପ୍ରତି ଯେଉଁ ଲୋଭ ଅଥବା ଲୋଭୀ ହୋଇଥାଏ ତାହା ରାଗ ଅଟେ । ଏହି କ୍ରମରେ ଦୁଃଖାନୁଭବର ସ୍ମୃତି ପୂର୍ବକ ଦୁଃଖ ଅଥବା ଦୁଃଖ ଦେବା ବାଲା ସାଧନର ପ୍ରତି ଯେଉଁ ପ୍ରତିହିଂସା ହୋଇଥାଏ,ତାହା ଦ୍ୱେଷ ଅଟେ । ଏମିତି ଦେଖାଯାଏ କି କର୍ମ କରିବାର ଅଭିମାନରେ ରହିତ,ଫଳ ପାଇବାର ଇଚ୍ଛାର ଛଡା,ଲେଭୀ ଆଉ ଦ୍ୱେଷ ଛଡା ଯେଉଁ କର୍ମ ହେବ ତାହା ହିଁ ସାତ୍ତ୍ୱିକ କର୍ମ ଅଟେ ଆଉ ଏମିତି କରିବାର ଅତିରିକ୍ତ କର୍ମବନ୍ଧନରୁ ମୁକ୍ତିର ଅନ୍ୟ କୌଣସି ମାର୍ଗ ନାହିଁ ।

## —ଧର୍ମ—

ଧର୍ମ ହେଉଛି ହିନ୍ଦୁ ଧର୍ମର ସବୁଠାରୁ ଗଭୀର ଏବଂ ମୂଳ ଧାରଣା ମଧ୍ୟରୁ ଗୋଟିଏ, ଯାହା ବିଶ୍ୱବ୍ୟାପୀ କ୍ରମ ଏବଂ ବ୍ୟକ୍ତିଗତ ଧାର୍ମିକତାର ନୀତିକୁ ଧାରଣ କରିଥାଏ। 'ଧର୍ମ' ଶବ୍ଦଟି ସଂସ୍କୃତ ମୂଳ 'ଧରି' ରୁ ଆସିଛି, ଯାହାର ଅର୍ଥ 'ବଜାୟ ରଖିବା' କିମ୍ବା 'ବଜାୟ ରଖିବା'। ଏହା ବ୍ରହ୍ମାଣ୍ଡରେ ଏବଂ ବ୍ୟକ୍ତି ମଧ୍ୟରେ ସମନ୍ୱୟ ବଜାୟ ରଖୁଥିବା ନିୟମ, କର୍ତ୍ତବ୍ୟ ଏବଂ ନୈତିକ ନୀତିଗୁଡ଼ିକୁ ବୁଝାଏ। ଧର୍ମ ଗତିଶୀଳ ଏବଂ ପ୍ରାସଙ୍ଗିକ, ବ୍ୟକ୍ତିର ବୟସ, ଭୂମିକା ଏବଂ ପରିସ୍ଥିତି ଅନୁସାରେ ଭିନ୍ନ ଭିନ୍ନ। ଉଦାହରଣ ସ୍ୱରୂପ, ଜଣେ ଛାତ୍ର (ବ୍ରହ୍ମଚର୍ଯ୍ୟ) ର ଧର୍ମରେ ଶିକ୍ଷା ଏବଂ ଶୃଙ୍ଖଳା ଅନ୍ତର୍ଭୁକ୍ତ, ଯେତେବେଳେ ଜଣେ ଗୃହସ୍ଥ (ଗୃହସ୍ଥ) ର ଧର୍ମରେ ପରିବାରର ଯତ୍ନ ନେବା ଏବଂ ସମାଜରେ ଅବଦାନ ଦେବା ଅନ୍ତର୍ଭୁକ୍ତ। ସେହିପରି, ଜଣେ ଯୋଦ୍ଧାଙ୍କ ଧର୍ମ ସୁରକ୍ଷା ଏବଂ ନ୍ୟାୟ ଉପରେ ଗୁରୁତ୍ୱାରୋପ କରେ। ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ, ଧର୍ମ ଅନୁସରଣ କରିବା ଜଣେ ବ୍ୟକ୍ତିକୁ ଈଶ୍ୱରୀୟ କ୍ରମ ସହିତ ସମନ୍ୱିତ କରେ, ଆନ୍ତରିକ ଶାନ୍ତି ଆଣେ ଏବଂ ମୁକ୍ତିର ଚୂଡ଼ାନ୍ତ ଲକ୍ଷ୍ୟ (ମୋକ୍ଷ) ଆଡକୁ ନେଇଯାଏ। ଭଗବଦ୍ ଗୀତା ବ୍ୟକ୍ତିଗତ ଲାଭ ଅପେକ୍ଷା କର୍ତ୍ତବ୍ୟ ଉପରେ ଗୁରୁତ୍ୱ ଦେଇ ନିଜ ଧର୍ମକୁ ନିଃସ୍ୱାର୍ଥପର ଭାବରେ ପାଳନ କରିବାର ଗୁରୁତ୍ୱକୁ ପ୍ରାଧାନ୍ୟ ଦିଏ।

# ପଥର ଖଣି ଯାଞ୍ଚ ପାଇଁ ଆଇନଜୀବୀଙ୍କୁ ସ୍ୱତନ୍ତ୍ର ଅଧିକାରୀ ଭାବେ ନିଯୁକ୍ତ କଲେ ହାଇକୋର୍ଟ

କଟକ(ନିପ୍ର): ପ୍ରାକୃତିକ ସମ୍ପଦଗୁଡ଼ିକ ହେଉଛି ଜାତୀୟ ସମ୍ପତ୍ତି ବୋଲି ହାଇକୋର୍ଟ କହିବା ସହିତ ଏହାର ଅପବ୍ୟବହାର ଓ ଚୋରିକୁ ରୋକାଯିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଖୋର୍ଦ୍ଧା ଜିଲ୍ଲାରେ ବେଆଇନ ଭାବେ ପଥର ଖଣିରୁ ଖନନ କରାଯିବା ତଥା ଏହି ପ୍ରସଙ୍ଗରେ ପ୍ରଶାସନିକ ଉଦାସୀନତାକୁ ନେଇ ହାଇକୋର୍ଟ ଉଦବେଗ ପ୍ରକାଶ କରିଛନ୍ତି। ଘଟଣାର ପ୍ରକୃତ ସତ୍ୟାସତ୍ୟ ଜାଣିବା ପାଇଁ ହାଇକୋର୍ଟ ଆଇନଜୀବୀ ତରୁଣ ପଟ୍ଟନାୟକଙ୍କୁ 'ସ୍ୱତନ୍ତ୍ର ଅଧିକାରୀ' ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି। ସ୍ୱତନ୍ତ୍ର ଅଧିକାରୀ ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ କରି ସେଠାରେ କଳା ପଥର ଖନନ ଓ ଉତ୍ତୋଳନ ହେଉଛି କି ନାହିଁ, ସେନେଇ ରିପୋର୍ଟ ଆଗାମୀ ଶୁଣାଣିରେ ଦାଖଲ କରିବେ। ସ୍ୱତନ୍ତ୍ର ଅଧିକାରୀଙ୍କୁ ସୁରକ୍ଷା ଓ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବା ପାଇଁ ସ୍ଥାନୀୟ ପୁଲିସ ସମେତ ଅନ୍ୟ ସରକାରୀ ଅଧିକାରୀମାନଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱତନ୍ତ୍ର ଅଧିକାରୀଙ୍କ ପ୍ରାପ୍ୟ ବାବଦରେ ୩୪ହଜାର ଟଙ୍କା ଆବେଦନକାରୀ ପ୍ରଦାନ କରିବେ। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ପ୍ରଜ୍ଞାପାରମିତା ପାଢ଼ୀଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆବେଦନକାରୀଙ୍କ ଅଭିଯୋଗ ଅନୁଯାୟୀ, ସମସ୍ତ ଆନୁଷଙ୍ଗିକ ଆଇନଗତ ପ୍ରକ୍ରିୟା, କାଗଜପତ୍ର ଦାଖଲ ଓ ଔପଚାରିକତା ପୂରଣ କରିବା ସତ୍ତ୍ୱେ ପ୍ରଶାସନ ପକ୍ଷରୁ ତାଙ୍କୁ ପଥର ଖଣି ବାବଦରେ ଆବଶ୍ୟକ ଅନୁମତି ଓ ସୁବିଧା ଦିଆଯାଉ ନାହିଁ। ଓଲଟା ପ୍ରଶାସନ ବେଆଇନ ଖଣି ଖନନ କାର୍ଯ୍ୟକୁ ପ୍ରଶ୍ରୟ ଦେଉଛି। ଏ ନେଇ ଗୁଗୁଲ ଆପ୍ ଜରିଆରେ ଉତ୍ତୋଳିତ କିଛି ଫଟୋଚିତ୍ର ମଧ୍ୟ ଶୁଣାଣି ବେଳେ ଉପସ୍ଥାପନ କରାଯାଇଥିଲା। ବେଆଇନ ବ୍ଲାଷ୍ଟିଂ ଓ ପଥର ପରିବହନ ସଂକ୍ରାନ୍ତରେ ଏଥିରୁ ସ୍ପଷ୍ଟ ହୋଇଥିଲା। ହାଇକୋର୍ଟ ଏହି ମାମଲାକୁ ଗୁରୁତ୍ୱର ସହିତ ଗ୍ରହଣ କରି କହିଛନ୍ତି ଯେ, ପ୍ରାକୃତିକ ସମ୍ପଦ ହେଉଛି ଜାତୀୟ ସମ୍ପତ୍ତି। ଏହାର ଅପବ୍ୟବହାର ବା ଚୋରିକୁ ରୋକିବା ପାଇଁ ସୁପ୍ରିମକୋର୍ଟ ତଥା ହାଇକୋର୍ଟ ପୂର୍ବରୁ ମଧ୍ୟ କଡ଼ା ନିର୍ଦ୍ଦେଶ ଦେଇଆସିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୧୫କୁ ଧାର୍ଯ୍ୟ କରାଯାଇଛି। ଆବେଦନକାରୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ପ୍ରଫୁଲ୍ଲ କୁମାର ରଥ ମାମଲା ପରିଚାଳନା କରୁଛନ୍ତି।

## କାଳଷଣ୍ଢପୁର ଠାରେ ସଡ଼କ ସୁରକ୍ଷା ସପ୍ତାହ ଅବସରରେ ହେଲମେଟ ପ୍ରଦାନ

ଆସିକା (ନିପ୍ର): ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ କାଳଷଣ୍ଢପୁର ଛକ ଠାରେ ମାଗଣା ହେଲମେଟ ପ୍ରଦାନ। ଭାରତ ସରକାରଙ୍କ ସଡ଼କ ସୁରକ୍ଷା ଅଭିଯାନ ପାଇଁ ସେବା ସପ୍ତାହ ପାଳନ ଅବସରରେ ଆସିକା କାଳଷଣ୍ଢପୁର ଛକ ୫୯ ନମ୍ବର ଜତୀୟ ରାଜପଥରେ ଭଞ୍ଜନଗର ଆରଟିଓଙ୍କ ସଂଯୋଜନା ଓ ଆସିକା ପୋଲିସ ମିଳିତ ଭାବେ ବାଇକ ଆରୋହୀ ମାନଙ୍କୁ ମାଗଣା ହେଲମେଟ ସହ ଗୋଲାପ ଫୁଲ ପ୍ରଦାନ କରାଯାଇଛି। ଏହି ଅବସରରେ ଭଞ୍ଜନଗର ଆରଟିଓ ପକ୍ଷରୁ ଜୁନିଅର ଆରଟିଓ ସୁବାଶିଷ ମହାରଣା,ଏଟିଏସ ଆଇ ଏସ କେ ଅନସୁଦ୍ଦିନ, ଆସିକା ପୋଲିସ ଏ ଏସ ଆଇ ପଞ୍ଚାନନ ପ୍ରଧାନ , ବସ ୟୁନିୟନ ସନ୍ତୋଷ ପୋଲାଇ, ଡ୍ରାଇଭର ମହାସଙ୍ଘ ଜଗନ୍ନାଥ ବେହେରା, ଆଇନଜୀବି ଅନିଲ କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## କାଶୀନଗର ବିଡ଼ିଓଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

କାଶୀନଗର (ନିପ୍ର): କାଶୀନଗର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ ମଧ୍ୟରେ ବିଡ଼ିଓ ଡମ୍ବୁରୁଧର ମଲ୍ଲିକ ପଦୋନ୍ନତି ପାଇ ବଲାଙ୍ଗୀର ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ହୋଇ ବଦଳି ହୋଇଥିବା ହେତୁ ତାଙ୍କ ଉଦେଶ୍ୟରେ ବିଦାୟ କାଳୀନ ସମ୍ବର୍ଦ୍ଧନା ଦେବା ସକାଶେ ଏକ ବୈଠକ ପଞ୍ଚାୟତ ସମିତି ଅଧକ୍ଷା ବାଲା ସାଇମ୍ମାଙ୍କ ଅଧକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ବିଦାୟୀ ବିଡ଼ିଓ ଜଣେ ସରଳ, ଶାନ୍ତ, ନିଷ୍ପାପର, ନିଷ୍କପଟ ଏବଂ ସମୟାନୁବର୍ତ୍ତିତ ଭାବେ ନିଜ କାର୍ଯ୍ୟ ତୁଲେଇ ସମସ୍ତ ସରପଞ୍ଚ, ସମିତି ସଭ୍ୟ ଓ କର୍ମଚାରୀଙ୍କ ସହ ଭଲ ସମ୍ପର୍କ ରଖିବା ସହ ତାଙ୍କ ବାକ ଚତୁରତା ସହ ସମସ୍ତଙ୍କୁ ବାନ୍ଧି ରଖି ପଞ୍ଚାୟତର ଉନ୍ନୟନ କାମ ସବୁ କରିପାରୁଥିଲେ ବୋଲି ସମସ୍ତ ପି.ଆର.ଆଇ ସଦସ୍ୟ କହିବା ସହ ତାଙ୍କ ସମୟରେ କାଶୀନଗର ବ୍ଲକର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମାପନ ହୋଇଥିଲା।

## ବଳଦେବ ସ୍ୱାମୀ ବରିଷ୍ଠ ନାଗରିକ ଟ୍ରଷ୍ଟ ବୈଠକ

ବୁଗୁଡ଼ା(ନିପ୍ର): ବୁଗୁଡ଼ା ବଳଦେବ ସ୍ୱାମୀ ବରିଷ୍ଠ ନାଗରିକ ଟ୍ରଷ୍ଟ ସାଧାରଣ ବୈଠକ ଅନୁଷ୍ଠିତ ହୋଇ ଟ୍ରଷ୍ଟର ନୂତନ କମିଟି ଗଠିତ କରାଯାଇଛି। ନିର୍ବାଚନ ଅଧିକାରୀ ଭାବେ ବିଶ୍ୱ ମୋହନ ମିଶ୍ର, ଗୌରୀଶଙ୍କର ମିଶ୍ର ଓ ସୂର୍ଯ୍ୟନାରାୟଣ ଦାସ ମିଳିତ ଭାବେ ପ୍ରସ୍ତାବ ସମର୍ଥନ ମାଧ୍ୟମରେ କମିଟିର ନୂତନ କର୍ମକର୍ତ୍ତା ଚୟନ କରିଥିଲେ। ଅଧକ୍ଷ ଭାବେ ଗଙ୍ଗାଧର ବିଶୋଇ, ଉପାଧକ୍ଷ କେ . ଅଶୋକ କୁମାର ପାତ୍ର, ସମ୍ପାଦକ ଟି.ସତ୍ୟନାରାୟଣ ପାତ୍ର, ଯୁଗ୍ମ ସମ୍ପାଦକ ଉଦୟନାଥ ଦଳବେହେରା, ସହ ସମ୍ପାଦକ ଗୌରୀଶଙ୍କର ମିଶ୍ର, କୋଷାଧକ୍ଷ ତ୍ରିଲୋଚନ ସାହୁ, ଓ ଉପଦେଷ୍ଟା ବସନ୍ତ କୁମାର ଦଳେଇ ନିର୍ବାଚିତ ହୋଇଛନ୍ତି। ବିଧି ମୁତାବକ ନବ ନିର୍ବାଚିତ କର୍ମକର୍ତ୍ତା ଶପଥ ପାଠ କରିବା ସହ ସମ୍ବର୍ଦ୍ଧିତ କରାଯାଇଥିଲା। ନୂତନ କର୍ମକର୍ତ୍ତା ବରିଷ୍ଠ ନାଗରିକ କଲ୍ୟାଣ, ସୁରକ୍ଷା ଓ ସମାଜ ସେବା ପଦକ୍ଷେପ ନେବା ନିମନ୍ତେ ଗୁରୁତ୍ୱ ଆରୋପ କରିଥିଲେ।

## 'ମହିଳା ସୁରକ୍ଷା,ଲିଙ୍ଗଗତ ସମାନତା ପାଇଁ ସଚେତନତା ଲୋଡ଼ା'




କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ ତେଲିଟିଳେଇମାଲ ପଞ୍ଚାୟତର ଡନସନାଡ଼ିହି ଗ୍ରାମରେ ଭୁବନେଶ୍ୱର ଜାତୀୟ ଭାରତ ପ୍ରତିଷ୍ଠାନ ଓ ରୋପ ଅନୁଷ୍ଠାନର ମିଳିତ ଆନୁକୁଲ୍ୟରେ ବୁଧବାର ମହିଳା ଅଧିକାର, ଲିଙ୍ଗଗତ ସମାନତା ଓ ସାମାଜିକ ଅନ୍ତର୍ଭୁକ୍ତିକରଣ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରୋପର ସଂଯୋଜକ ବିମଳ ମେହେରଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ କୁଚିଣ୍ଡା ଉପଖଣ୍ଡ ଶିଶୁ ସୁରକ୍ଷା ଅଧିକାରୀ ସରିତା ମହାପାତ୍ର ମୁଖ୍ୟଅତିଥି ଓ ଆଇସିଡିଏସ ସୁପରଭାଇଜର ଯମୁନା ବାଘ ମୁଖ୍ୟବକ୍ତା,ଏମବିକେ ବିଶାଖା କିଷାନ,ଏନଏସି ବସୁମତୀ ପ୍ରଧାନ, ଅଙ୍ଗନୱାଡ଼ି କର୍ମୀ ଦୀପାଞ୍ଜଳୀ ନାୟକ,ଆଶାକର୍ମୀ ସୁରେଖା ବାଙ୍କରା, କୃଷିମିତ୍ର ମଞ୍ଜୁଲତା ନାଏକ, ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଉମା ମିର୍ଦ୍ଧା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ତାଙ୍କ ବକ୍ତବ୍ୟରେ କହିଥିଲେ,ମହିଳା ଅଧିକାର, ଲିଙ୍ଗଗତ ସମାନତା ଓ ସାମାଜିକ ଅନ୍ତର୍ଭୁକ୍ତିକରଣ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ଏହାଛଡା ମହିଳାଙ୍କ ପ୍ରତି ଘରୋଇ ହିଂସା, ଯୌତୁକ ପ୍ରଥା, ଯୌନ ଉତ୍ପୀଡନ, ଲିଙ୍ଗଗତ ଭେଦଭାବକୁ ରୋକିବା ପାଇଁ ସମାଜର ପ୍ରତ୍ୟେକ ଲୋକ ସହଯୋଗ କରିବା ସହ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ପରେ ଅତିଥିମାନଙ୍କ ଦ୍ୱାରା ଡନସନାଡ଼ିହି ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାରର ଚାରା ରୋପଣ କରାଯାଇଥିଲା। ଶେଷରେ ରୋପ ସଭ୍ୟା ଜୁଳି ମହନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟ ମହିଳା ମୋର୍ଚ୍ଚା ପକ୍ଷରୁ ୨୦ ଜଣଙ୍କୁ ନାରୀ ଶକ୍ତି ସମ୍ମାନ




ବ୍ରହ୍ମପୁର,(ନିପ୍ର): ଶାରଦୀୟ ଦୁର୍ଗା ପୂଜା ଅବସରରେ ରାଜ୍ୟ ବିଜେପି ମହିଳା ମୋର୍ଚ୍ଚା ତରଫରୁ ଗଞ୍ଜାମ ଜିଲ୍ଲା ମହିଳା ମୋର୍ଚ୍ଚାର ମିଳିତ ସହଯୋଗରେ ୨୦ ଜଣ ମହିଳାଙ୍କୁ ନାରୀ ଶକ୍ତି ସମ୍ମାନ ପ୍ରଦାନ କରାଯାଇଛି। ହୋଟେଲ୍ ମୋତି ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଡ଼ା ଐଶ୍ୱର୍ଯ୍ୟା ବିଶ୍ୱାଳ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମହିଳାମୋର୍ଚ୍ଚା ରାଜ୍ୟ ଉପସଭାନେତ୍ରୀ ତଥା ପୂର୍ବତନ ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଅନୁଜା ନନ୍ଦ ବିଶ୍ୱାଳ ଅଧକ୍ଷତା କରି ଏପରି କାଯ୍ୟକ୍ରମ ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ମହିଳା ମାନେ ନିଜକୁ ଅବଳା ନଭାବି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ସେ କହିଥିଲେ। ସମ୍ମାନୀତ ଅତିଥି ଭାବେ କର୍ପୋରେଟର୍ ବନିତା ସାହୁ ଉପସ୍ଥିତ ରହି ମହିଳା ମାନଙ୍କୁ ନିଜ ବକ୍ତବ୍ୟରେ ଉତ୍ସାହିତ କରିଥିଲେ। ଶେଷରେ ମହିଳାମୋର୍ଚ୍ଚା ସାଧାରଣ ସଂପାଦିକା ମୋନିକା ପ୍ରହରାଜ ଧନ୍ୟବାଦ୍ ଅର୍ପଣ କରିଥିଲେ। ସୂଚନା ଯୋଗ୍ୟ ଏଠାରେ ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ମହାନଗର ଓ ଜିଲ୍ଲାର ମହିଳା ମାନଙ୍କୁ ଏପରି ଶକ୍ତି ସମ୍ମାନ ପ୍ରଦାନ କରାଯାଇଥିଲା । ଡାକ୍ତରଙ୍କ ଠାରୁ ଆରମ୍ଭ କରି ସମାଜସେବୀକା, ଲେଖିକା, କଣ୍ଠଶିଳ୍ପୀ, ସିଲେଇ କରି ଜୀବିକା ନିର୍ବାହ କରୁଥିବା ମହିଳା ,କ୍ରୀଡ଼ା କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ମହିଳାଙ୍କ ସମେତ ଅନ୍ୟାନ୍ୟ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ମହିଳାଙ୍କୁ ପବିତ୍ର ଦୁର୍ଗା ପୂଜା ଉପଲକ୍ଷେ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ମହିଳା ମାନଙ୍କ ପ୍ରତି ରହିଥିବା ସମ୍ମାନ ଉଦ୍ଦେଶ୍ୟରେ ଏହି ସମ୍ମାନ ଉତ୍ସବ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମହିଳା ମୋର୍ଚ୍ଚା ତରଫର ଗୀତା ଦାଶ, ରୀନା ମହାରଣା,ରଞ୍ଜିତ ଡାକୁଆ ସୁଜାତା ଷଡ଼ଙ୍ଗୀ, ସସ୍ମିତା ବିଶ୍ୱାଳ, ଲୁହାଝରର ସରପଞ୍ଚ କମଳା ରେଡ୍ଡି ଓ ମମତା ରଣାଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ। ପ୍ରାରମ୍ଭରେ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସ୍ତ କଳାକାରମାନଙ୍କୁ ମଧ ପୁରସ୍କାର ପ୍ରଦାନ କରାଯାଇଥିଲା।

## ପ୍ରଶାସନିକ ବୈଠକକୁ ପୂଜା କମିଟିଙ୍କ ବର୍ଜନ
### ପୂଜା କାର୍ଯ୍ୟକ୍ରମର ସମୟସୀମା ବୃଦ୍ଧିକୁ ନେଇ ଅସନ୍ତୋଷ

କେନ୍ଦ୍ରାପଡ଼ା,(ନିପ୍ର): ପୂଜା ପରିଚାଳନାକୁ ନେଇ କେନ୍ଦ୍ରାପଡ଼ାରେ ଦେଖାଦେଇଛି ଅସନ୍ତୋଷ। ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆଜି ଅନୁଷ୍ଠିତ ହେବାକୁ ଥିବା ପ୍ରଶାସନିକ ବୈଠକକୁ ବିଭିନ୍ନ ପୂଜା କମିଟି ବର୍ଜନ କରିଛନ୍ତି। ପୂଜା କାର୍ଯ୍ୟକ୍ରମର ସମୟସୀମା, ସମନ୍ୱୟ କମିଟି ଗଠନ, ଲଟେରୀ ଡ୍ର ଓ ବିସର୍ଜନ ଉତ୍ସବର ପରିଚାଳନାକୁ ନେଇ ଏହି ବୈଠକରେ ଆଲୋଚନା ହେବାର ଥିଲା। ପୂଜା କମିଟିଗୁଡ଼ିକର କହିବା ଅନୁଯାୟୀ, ବର୍ତ୍ତମାନ ଠାକୁରଙ୍କ ପୂଜା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପାଇଁ ରାତି ୧୦ଟା ପର୍ଯ୍ୟନ୍ତ ସମୟ ନିର୍ଦ୍ଧାରିତ ରହିଛି। ଏହି ସମୟସୀମାକୁ ରାତି ୧୨ଟା ପର୍ଯ୍ୟନ୍ତ ବୃଦ୍ଧି କରିବାକୁ କମିଟିଗୁଡ଼ିକ ପକ୍ଷରୁ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରାଯାଇଥିଲା। ପ୍ରଶାସନ ଏହି ଅନୁରୋଧକୁ ଗ୍ରହଣ କରିଥିବା ସତ୍ତ୍ୱେ ବିଭିନ୍ନ କାରଣରୁ ପୂଜା କମିଟିଗୁଡ଼ିକ ବୈଠକରେ ଯୋଗ ନଦେଇ ବର୍ଜନ କରିଥିବା ଜଣାପଡ଼ିଛି। ପୂଜାକୁ ଶୃଙ୍ଖଳିତ ଓ ସୁବ୍ୟବସ୍ଥିତ ଭାବେ ପରିଚାଳନା କରିବା ସହ ବିସର୍ଜନ ଉତ୍ସବର ସୁପରିଚାଳନା ପାଇଁ ପ୍ରଶାସନ ଓ ପୂଜା କମିଟି ମଧ୍ୟରେ ସମନ୍ୱୟ ଜରୁରୀ। ଏପରି ସ୍ଥିତିରେ ବୈଠକ ବର୍ଜନ ପରେ ପୂଜା ପରିଚାଳନା ନେଇ ପ୍ରଶାସନ ପରବର୍ତ୍ତୀ ସମୟରେ କି ପଦକ୍ଷେପ ଗ୍ରହଣ କରୁଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

## କର୍ମ କ୍ଷେତ୍ରରେ ମହିଳା ନିର୍ଯାତନା ବିରୋଧରେ ସଚେତନତା




ପୁରୀ (ନିପ୍ର): ମହିଳାଟି ପ୍ରଥମେ ମାଆ ଟିଏ। ମାଆର ସମ୍ମାନ ପୌରାଣିକ ଠାରୁ ଐତିହାସିକ ପର୍ଯ୍ୟନ୍ତ ସବୁ ଯୁଗରେ ସର୍ବାଗ୍ରେ। ସାମ୍ପ୍ରତିକ ସମାଜରେ ମହିଳାମାନଙ୍କ ପ୍ରତି ଅବହେଳା ଅତ୍ୟନ୍ତ ଦୁଃଖଦ ଓ ପରିତାପର ବିଷୟ। ନିଜ ଅଧିକାର ଓ ଆଇନରେ ଥିବା ବ୍ୟବସ୍ଥା ସମ୍ପର୍କରେ ଜାଣିଲେ ଅବହେଳା ଓ ଅସମ୍ମାନକୁ ପ୍ରତିହତ କରାଯାଇ ପାରିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଆଜି ପୂର୍ବାହ୍ନରେ ଉପ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ କର୍ମ କ୍ଷେତ୍ରରେ ମହିଳା ନିର୍ଯ୍ୟାତନା ବିରୁଦ୍ଧରେ ଏକ ଦିବସୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗ ଦେଇ ଉପ ଜିଲ୍ଲାପାଳ ରାଜ କିଶୋର ଜେନା ପୌରାଣିକ ଉପାଖ୍ୟାନ ମାଧ୍ୟମରେ ଦୁର୍ଗା, ଲକ୍ଷ୍ମୀ, ପାର୍ବତୀ, କୁନ୍ତୀ, ଦ୍ରୌପଦୀ, ସୀତା ପ୍ରଭୃତିଙ୍କ ଉଦାହରଣ ମାଧ୍ୟମରେ ମହିଳା ମାନଙ୍କୁ ମିଳୁଥିବା ସମ୍ମାନ ଓ ସ୍ୱାଭିମାନ ସମ୍ପର୍କରେ ଆଲୋଚନା କରିବା ସହ ସାମ୍ପ୍ରତିକ ସ୍ଥିତିରେ ମହିଳାମାନେ ନିଜ ଅଧିକାର ଓ ଦାୟିତ୍ୱ ବିଷୟରେ ଅବଗତ ହୋଇ କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁରୋଧ କରିଥିଲେ। କୌଣସି ଘଟଣା ଘଟିଲେ ଆଇନ ଅନୁଯାୟୀ ତାହାର ଉପଚାର କରିବା ଆବଶ୍ୟକ। ନୀରବ ହୋଇ ତାହା ସହିବା ଅର୍ଥ ନିର୍ଯ୍ୟାତନା କାରୀ ଙ୍କୁ ପ୍ରୋତ୍ସାହିତ କରିବା ଓ ପରବର୍ତ୍ତୀ ପିଢ଼ି ପାଇଁ ବିପଦ ସୃଷ୍ଟି କରିବା ବୋଲି କହିଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ,ସୂଚନା ଓ ଲୋକ ସମ୍ପର୍କ ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ପୋଲିସ ଡିଏସପି ସସ୍ମିତା ବେହେରା, ଇନିସପେକ୍ଟର ସୁକାନ୍ତି ମୁର୍ମୁ ପ୍ରମୁଖ ଯୋଗ ଦେଇ ମହିଳାମାନଙ୍କ ସମ୍ମାନ, ଅଧିକାର,ସ୍ୱାଭିମାନକୁ ଅକ୍ଷୁର୍ଣ୍ଣ ରଖିବା ସମସ୍ତଙ୍କ ଦାୟିତ୍ୱ। ସମସ୍ତ କାର୍ଯ୍ୟାଳୟରେ ମହିଳା ନିର୍ଯ୍ୟାତନା ଅଭିଯୋଗ ସେଲ ରହିଛି। କୌଣସି କ୍ଷେତ୍ରରେ କିଛି ବି ନିର୍ଯ୍ୟାତନା ଘଟଣା ଘଟିଲେ ତୁରନ୍ତ ଅଭିଯୋଗ କଲେ ସେ ସମ୍ପର୍କରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଓ ଦୋଷୀ ଦଣ୍ଡିତ ହେବାର ବ୍ୟବସ୍ଥା ରହିଛି ବୋଲି ସ୍ପଷ୍ଟ କରିଦେଇଥିଲେ।

## ଯୌତୁକ ପ୍ରଥା ଓ ଘରୋଇ ହିଂସା ନିବାରଣ ନିମନ୍ତେ ଜିଲ୍ଲାସ୍ତରୀୟ କର୍ମଶାଳା



କଟକ(ନିପ୍ର): ମହିଳାଙ୍କ ସୁରକ୍ଷା ସୁନିଶ୍ଚିତ କରିବା ସହ ଘରୋଇ ହିଂସା ଓ ଯୌତୁକ ପ୍ରଥା ଭଳି ସାମାଜିକ ବ୍ୟାଧିର ନିବାରଣ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଏକ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଯୋଗଦେଇ ମହିଳାଙ୍କ ଅଧିକାରର ସୁରକ୍ଷା ଏବଂ ଘରୋଇ ହିଂସା ଓ ଯୌତୁକଜନିତ ନିର୍ଯାତନାର ମୂଳୋତ୍ପାଟନ ପାଇଁ ଜନସଚେତନତା ଓ ସାମୂହିକ ଉଦ୍ୟମର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ମହିଳାମାନେ କେବଳ ଆଇନଗତ ସହାୟତା ଉପରେ ନିର୍ଭର ନକରି ନିଜର ଅଧିକାର, ଆଇନଗତ ବ୍ୟବସ୍ଥା ଏବଂ ଉପଲବ୍ଧ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ସଚେତନ ହେବା ଆବଶ୍ୟକ ବୋଲି ସେ ମତପ୍ରକାଶ କରିଥିଲେ। ଏଥିସହ ଜିଲ୍ଲାରେ ଘରୋଇ ହିଂସା ଓ ଯୌତୁକଜନିତ ନିର୍ଯାତନାର ପ୍ରତିରୋଧ, ପୀଡ଼ିତାଙ୍କୁ ତ୍ୱରିତ ସହାୟତା ପ୍ରଦାନ ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ସୁଦୃଢ଼ କରିବା ନିମନ୍ତେ ଏକ ସୁସ୍ପଷ୍ଟ ମାନକ କାର୍ଯ୍ୟପଦ୍ଧତି ବା ଏସଓପି ପ୍ରସ୍ତୁତ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ। କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ବିନୋଦିନୀ ବେହେରା, ପୁଲିସ ଅଧିକାରୀ ପ୍ରତିମା ବେହେରା ଏବଂ ଶିଶୁ ମଙ୍ଗଳ କମିଟିର ଅଧକ୍ଷ ମାନସ କୁମାର ବିଶ୍ୱାଳଙ୍କ ସମେତ ବିଷୟ ବିଶେଷଜ୍ଞ ଶର୍ମିଷ୍ଠା ନାଥ, ଅନୁରାଧା ମହାନ୍ତି ଓ ସରିତା ଦାସ ଯୋଗଦେଇ ଘରୋଇ ହିଂସା ନିବାରଣ ଆଇନ, ଯୌତୁକ ନିଷେଧ ଆଇନ, ମହିଳାଙ୍କ ଆଇନଗତ ଅଧିକାର ଏବଂ ଘରୋଇ ହିଂସା ଓ ଯୌତୁକ ପ୍ରଥା ଭଳି ସାମାଜିକ ସମସ୍ୟାଗୁଡ଼ିକର ପ୍ରତିରୋଧ ପାଇଁ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ।

## ଦୁର୍ଗାପୂଜା ପାଇଁ ଚଳଚଞ୍ଚଳ ସାଲେପୁର, ମଣ୍ଡପରେ ଜୋର୍‌ଦାର ପ୍ରସ୍ତୁତି

ସାଲେପୁର,(ନିପ୍ର): ଆଉ କେଇଟା ଦିନ ପରେ ଧରାପୃଷ୍ଠକୁ ଅବତରଣ କରିବେ ଜଗତଜନନୀ ମା' ଦୁର୍ଗା। ମା'ଙ୍କ ଆଗମନକୁ ନେଇ ଗାଁଠୁ ସହର ସବୁଠି ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଛି। ଏଥିରୁ ବାଦ୍ ପଡ଼ିନି ସାଲେପୁର ସହର ଓ ଏହାର ଆଖପାଖ ଅଞ୍ଚଳ। ମା'ଙ୍କୁ ସ୍ୱାଗତ କରିବା ପାଇଁ ବିଭିନ୍ନ ପୂଜା ମଣ୍ଡପରେ ପ୍ରସ୍ତୁତି ଜୋରଦାର ଚାଲିଛି। ସାଲେପୁର ଅଞ୍ଚଳର ଚନ୍ଦ୍ରାଦେଇପୁର ହାଟ ଦୁର୍ଗାପୂଜା, ମାଛୁଆଟି, ରୋଧପୁର, ବେଲହୁଡ଼ା, ଜପକୁଦ, କଲ୍ୟାଣପୁର ଓ ବହୁଗ୍ରାମ ଦୁର୍ଗାପୂଜା ମଣ୍ଡପରେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ପ୍ରସ୍ତୁତି। ଚଳିତ ବର୍ଷ ମା'ଙ୍କ ପୂଜାକୁ ଆକର୍ଷଣୀୟ କରିବା ପାଇଁ ପୂଜା କମିଟିଗୁଡ଼ିକ ପକ୍ଷରୁ ବିଭିନ୍ନ ଯୋଜନା କରାଯାଇଛି। ସୁଉଚ୍ଚ ତୋରଣ ସାଙ୍ଗକୁ ରଙ୍ଗବେରଙ୍ଗର ଆଲୋକମାଳାରେ ଝଲସିବ ପୂଜା ମଣ୍ଡପ। ମା'ଙ୍କ ଆକର୍ଷଣୀୟ ମୃଣ୍ମୟୀ ମୂର୍ତ୍ତି ନିର୍ମାଣରେ ଲାଗିପଡ଼ିଛନ୍ତି ଶିଳ୍ପୀ ଓ କାରିଗର। ମୂର୍ତ୍ତିରେ ଶେଷ ସ୍ପର୍ଶ ଦେବା ସହ ମଣ୍ଡପ ସାଜସଜ୍ଜା କାର୍ଯ୍ୟକୁ ଶୀଘ୍ର ଶେଷ କରିବା ପାଇଁ ଚାଲିଛି ଉଦ୍ୟମ। ଅନ୍ୟପକ୍ଷରେ ପୂଜା ସମୟରେ ଶ୍ରଦ୍ଧାଳୁମାନେ ଯେପରି ଶାନ୍ତିଶୃଙ୍ଖଳାର ସହ ମା'ଙ୍କ ଦର୍ଶନ କରିପାରିବେ, ସେଥିପାଇଁ ପୂଜା କମିଟିଗୁଡ଼ିକ ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା କରାଯାଉଛି। ଚଳିତ ବର୍ଷ ପୂଜା ମଣ୍ଡପଗୁଡ଼ିକରେ ଡିଜେ ସାଉଣ୍ଡ ପରିବର୍ତ୍ତେ ସିଂହବାଜା, ଘଣ୍ଟଘଣ୍ଟା ଆଦି ପାରମ୍ପରିକ ବାଦ୍ୟରେ ମା'ଙ୍କ ପୂଜା ଓ ଶୋଭାଯାତ୍ରାକୁ ଗୁରୁତ୍ୱ ଦିଆଯିବ। ଏଥିସହ ପ୍ରତିଦିନ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ମଧ୍ୟ ଯୋଜନା ରହିଛି। ମା'ଙ୍କ ଆଗମନକୁ ନେଇ ପୂଜା କମିଟିର କର୍ମକର୍ତ୍ତାଙ୍କଠାରୁ ଆରମ୍ଭ କରି ଶିଳ୍ପୀ, କାରିଗର ଓ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଦେଖାଦେଇଛି ଅପାର ଉତ୍ସାହ ଓ ଉଦ୍ଦୀପନା।

## କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୬'

ଚାରିଛକ ( ନିପ୍ର,): ସ୍ଥାନୀୟ ଚାରିଛକ ନିକଟସ୍ଥ ଭୋଦର ସ୍ଥିତ ସରକାରୀ ଭଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଭୋଦର କ୍ଲଷ୍ଟର ସାଧନ କେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୬' ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶୁଶାନ୍ତ କୁମାର ଦାସଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଚାରିଛକ ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ଅଧକ୍ଷ ବିଭୂତି ଭୂଷଣ ରଥ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସିଆରସିସି ମଧୁସୂଦନ ପଟ୍ଟନାୟକ, ପ୍ରଧାନ ଶିକ୍ଷକ ଚିନ୍ମୟ କୁମାର ମିଶ୍ର, ଚାରିଛକ ଅନ୍ନପୂର୍ଣ୍ଣା ସରକାରୀ ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ଆଚାର୍ଯ୍ୟ, ଶିକ୍ଷାବିତ୍ ଦେବେନ୍ଦ୍ର ନାଥ ସ୍ୱାଇଁ ଏବଂ ବିଦ୍ୟାଳୟ ପରିଚାଳନା କମିଟି (ଏସଏମସି) ସଭାପତି ଶ୍ୟାମସୁନ୍ଦର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଗ୍ରାମାଞ୍ଚଳରେ ଥିବା ଲୁକ୍କାୟିତ ପ୍ରତିଭା ଓ କଳାକୁ ଲୋକଲୋଚନକୁ ଆଣିବା ସହ ଶିଶୁମାନଙ୍କ ସର୍ବାଙ୍ଗୀନ ବିକାଶ ଦିଗରେ 'ସୁରଭି' ସରକାରଙ୍କ ଏକ ଅନନ୍ୟ ପ୍ରୟାସ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ କ୍ଲଷ୍ଟର ଅଧୀନରେ ଥିବା ବିଭିନ୍ନ ବିଦ୍ୟାଳୟର ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ, ପ୍ରବନ୍ଧ ଲିଖନ, ସଙ୍ଗୀତ ଓ ନୃତ୍ୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ତଥା ଉତ୍ସାହିତ କରାଯାଇଥିଲା।

## ପୂଜା ପୂର୍ବରୁ ସିଡିଏରେ ଟ୍ରାଫିକ୍ ବିପର୍ଯ୍ୟସ୍ତ, ଗାଏବ ଟ୍ରାଫିକ୍ ପୋଲିସ !

କଟକ(ନିପ୍ର) : ପୂଜା ପୂର୍ବରୁ ବିପର୍ଯ୍ୟସ୍ତ ଟ୍ରାଫିକ ସେବା। ଟ୍ରାଫିକ ପୋଲିସଙ୍କ ମିଳୁନି ଦେଖା। ସିସିଟିଭି ଲଗାଇ ଦେଇ ଚୁପ ପ୍ରଶାନସ। କଟକର ଅନ୍ୟତମ ପ୍ରମୁଖ ତଥା ପ୍ଲାନ୍ ସାଟେଲାଇଟ୍ ସିଟି ଭାବେ ପରିଚିତ ସିଡିଏ ଅଞ୍ଚଳରେ ଏବେ ଟ୍ରାଫିକ୍ ସମସ୍ୟା ଚରମ ସୀମାରେ ପହଞ୍ଚିଛି। ସହରର ବିକାଶ ସହ ଗାଡ଼ି ମଟର ସଂଖ୍ୟା ବଢୁଥିବା ବେଳେ ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ଅଞ୍ଚଳର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଟ୍ରାଫିକ୍ ପୋଷ୍ଟଗୁଡ଼ିକରେ ଜଣେ ହେଲେ ଟ୍ରାଫିକ୍ କର୍ମଚାରୀ ନଜର ଆସୁନାହାନ୍ତି । କେବଳ କ୍ୟାମେରା ଏବଂ ସିଗନାଲ ଲାଇଟ୍ ଲଗାଇ ଦେଇ ଟ୍ରାଫିକ୍ ବିଭାଗ ନିଜ କର୍ତ୍ତବ୍ୟ ସାରିଦେଇଛି। ଫଳରେ ପ୍ରତିଦିନ ଲୋକେ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି କର୍ପୋରେଟର। ଏହି ପ୍ରମୁଖ ଟ୍ରାଫିକ ପୋଷ୍ଟ ଦୀର୍ଘ ଦିନ ହେବ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ଅବସ୍ଥାରେ ପଡ଼ିରହିଛି। ରକ୍ଷଣାବେକ୍ଷଣ ଅଭାବରୁ ଏହି ପୋଷ୍ଟ ଉପରେ ଗଛଲତା ମାଡ଼ି ଯିବା ସହିତ ଭାଙ୍ଗିରୁଜି ଗଲାଣି । ଖାଲି ଏହି ଗୋଟିଏ ଛକ ନୁହେଁ ଏକାଧିକ ଗୁରୁତ୍ୱପୂର୍ଣ୍ଣ ଛକରେ ସମାନ ସ୍ଥିତି ଦେଖିବାକୁ ମିଳିଛି। ସେକ୍ଟର-୬ ନୂଆ ରୋଡ଼ ରାସ୍ତା, ସେକ୍ଟର-୧୦ମାଛ ମାର୍କେଟ ଗୋଲେଇ ଛକ ଏବଂ ପ୍ରତିଷ୍ଠିତ ଜଷ୍ଟିସ୍ ଛକ ଆଦି ସ୍ଥାନରେ କେବଳ ଟ୍ରାଫିକ୍ ପୋଷ୍ଟ ଠିଆ ହୋଇ ରହିଛି । ମାତ୍ର ଭିଡ଼ ସମୟରେ ଗାଡ଼ି ଚଳାଚଳକୁ ନିୟନ୍ତ୍ରିତ କରିବା ପାଇଁ ସେଠାରେ କୌଣସି କର୍ମଚାରୀଙ୍କ ଦେଖା ମିଳୁନି।

# ବିନା ଡାକ୍ତର ଓ ନର୍ସରେ ଚାଲିଛି ନିମାଣୀ ସ୍ୱାସ୍ଥ୍ୟକେନ୍ଦ୍ର
## ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ବେଖାତିର !

ଭାପୁର,(ନିପ୍ର): ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସରକାର ପ୍ରାଥମିକତା ଦେଉଥିବା ନେଇ ଘୋଷଣା କରୁଥିବାବେଳେ ତୃଣମୂଳ ସ୍ତରରେ ଓଲଟା ଦେଖିବାକୁ ମିଳୁଛି। ଡାକ୍ତରଖାନାକୁ ଡାକ୍ତର ମନଇଛା ମାସକୁ ଥରେ ଦୁଇ ଥର ଆସି ତାଙ୍କ କାମ ସାରିଦେଉଛନ୍ତି। ଏ ନେଇ ବିଧାୟକ ଓ ଜିଲ୍ଲାପାଳଙ୍କୁ ଅଭିଯୋଗ କଲାପରେ ଡାକ୍ତର ପ୍ରଶାସନିକ ତାଗିଦକୁ ବେଖାତିର କରି ଡାକ୍ତରଖାନା ନ ଆସି ଦରମା ନେଉଥିବା ଅଭିଯୋଗ ହୋଇଛି। ବିନା ଡାକ୍ତର ଓ ନର୍ସରେ ଭାପୁର ବ୍ଲକ ନିମାଣୀ ଗ୍ରାମରେ ଅବସ୍ଥିତ ସ୍ୱାସ୍ଥ୍ୟକେନ୍ଦ୍ର ୧୦ ହଜାର ଲୋକ ଡାକ୍ତରଖାନାର ପିଅନ ଓ ପାଥୋଲୋଜି ଆସିଷ୍ଟାଣ୍ଟଙ୍କ ହାତଟେକା ଔଷଧରେ ବଞ୍ଚୁଥିବା ଦେଖିବାକୁ ମିଳୁଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ଅବସ୍ଥାପିତ ଏଲୋପାଥି ଡାକ୍ତର ଦୀର୍ଘ ୧୨ ଦିନ ହେଲା ଡାକ୍ତରଖାନାକୁ ଆସିନାହାନ୍ତି। ପୂର୍ବରୁ ସେ ମାସକୁ ଦୁଇ ତିନି ଥର ଆସି ତାଙ୍କ କାମ ସାରିଦେଉଥିଲେ। ଡାକ୍ତରଙ୍କ ଏପରି ମନୋମୁଖି କାର୍ଯ୍ୟ ଓ ଡାକ୍ତରଖାନାକୁ ଅନୀୟମିତତା ଭାବେ ଆସୁଥିବା



ଯୋଗୁଁ ହଜାର ହଜାର ଲୋକ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହେଉଥିବା ନେଇ ବିଧାୟକ ଓ ଜିଲ୍ଲାପାଳଙ୍କୁ ଅଭିଯୋଗ ହୋଇଛି। ଜିଲ୍ଲାପାଳଙ୍କୁ ଦୁଇ ଦୁଇ ଥର ଜନଶୁଣାଣୀ ଶିବିରରେ ଅଭିଯୋଗ କଲାପରେ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡାକ୍ତରଙ୍କୁ ତାଗିଦ କରାଯାଇ ବିହିତ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେଠାରେ ଅବସ୍ଥାପିତ ଡାକ୍ତର ଆଦେଶକୁ ବେଖାତିର କରୁଥିବାରୁ ଜିଲ୍ଲାପାଳ, ମୁଖ୍ୟଡାକ୍ତର,ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଏ ନେଇ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ନର୍ସ ଜଣଙ୍କ ମ୍ୟାଟରନିଟି ଲିଭରେ ଥିବାବେଳେ ତାଙ୍କ ବଦଳରେ କୌଣସି ନର୍ସଙ୍କୁ ନିଯୁକ୍ତି ଦିଆଯାଇ ନାହିଁ। ସ୍ୱାସ୍ଥ୍ୟକେନ୍ଦ୍ରର ବିକଳ ଚିତ୍ରରେ ବର୍ତ୍ତମାନ ଜନସାଧାରଣ ନାହିଁ ନ ଥିବା ହଇରାଣ ହେଉଛନ୍ତି। ତେଣୁ,ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଦାବି ହୋଇଛି ନଚେତ ଆଗାମୀ ଦିନରେ ବଡ ଆନ୍ଦୋଳନକୁ ଏଡାଇ ହେବ ନାହିଁ ବୋଲି ଏଠାରେ କୁହାଯାଇଛି।

ତିଥି :(ପଞ୍ଚମୀ) : (ଜ୍ୟେଷ୍ଠା ବିଛା )

ଅମୃତ ବେଳା: ପ୍ରାତଃ ୫।୪୫ରୁ ୭।୨୨ ମଧ୍ୟେ

## ଆଜିର ଅନୁଚିନ୍ତନ

ଯେଉଁ ମନୁଷ୍ୟ ବିଭୁତି ଓ ଯୋଗକୁ
ଜାଣେ ଅବିଚଳିତ ଭକ୍ତି ଯୋଗରେ ଯୁକ୍ତ ହୋଇଯାଏ।।
- ଶ୍ରୀମଦ୍ ଭଗବଦ୍ ଗୀତା

# ବାସ୍ତବ ଆହ୍ୱାନ ଅଧିକ ଜରୁରୀ

ଅର୍ଥମନ୍ତ୍ରୀ ସୀତାରମଣ ଗତ ଜାନୁଆରୀ ୩୧ରେ ସଂସଦରେ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରିବା ବେଳେ ରିପୋର୍ଟରେ ଚଳିତବର୍ଷର ଦେଶର ଅଭିବୃଦ୍ଧି ହାର ୭.୪ ପ୍ରତିଶତ ରହିବ ବୋଲି ଆକଳନ କରିଥିଲେ। ତେବେ ନିକଟରେ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି ବା ଆଇଏମଏଫ କରିଥିବା ଆକଳନରେ କହିଛି, ଚଳିତ ବର୍ଷ ଭାରତର ଅଭିବୃଦ୍ଧି ହାର ୭ ପ୍ରତିଶତ ରହିବ। ଏହାର କାରଣ ସଂପର୍କରେ ଏହି ସଂସ୍ଥା ଯାହା ଉଲ୍ଲେଖ କରିଛି ତାହା ସଂକ୍ଷେପରେ ଏହିପରି: ଭାରତରେ ଦୃଢ଼ ଆଭ୍ୟନ୍ତରୀଣ ଚାହିଦା ସାଙ୍ଗକୁ ସେବା କ୍ଷେତ୍ରରେ ଦ୍ରୁତ ଅଗ୍ରଗତି କରିଚାଲିଛି। କ୍ରମାଗତ ଭାବରେ ଏହା ଗଠନମୂଳକ ସଂସ୍କାର କରିଚାଲିଛି। ପ୍ରତିରକ୍ଷା କ୍ଷେତ୍ରରେ ଦ୍ରୁତ ଅଗ୍ରଗତି କରିଚାଲିଛି।

ଡିଜିପି ବା ମୋଟ ଘରୋଇ ଉତ୍ପାଦ ଯେ କୌଣସି ଦେଶର ଆଭ୍ୟନ୍ତରୀଣ ଅର୍ଥନୀତିର କେନ୍ଦ୍ରବିନ୍ଦୁ। ସଂପ୍ରତି ବିଶ୍ୱରେ ଭୂ-ରାଜନୈତିକ ଅସ୍ଥିରତା ପୂର୍ବାପେକ୍ଷା ବଢ଼ିଥିବା ସମସ୍ତେ ଲକ୍ଷ୍ୟ କରୁଛନ୍ତି। ସେହିପରି ବିଭିନ୍ନ ଖାଦ୍ୟସାମଗ୍ରୀର ଦରବୃଦ୍ଧି ଘଟିଚାଲିଛି। ଏହାର ମୁଖ୍ୟ କାରଣ ଅଶୋଧିତ ତୈଳଦର ବୃଦ୍ଧି। ଏହି ତୈଳଦର ବୃଦ୍ଧି ପଛରେ ବିଶେଷ ଭାବରେ ଦାୟୀ ଗୋଟିଏ ଦିଗ, ତାହା ହେଉଛି ପଶ୍ଚିମ ଏସିଆ ଯୁଦ୍ଧ ବା ସଂଘର୍ଷ। ଅର୍ଥାତ୍, ଇରାନ ସହିତ ଆମେରିକାର ଯୁଦ୍ଧ। ତେଣେ ରୁଷ ସହ ୟୁକ୍ରେନର ଯୁଦ୍ଧ। କେତେବେଳ ଜୋର୍‌ଦାର ହେଉଛି ତ କେତେବେଳେ ଧୀମାଗତି, ମୋଟ ଉପରେ ଯୁଦ୍ଧ ଅନ୍ତ ହେବାର ନାଁ ଧରୁନାହିଁ। ଯୁଦ୍ଧକୁ ଜାରିରଖିଥିବା ଦେଶଗୁଡ଼ିକୁ ବନ୍ଦ କରାଇବା ପାଇଁ ଭାରତ ପକ୍ଷରୁ ଯେପରି ବୁଝାଯାଉଛି, ଆଉ କେଉଁ ଦେଶ ପକ୍ଷରୁ ସେଭଳି ଉଦ୍ୟମ ହେଉନାହିଁ। ଯଦି ଦଶରୁ ବାରଟି ଦେଶ ଏକାଠି ହୋଇ ଆମେରିକା ଓ ରୁଷ ଉପରେ ଚାପ ସୃଷ୍ଟି କରନ୍ତେ ତେବେ ହୁଏତ ସେମାନେ ଓହରିପାରନ୍ତେ। ଜାତିସଂଘ ତ ପଙ୍ଗୁ ହୋଇ ରହିଛି। ଯୁଦ୍ଧର ତିକ୍ତତା ଯେତେ ବଢୁଛି ବିଶ୍ୱରେ ଖାଉଟି ସାମଗ୍ରୀଗୁଡ଼ିକର ଦରଦାମ୍ ସେତିକି ବୃଦ୍ଧି ପାଉଛି। ଏପରି ସ୍ଥିତି ବେଳେ ଭାରତର ଜିଡିପିର ଅଭିବୃଦ୍ଧି ହାର ୭ ପ୍ରତିଶତ ନେଇ ଆତ୍ମସନ୍ତୁଷ୍ଟ ହେବା ଅପେକ୍ଷା ବରଂ ବିଭିନ୍ନ ଆହ୍ୱାନର ବାସ୍ତବବାଦୀ ଦୃଷ୍ଟିଭଙ୍ଗୀ ନେଇ ସମାଧାନ କରିବାକୁ ହେବ। କେନ୍ଦ୍ର ସରକାର ଭଲ ଭାବରେ ଜାଣନ୍ତି ଯେ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାରେ ଯୁବପିଢ଼ି ବିଶେଷ କରି ବେକାରଯୁବକଯୁବତୀଙ୍କ ପାଇଁ କର୍ମସଂସ୍ଥାନ ହେଉ କି ଆତ୍ମନିଯୁକ୍ତି ହେଉ, ତାହା ଉପରେ ଏଯାବତ୍ ଶକ୍ତିଶାଳୀ ତଥା ପ୍ରଭାବବିସ୍ତାରକାରୀ ଯୋଜନା ନ ହୋଇପାରିବା ବଡ ବିଡମ୍ବନା ବୋଲି କହିବାକୁ ହେବ । ଯଦି ଯୁବପିଢ଼ି ଆଖିଦୃଶିଆ କର୍ମସଂସ୍ଥାନ ପାଆନ୍ତେ ତେବେ ଜିଡିପିର ଗତି ଅଧିକ ତ୍ୱରାନ୍ୱିତ ହୁଅନ୍ତା,ଆଗକୁ ବଢ଼ିପାରନ୍ତା, ମାତ୍ର ସେପରି ଘଟୁ ନାହିଁ। ସେହିଭଳି କୃଷି, ଶିକ୍ଷା ଓ ସ୍ୱାସ୍ଥ୍ୟ ଯେତ୍ର ଯେ କୌଣସି ଦେଶ ପାଇଁ ଗୁରୁତ୍ୱପୂର୍ଣ୍ଣ, ଏସବୁରେ ନିବେଶ ସାଙ୍ଗକୁ ପ୍ରାଧାନ୍ୟ ଯଦି ବଢ଼ିପାରନ୍ତା ଜିଡିପି ଅଭିବୃଦ୍ଧିରେ ଏସବୁ ବଡ ଅବଦାନ ରଖିପାରନ୍ତେ। ଏସବୁ କ୍ଷେତ୍ରକୁ କେନ୍ଦ୍ର ସରକାର ବିଚାରକୁ ନେଇ ଦୀର୍ଘମିଆଦି ଯୋଜନା ପୂର୍ବକ ତାହାକୁ କାର୍ଯ୍ୟକାରୀ କଲେ ନିଶ୍ଚୟ ଜିଡିପିର ଅଭିବୃଦ୍ଧି ସହ ୨୦୪୭ ବିକଶିତ ଭାରତ ସ୍ୱପ୍ନ ବାସ୍ତବମୁଖୀ ହୋଇପାରନ୍ତା।

# ୟୁଏନ୍‌ଏଚଆର୍‌ସି ନିରପେକ୍ଷ ରହୁ

**କୌଣସି ଦେଶର ବ୍ୟକ୍ତି ବା ଗୋଷ୍ଠୀର ମାନବାଧିକାର ଗମ୍ଭୀର ଭାବେ କ୍ଷୁଣ୍ଣ ହେଲେ ଏବଂ ସେହି ଦେଶର ନ୍ୟାୟାଳୟରୁ ତାଙ୍କୁ ନ୍ୟାୟ ନ ମିଳିଲେ ସେମାନେ ଜାତିସଂଘ ପରିଷଦ ପାଖରେ ସିଧାସଳଖ ଅଭିଯୋଗ କରିପାରିବେ। ଏହାର ସମୀକ୍ଷା କରି ପରିଷଦ ସମ୍ପୃକ୍ତ ଦେଶକୁ ଜବାବ ମାଗିଥାଏ। ଏହି ପରିଷଦ ବିଶ୍ୱରେ ସମସ୍ତଙ୍କୁ ଯେପରି ଅଭିବ୍ୟକ୍ତି ଓ ଧାର୍ମିକ ସ୍ୱାଧୀନତା ଏବଂ ମହିଳା ଓ ସଂଖ୍ୟାଲଘୁଙ୍କୁ ସମାନ ଅଧିକାର ମିଳିବ ସେଦିଗରେ ବି କାମ କରିଥାଏ। ଯଦି କୌଣସି ଦେଶରେ ଗୃହଯୁଦ୍ଧ କିମ୍ବା ରାଜନୈତିକ ଅସ୍ଥିରତା ଯୋଗୁଁ ସାଧାରଣ ଲୋକଙ୍କ ଜୀବନ ବିପଦରେ ପଡ଼େ, ତେବେ ପରିଷଦ ସେହି ଦେଶର ସରକାରଙ୍କୁ ମାନବାଧିକାର ସୁରକ୍ଷା ଦିଗରେ ଆଇନଗତ ସୁଧାର ଆଣିବାକୁ ପରାମର୍ଶ ଦେଇଥାଏ।**

ଡକ୍ଟର ପ୍ରମୋଦ କୁମାର ପଣ୍ଡା

ୟୁ ଏନଏଚଆରସି ଅର୍ଥ ୟୁନାଇଟେଡ଼ ନେସନ୍ସ ହ୍ୟୁମାନ ରାଇଟ୍ସ କମିଶନ କିମ୍ବା ଜାତିସଙ୍ଘ ମାନବାଧିକାର କମିଶନ। ଏହାର ମୁଖ୍ୟ କାର୍ଯ୍ୟାଳୟ ସ୍ୱିଜରଲ୍ୟାଣ୍ଡର ଦକ୍ଷିଣ-ପଶ୍ଚିମ କୋଣ ସ୍ଥିତ ଜେନେଭାରେ ଅବସ୍ଥିତ।

ବିଶ୍ୱରେ ମାନବାଧିକାରର ସୁରକ୍ଷା ଓ ପ୍ରସାର ଜାତିସଂଘ ମାନବାଧିକାର ପରିଷଦର ମୁଖ୍ୟ କାମ। କୌଣସି ଦେଶରେ ମାନବାଧିକାର ଉଲ୍ଲଂଘନ, ଯଥା ଜେନୋସାଇଡ୍, ଅତ୍ୟାଚାର, ବେଆଇନ ଗିରଫଦାରୀ କିମ୍ବା ମହିଳା ଓ ଶିଶୁଙ୍କ ଉପରେ ନିର୍ଯାତନା ହେଲେ ଏହି ସଂସ୍ଥା ନିଜର ସ୍ୱତନ୍ତ୍ର ପ୍ରତିନିଧି ଦଳ ପଠାଇ ତାର ତଦନ୍ତ ଓ ଯାଞ୍ଚ କରେ। ଜାତିସଂଘର ସମସ୍ତ ୧୯୩ ଟି ସଦସ୍ୟ ଦେଶର ମାନବାଧିକାର ସ୍ଥିତିକୁ ସମୀକ୍ଷା କରିଥାଏ। ପ୍ରତ୍ୟେକ ଦେଶ ମାନବାଧିକାର ପରିଷଦକୁ ନିଜ ଦେଶର ମାନବାଧିକାର ସ୍ଥିତି ରିପୋର୍ଟ କରନ୍ତି। ଆବଶ୍ୟକତା ଅନୁଯାୟୀ ପରିଷଦ ସ୍ଥିତିରେ ସୁଧାର ଆଣିବାକୁ ପରାମର୍ଶ ଦେଇଥାଏ। କୌଣସି ଦେଶର ବ୍ୟକ୍ତି ବା ଗୋଷ୍ଠୀର ମାନବାଧିକାର ଗମ୍ଭୀର ଭାବେ କ୍ଷୁଣ୍ଣ ହେଲେ ଏବଂ ସେହି ଦେଶର ନ୍ୟାୟାଳୟରୁ ତାଙ୍କୁ ନ୍ୟାୟ ନ ମିଳିଲେ ସେମାନେ ଜାତିସଙ୍ଘ ପରିଷଦ ପାଖରେ ସିଧାସଳଖ ଅଭିଯୋଗ କରିପାରିବେ। ଏହାର ସମୀକ୍ଷା କରି ପରିଷଦ ସମ୍ପୃକ୍ତ ଦେଶକୁ ଜବାବ ମାଗିଥାଏ। ଏହି ପରିଷଦ ବିଶ୍ୱରେ ସମସ୍ତଙ୍କୁ ଯେପରି ଅଭିବ୍ୟକ୍ତି ଓ ଧାର୍ମିକ ସ୍ୱାଧୀନତା ଏବଂ ମହିଳା ଓ ସଂଖ୍ୟାଲଘୁଙ୍କୁ ସମାନ ଅଧିକାର ମିଳିବ ସେଦିଗରେ ବି କାମ କରିଥାଏ। ଯଦି କୌଣସି ଦେଶରେ ଗୃହଯୁଦ୍ଧ କିମ୍ବା ରାଜନୈତିକ ଅସ୍ଥିରତା ଯୋଗୁଁ ସାଧାରଣ ଲୋକଙ୍କ ଜୀବନ ବିପଦରେ ପଡ଼େ, ତେବେ ପରିଷଦ ସେହି ଦେଶର ସରକାରଙ୍କୁ ମାନବାଧିକାର ସୁରକ୍ଷା ଦିଗରେ ଆଇନଗତ ସୁଧାର ଆଣିବାକୁ ପରାମର୍ଶ ଦେଇଥାଏ। ଜାତିସଙ୍ଘ ମାନବାଧିକାର ପରିଷଦର କୌଣସି ନିଷ୍ପତ୍ତି ଅଥବା ନିର୍ଦ୍ଦେଶ କୌଣସି ଦେଶ ଉପରେ ଆଇନତଃ ବାଧ୍ୟତାମୂଳକ ନୁହେଁ। ଏହା ମାତ୍ର ଏକ ସୁପାରିସ, ନୈତିକ ଚାପ। ଦିଲ୍ଲୀରେ ୧୦ ଅକ୍ଟୋବର ୨୦୨୬ ରେ ହୋଇଥିବା ବିକ୍ଷୋଭ ପ୍ରଦର୍ଶନ ଓ ଗିରଫଦାରିକୁ ନେଇ ଜାତିସଂଘ ମାନବାଧିକାର ଉଦ୍ବାୟୁକ୍ତ ଚିନ୍ତା ପ୍ରକଟ କରିଛି। ପ୍ରେସ ରିଲିଜ କରିଛି। ସମଗ୍ର ବିଶ୍ୱରେ ସାର୍ବଜନୀନ କରିଛି। ଭାରତ ଏହାକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରି କହିଛି ଯେ ଏହା ଦେଶର ଆଭ୍ୟନ୍ତରୀଣ ବ୍ୟାପାରରେ ଅନାବଶ୍ୟକ ଏବଂ ଅଗ୍ରହଣୀୟ ହସ୍ତକ୍ଷେପ।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ଯେ, ଭାରତ ବିଶ୍ୱର ସବୁଠାରୁ ବଡ଼ ଗଣତନ୍ତ୍ର ଯେଉଁଠି ନାଗରିକମାନଙ୍କର ଶାନ୍ତିପୂର୍ଣ୍ଣ ଭାବେ ଏକତ୍ର ହେବାର ସାମ୍ବିଧାନିକ ଅଧିକାର ରହିଛି। କିନ୍ତୁ ସର୍ବସାଧାରଣଙ୍କ ସୁରକ୍ଷା ଓ ଶାନ୍ତି ପାଇଁ ଆଇନ ଅନୁଯାୟୀ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଭାରତର ଗଣତାନ୍ତ୍ରିକ ବ୍ୟବସ୍ଥା, ସ୍ୱାଧୀନ ନ୍ୟାୟପାଳିକା ଏବଂ ମୁକ୍ତ ଗଣମାଧ୍ୟମ ନାଗରିକମାନଙ୍କ ସୁରକ୍ଷା ପାଇଁ ସକ୍ଷମ ଅଟନ୍ତି। ବିବାଦ ବା ଅଭିଯୋଗର ସମାଧାନ ପାଇଁ ଅଦାଲତଗୁଡ଼ିକଙ୍କ ଦ୍ୱାର ସର୍ବଦା ଉନ୍ମୁକ୍ତ ରହିଛି। ଜାତିସଂଘ ମାନବାଧିକାର ସଂଗଠନକୁ ନିଜର ଚୟନମୂଳକ ଆଭିମୁଖ୍ୟ ଓ ଦୋହରା ନୀତି ପରିହାର କରିବାକୁ ଅନୁରୋଧ କରିଛି। ବିଶ୍ୱର ଅନ୍ୟାନ୍ୟ ସ୍ଥାନରେ ହେଉଥିବା ହିଂସାତ୍ମକ ପ୍ରଦର୍ଶନ ଏବଂ କାର୍ଯ୍ୟାନୁଷ୍ଠାନ ଉପରେ ୟୁଏନଏଚଆରସି ନୀରବ ରହି ନିଜର ନିରପେକ୍ଷତା ଉପରେ ଖୋଦ୍ ନିଜେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରୁଛି ବୋଲି ଭାରତ କଡ଼ା ସମାଲୋଚନା କରିଛି। ଅର୍ଥନୈତିକ, ସାମାଜିକ ଏବଂ ରାଜନୈତିକ କାରଣକୁ ନେଇ ସମ୍ପ୍ରତି ବିଶ୍ୱର ବିଭିନ୍ନ ଦେଶରେ ବଡ଼ ଧରଣର ବିକ୍ଷୋଭ ଓ ହିଂସାତ୍ମକ ପ୍ରଦର୍ଶନ ଜାରି ରହିଛି। ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ଫ୍ରାନ୍ସରେ ଅଧିକ ପାଣ୍ଠି ଓ ସମ୍ବଳ ଦାବିରେ ଲକ୍ଷ ଲକ୍ଷ ହାଇସ୍କୁଲ ଛାତ୍ରଛାତ୍ରୀ ଓ ଶ୍ରମିକ ସଂଗଠନ ପକ୍ଷରୁ ବ୍ୟାପକ ଆନ୍ଦୋଳନ ଚାଲିଛି। ପ୍ୟାରିସ୍ ସହିତ ବିଭିନ୍ନ ସହରରେ ବିକ୍ଷୋଭକାରୀ ଓ ପୋଲିସ ମଧ୍ୟରେ ତୀବ୍ର ହିଂସାତ୍ମକ ସଂଘର୍ଷ ଘଟିଛି। ପୋଲିସ ଲୁହବୁହା ଗ୍ୟାସ ପ୍ରୟୋଗ କରୁଛି।ଶତାଧିକ ନିରୀହ ନାବାଳିକ ଛାତ୍ରଛାତ୍ରୀ ଗିରଫ ହୋଇଛନ୍ତି।

ବେଲଜିୟମର ରାଜଧାନୀ ବ୍ରସେଲ୍ସ ଓ ଲିଏଜ୍ ସହରରେ ସରକାରଙ୍କ ଆର୍ଥିକ କାଟ୍ ଏବଂ ମହଙ୍ଗା ନୀତି ବିରୋଧରେ ହଜାର ହଜାର ଛାତ୍ର ଓ ଶ୍ରମିକ ରାସ୍ତାକୁ ଓହ୍ଲାଇଛନ୍ତି। ବିକ୍ଷୋଭକାରୀ ବାରିକେଡ୍ ଭାଙ୍ଗିବା ଏବଂ ଗାଡ଼ି ପୋଡ଼ିବା ପରେ ପୋଲିସ ସହ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ସ୍ପେନ ବାର୍ସିଲୋନା ସହରରେ ଗୃହ ନିର୍ମାଣ ଏବଂ ବାସଗୃହ ସମସ୍ୟାକୁ ନେଇ ହୋଇଥିବା ବିକ୍ଷୋଭ ହିଂସାତ୍ମକ ରୂପ ନେଇଛି। ଆନ୍ଦୋଳନକାରୀ ରାସ୍ତାରେ ନିଆଁ ଲଗାଇବା ସହ ପୋଲିସ ଉପରକୁ ପଥରମାଡ଼ କରିଛନ୍ତି। ଦକ୍ଷିଣ ଆମେରିକା ଚିଲିରେ ଛାତ୍ର ଆନ୍ଦୋଳନ ଉଗ୍ର ରୂପ ଧାରଣ କରିଛି। ସୁରକ୍ଷାକର୍ମୀଙ୍କ ସହ ଛାତ୍ରମାନଙ୍କ ହିଂସାତ୍ମକ ଧକ୍କାଚମକ ଖବର ସାମ୍ନାକୁ ଆସୁଛି। ହାଇତିରେ ସୁରକ୍ଷା ବ୍ୟବସ୍ଥା ବିପର୍ଯ୍ୟୟ ହେତୁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ବିକ୍ଷୋଭ ପ୍ରଦର୍ଶନ ମଧ୍ୟ ଜାରି ରହିଛି। କଣ ଇଣ୍ଡୋନେସିଆ, ଫ୍ରାନ୍ସ, ନେଦାରଲେଣ୍ଡ, ଟ୍ୟୁନେସିଆ ଭଳି ଦେଶର ଲାଠିଚାର୍ଜ, ମହିଳାଙ୍କୁ ମାଡ଼ ଓ ନାବାଳିକା ଗିରଫ ମାନବାଧିକାର ଉଲ୍ଲଂଘନ ନୁହେଁ ? ୨୮.୮.୨୦୨୬ ରେ ଇଣ୍ଡୋନେସିଆରେ ତିନି ଶହରୁ ଅଧିକ ପ୍ରଦର୍ଶନକାରୀ ଗିରଫ ହୋଇଛନ୍ତି। ୨୦.୮.୨୦୨୬ ଟ୍ୟୁନେସିଆ ରାଷ୍ଟ୍ରପତିଙ୍କ ବିରୁଦ୍ଧରେ ପ୍ରଦର୍ଶନ ବେଳେ ଲାଠିଚାର୍ଜ ହୋଇଛି। ଫ୍ରାନ୍ସର ସ୍କୁଲ ଶିକ୍ଷା ଉପରେ ସେପ୍ଟେମ୍ବର ୩୦, ୨୦୨୬ ରୁ ଆରମ୍ଭ ହୋଇଥିବା ହିଂସକ ପ୍ରଦର୍ଶନରେ ନାବାଳିକ ଶିକ୍ଷାର୍ଥୀ ଗିରଫ ହୋଇଛନ୍ତି। ୧୯ ସେପ୍ଟେମ୍ବର ୨୦୨୬ ରେ ଦି ହେଗ ରେ ଶରଣାର୍ଥୀଙ୍କ ବିରୋଧ ପ୍ରଦର୍ଶନ ବେଳେ ଦଙ୍ଗା ହୋଇଛି। ଆଲବେନିଆ, ନାଇଜେରିଆ, ଜର୍ମାନୀ, ସ୍ପେନ ଆଦି ସହରରେ ଭିନ୍ନ ଭିନ୍ନ ପ୍ରସଙ୍ଗ ଆଧାରିତ ପ୍ରଦର୍ଶନ ବେଳେ ପୁଲିସର କାର୍ଯ୍ୟାନୁଷ୍ଠାନ ହୋଇଛି। କେବଳ ଭାରତୀୟ ପ୍ରଦର୍ଶନରେ ପ୍ରେସ ରିଲିଜ ହେଉଛି। କିନ୍ତୁ ବିଶ୍ୱର ଅନ୍ୟାନ୍ୟ ଦେଶମାନଙ୍କରେ ସଂଘଟିତ ହିଂସାତ୍ମକ ବିକ୍ଷୋଭ, ପ୍ରଦର୍ଶନ, ଦଙ୍ଗା ଆଦି ସ୍ପେସିଆଲ ପ୍ରସିଜିଓର କମ୍ୟୁନିକେସନ ମାଧ୍ୟମରେ ଫଇସଲା କରାଯାଉଛି। କେଉଁ ଦେଶରେ କେଉଁ କାରଣରୁ ପ୍ରଦର୍ଶନ ହେଉଛି ତାରି ଉପରେ ଏକ ସାମାନ୍ୟ ରିପୋର୍ଟ ତଲବ କରି ସେତିକିରେ କଥା ସମାପ୍ତ କରାଯାଉଛି। ନା ତାଙ୍କ ପାଇଁ ଭାରତ ଭଳି ପ୍ରେସ ରିଲିଜ କରାଯାଉଛି ନା ବିଶ୍ୱ ସମ୍ମୁଖରେ ସେଠିକା ମାନବାଧିକାର ସ୍ଥିତି ସାର୍ବଜନୀନ କରାଯାଉଛି। ଏକ ଅନ୍ତରାଷ୍ଟ୍ରୀୟ ସଂସ୍ଥା ପକ୍ଷରେ ଏଭଳି ପକ୍ଷପାତ ଅଶୋଭନୀୟ ନୁହେଁ କି ? ଏହା ଦ୍ୱାରା ୟୁଏନଏଚଆରସିର ନିରପେକ୍ଷତା ନଷ୍ଟ ହେଉନାହିଁ କି ? ନିଜର ଗରିମା ରକ୍ଷା କରିବାକୁ ଅନ୍ତତଃ ଜାତିସଙ୍ଘ ମାନବାଧିକାର ସଂଗଠନ ତଟସ୍ଥ ରହିବା ଆବଶ୍ୟକ।

ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର

ମୋ- ୭୯୭୮୨୮୩୧୯୦

# ଅବଦୁଲ୍ କଲାମ୍ ଓ ଓଡ଼ିଶା

## ଡକ୍ଟର ସୁରେଶ କୁମାର ନାୟକ

ଆଜି ମହାନ ପରମାଣୁ ବିଜ୍ଞାନୀ ପୃଥିବୀ ବିଖ୍ୟାତ ଦାର୍ଶନିକ ଓ ଭାରତର ରତ୍ନ କୁହାଯାଉଥିବା ସ୍ୱର୍ଗତଃ ଡକ୍ଟର ଏ.ପି.ଜେ. ଅବଦୁଲ୍ଲ କଲାମଙ୍କ ଜନ୍ମଦିନ। ଡକ୍ଟର କଲାମଙ୍କ ଓଡ଼ିଶା ସହିତ ସମ୍ପର୍କ ଅତ୍ୟନ୍ତ ଘନିଷ୍ଠ। ତାମିଲନାଡୁରେ ସେ ଜନ୍ମ ହୋଇଥିଲେ ବି ତାଙ୍କର ଅନ୍ୟତମ କର୍ମଭୂମି ଥିଲା ଓଡ଼ିଶା। ଡିଆରଡିଓ ବା ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନରେ ଜଣେ ଆଗ ଧାଡ଼ିର ବୈଜ୍ଞାନିକ ଭାବେ କାର୍ଯ୍ୟ କରୁଥିବାବେଳେ ଦୁଇ ଦଶନ୍ଧି ଧରି ଏହି ଅନୁଷ୍ଠାନ ସହିତ ତାଙ୍କର ସମ୍ପର୍କ



ରହିଥିଲା। ୧୯୮୯ରେ ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ କେନ୍ଦ୍ର (ଆଇଟିଆର୍) ପ୍ରତିଷ୍ଠା ହେବା ପରଠାରୁ ଅଗ୍ନି, ନାଗ ଓ ବ୍ରହ୍ମୋସ୍ ଭଳି ସ୍ୱଦେଶୀ କ୍ଷେପଣାସ୍ତ୍ର ଗବେଷଣା ଓ ପରୀକ୍ଷଣ କାର୍ଯ୍ୟରେ ସେ ବାରମ୍ବାର ଏହି ସ୍ଥାନକୁ ଆସିଛନ୍ତି। ତେବେ ହ୍ୱିଲର ଦ୍ୱୀପରେ କ୍ଷେଣାସ୍ତ୍ର ପରୀକ୍ଷାବେଳେ ବିରଳ ଓ ଲୁପ୍ତପ୍ରାୟ ଅଲିଭ୍ ରିଡଲେ କଇଁଛଙ୍କ ଏହି ଏନ୍ଦୁଡିଶାଳ ଆଇଟିଆର୍‌ର ଉଜ୍ଜ୍ୱଳ ଆଲୋକ ଯୋଗୁଁ ବିପଦରେ ପଡ଼ିଯାଇଥିବା ଏହି କଇଁଛଙ୍କ ପାଇଁ ସେ ଯେଉଁ କାର୍ଯ୍ୟକ୍ରମ ହାତକୁ ନେଇଥିଲେ ତାହା ପରବର୍ତ୍ତୀ ସମୟରେ ୨୦୦୭ରେ ହାଇଦ୍ରାବାଦରେ ବିଲୁପ୍ତ ପ୍ରାୟ ପ୍ରାଣୀଙ୍କ ସଂରକ୍ଷଣ ପାଇଁ ପରୀକ୍ଷାଗାରକୁ ଦେଶ ଉଦ୍ଦେଶ୍ୟରେ ସମର୍ପଣ କଲାବେଳେ ସେ ନିଜ ହ୍ୱିଲର ଦ୍ୱୀପରେ ଅନୁଭୂତି ବର୍ଣ୍ଣନା କରିଥିଲେ। କଇଁଛଙ୍କ ସୁରକ୍ଷା ପାଇଁ ଆଇଟିଆର୍‌ର ଆଲୋକମାଳାକୁ ନିୟନ୍ତ୍ରିତ କରାଯିବା ସହ ଆବଶ୍ୟକବେଳେ ବନ୍ଦ ରଖାଗଲା ଓ ମାଛଧରା ଟ୍ରଲରକୁ ମଧ୍ୟ ନିଷେଧ କରାଗଲା। ସେହିପରି ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ବନୀକରଣ ପାଇଁ ଅଗ୍ନି କ୍ଷେପଣାସ୍ତ୍ର ପରୀକ୍ଷଣ ବେଳେ ଚାନ୍ଦିପୁର ଆସିଥିବା ତତ୍କାଳୀନ ପ୍ରତିରକ୍ଷାମନ୍ତ୍ରୀ କେ.ସି.ପନ୍ଥଙ୍କୁ ପ୍ରସ୍ତାବ ଦେଇ ତାହା କାର୍ଯ୍ୟକାରୀ କରାଇଥିଲେ। ସେହିପରି ଚାନ୍ଦିପୁରରେ ଏକ ପକ୍ଷୀବିହାର 'ନିସର୍ଗ' ସୃଷ୍ଟି କରିବାରେ ସେ ଥିଲେ ଅନ୍ୟତମ ବିଦ୍ଧାଣୀ। ସେ ରାଷ୍ଟ୍ରପତି ଥିବାବେଳେ କେନ୍ଦ୍ରାପଡ଼ା ଜିଲ୍ଲାର ଦୁଇଜଣ ଏଡ୍‌ସ ଆକ୍ରାନ୍ତ ପିଲାଙ୍କ ପୋଷ୍ଟକାର୍ଡ଼ ଚିଠି ପାଇ ସେମାନଙ୍କୁ ତୁରନ୍ତ ସହଯୋଗର ହାତ ବଢ଼ାଇଥିଲେ। ଓଡ଼ିଆ ଚଳଚ୍ଚିତ୍ର ନିର୍ମାତା ନୀଳମାଧବ ପଣ୍ଡାଙ୍କ 'ଆଇ ଆମ୍ କଲାମ୍' ଦେଖିଲା ପରେ ସେ ଧନ୍ୟବାଦ ଜଣାଇଥିଲେ। ୨୦୦୮ ମେ ୧୧ ତାରିଖରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗ ଦେଇ ପିଲାମାନଙ୍କୁ ନିଜ ଜୀବନ ରାଷ୍ଟ୍ରପତି ସମର୍ପିତ ପାଇଁ ମୂଲ୍ୟବାନ ପରାମର୍ଶ ଦେଇଥିଲେ। ସେହିପରି ୨୦୧୧ ଜାନୁଆରୀ ୫ରେ ସାଇ ଇଣ୍ଟରନ୍ୟାସନାଲ ସ୍କୁଲ, ୨୦୦୫ ନଭେମ୍ବର ୧୯ରେ ଚାନ୍ଦିପୁର ପକ୍ଷୀ ବିହାର ଉଦ୍‌ଘାଟନ, ୨୦୧୪ ନଭେମ୍ବର ୨୯ରେ ସମ୍ବଲପୁରସ୍ଥିତ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲର ୧୫୦ତମ ପ୍ରତିଷ୍ଠା ଦିବସରେ ଯୋଗ ଦେଇଥିଲେ। ୨୦୧୫ ମାର୍ଚ୍ଚ ୨ ତାରିଖରେ ରାଜଗାଙ୍ଗପୁର ଡାଲମିଆଁ ବିଦ୍ୟାମନ୍ଦିରରେ ଛାତ୍ରଛାତ୍ରୀଙ୍କ ସହ ସ୍ମରଣୀୟ ମୁହୂର୍ତ୍ତ ବିତାଇଥିଲେ, ୨୦୧୨ ଜାନୁଆରୀ ୫ ତାରିଖରେ ଭୁବନେଶ୍ୱରସ୍ଥିତ ଜାଭିୟର ଇନ୍‌ଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟରେ ଦୀକ୍ଷାନ୍ତ ଭାଷଣ ଦେବା ସହ ୨୦୧୨ ଜାନୁଆରୀ ୪ରେ ଭୁବନେଶ୍ୱରସ୍ଥିତ କିସ୍ ଅନୁଷ୍ଠାନର ପିଲାଙ୍କ ବିଜ୍ଞାନ କଂଗ୍ରେସ ଉଦ୍‌ଘାଟନ କରିଥିଲେ। ୨୦୧୪ ଜାନୁଆରୀ ୨୫ରେ ଭୁବନେଶ୍ୱରରେ ସ୍ୱାମୀ ଚିଦାନନ୍ଦ ଜନ୍ମଶତବାର୍ଷିକୀ ମହୋତ୍ସବ, ୨୦୧୨ ଜାନୁଆରୀ ୫ ବାଲେଶ୍ୱର ଜିଲ୍ଲା ଲଙ୍ଗଳେଶ୍ୱରରେ ସଚ୍ଚିତ୍ରକୁମାର ହାଇସ୍କୁଲର ଉତ୍ସବରେ ଯୋଗ ଦେଇଥିଲେ। ୨୦୦୫ ଡିସେମ୍ବର ମାସରେ ବାଲେଶ୍ୱରସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସମାବର୍ତ୍ତନ ଉତ୍ସବରେ ଯୋଗ ଦେଇଥିଲେ। ସେ ରାଷ୍ଟ୍ରପତି ପରି ଗୁରୁଦାୟିତ୍ୱ ନିର୍ବାହ କରୁଥିବାବେଳେ ତାଙ୍କର ବ୍ୟସ୍ତବହୁଳ କାର୍ଯ୍ୟକ୍ରମ ସତ୍ତ୍ୱେ ସେ ଶିକ୍ଷାନୁଷ୍ଠାନ ଓ ପିଲାଙ୍କ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ସ୍ୱତଃ ଆଗ୍ରହ ରଖିଥିଲେ। ରାଷ୍ଟ୍ରପତି ଦାୟିତ୍ୱ ପରବର୍ତ୍ତୀ ସମୟରେ ମଧ୍ୟ ସେ ଅନେକ କାର୍ଯ୍ୟକ୍ରମରେ ଯୋଗଦେଇ କେବଳ ପିଲାମାନେ ନୁହନ୍ତି ଲୋକମାନଙ୍କ ସହ ସେମାନଙ୍କ ସୁଖଦୁଃଖରେ ସାମିଲ ହେବାପାଇଁ ଶ୍ରଦ୍ଧା ରଖୁଥିଲେ। ଦେଶକୁ ଦୁର୍ନୀତି ମୁକ୍ତ ଓ ଉତ୍ତମ ନାଗରିକଙ୍କ ଦେଶ ଭାବେ ଗଢ଼ି ତୋଳିବା ପାଇଁ ତିନିଜଣଙ୍କ ଭୂମିକା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ଅନୁଭବ କରୁଥିଲେ। ତାଙ୍କ ମତରେ ସେ ତିନିଜଣ ଥିଲେ ବାପା, ମାଆ ଓ ଶିକ୍ଷକ। ସେ ଥିଲେ ବହୁ ସ୍ୱପ୍ନର ନାୟକ। ମାଟିରୁ ମହାକାଶ ପର୍ଯ୍ୟନ୍ତ ତାଙ୍କ ସ୍ୱପ୍ନ ଥିଲା ପରିବ୍ୟାପ୍ତ। ୧୯୮୧ରେ ସେ ପଦ୍ମଭୂଷଣ, ୧୯୯୦ରେ ପଦ୍ମବିଭୂଷଣ ଓ ୧୯୯୭ରେ ସେ ଭାରତ ରତ୍ନ ପାଇଥିଲେ। ୧୯୩୧, ୧୫ ଅକ୍ଟୋବରରେ ଜନ୍ମ ଗ୍ରହଣ କରିଥିବା କଲାମ୍‌ଙ୍କ ସ୍ମୃତି ଓଡିଶା ପାଇଁ ଚିରସ୍ମରଣୀୟ। ବିଶେଷକରି ବିଦ୍ୟାର୍ଥୀ ମାନଙ୍କୁ ସେ ଯେଉଁ ସ୍ମରଣୀୟ ଜୀବନର ସ୍ୱପ୍ନ ଦେଖାଇଯାଇଛନ୍ତି ତାହାକୁ ସାକାର କରିପାରିଲେ ତାଙ୍କ ଜନ୍ମତିଥି ପାଇଁ ତାହା ନିଶ୍ଚିନ୍ତ ହେବ ଏକ ମୂଲ୍ୟବାନ ସ୍ମୃତି ଅର୍ଘ୍ୟ।

**ଦୂରଭାଷ : ୯୪୩୭୨୨୫୫୯୨**

# ସଂଘର୍ଷଶୀଳ ଗ୍ରାମୀଣ ନାରୀ ଓ ସ୍ୱଚ୍ଛତାରୁ ସୁସ୍ଥ ସମାଜ

**ଆନ୍ତର୍ଜାତିକ ଗ୍ରାମୀଣ ନାରୀ ଦିବସ ଆମକୁ ସ୍ମରଣ କରାଏ ଯେ ଦେଶର ଖାଦ୍ୟ ସୁରକ୍ଷା, କୃଷି ଉତ୍ପାଦନ, ପରିବାରର ଆର୍ଥିକ ସ୍ଥିରତା ଓ ଗ୍ରାମୀଣ ଅର୍ଥନୀତିର ଚକ୍ରକୁ ସଚଳ ରଖିବାରେ ନାରୀଙ୍କ ଭୂମିକା ଅତୁଳନୀୟ। ମାଟିରେ ବିହନ ବୁଣିବାଠାରୁ ଫସଲ ଅମଳ, ପଶୁପାଳନ, ଘରୋଇ ଉଦ୍ୟୋଗ, ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ଓ ପରିବାର ପରିଚାଳନା ପର୍ଯ୍ୟନ୍ତ ଅନେକ କ୍ଷେତ୍ରରେ ଗ୍ରାମୀଣ ନାରୀଙ୍କ ଶ୍ରମ ଅବିରତ ଭାବେ ଜାରି ରହିଛି। ସଶକ୍ତ ଯୁବପିଢ଼ି, ସମ୍ମାନିତ ଗ୍ରାମୀଣ ନାରୀ ଓ ସ୍ୱଚ୍ଛ ସମାଜ ହିଁ ସମୃଦ୍ଧ, ସମାନତାଭିତ୍ତିକ ଓ ମାନବିକ ଭାରତର ପ୍ରକୃତ ପରିଚୟ।**

ସୌଭାଗ୍ୟ ରଞ୍ଜନ ମହାନ୍ତି

ବି କଶିତ ଭାରତର ତିନିଟି ମୂଳସ୍ତମ୍ଭ ଅକ୍ଟୋବର ୧୫ ତାରିଖ କେବଳ କ୍ୟାଲେଣ୍ଡରର ଗୋଟିଏ ସାଧାରଣ ଦିନ ନୁହେଁ, ବରଂ ମାନବ ସମାଜର ଭବିଷ୍ୟତକୁ ନୂଆ ଦିଗ ଦେଖାଇବାର ଏକ ଅବସର। ଏହି ଦିନ ବିଶ୍ୱ ଛାତ୍ର ଦିବସ, ଆନ୍ତର୍ଜାତିକ ଗ୍ରାମୀଣ ନାରୀ ଦିବସ ଏବଂ ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ପାଳନ ହେବା ଆମକୁ ତିନୋଟି ମୌଳିକ ସତ୍ୟ ସ୍ମରଣ କରାଏ—ଶିକ୍ଷା ବିନା ସମାଜର ଅଗ୍ରଗତି ଅସମ୍ଭବ, ନାରୀଙ୍କ ସମ୍ମାନ ଓ ସହଭାଗିତା ବିନା ବିକାଶ ଅସମ୍ପୂର୍ଣ୍ଣ ଏବଂ ସ୍ୱଚ୍ଛତା ବିନା ସୁସ୍ଥ ଜୀବନର କଳ୍ପନା ଅର୍ଥହୀନ। ଏହି ତିନୋଟି ଦିବସର ମିଳିତ ବାର୍ତ୍ତା ହେଉଛି, ଏକ ସମୃଦ୍ଧ ରାଷ୍ଟ୍ର ଗଠନ କେବଳ ବଡ଼ ବଡ଼ ପ୍ରକଳ୍ପ, ଉଚ୍ଚ ଅଟ୍ଟାଳିକା କିମ୍ବା ଅର୍ଥନୈତିକ ଅଭିବୃଦ୍ଧିରେ ସୀମିତ ନୁହେଁ; ଏହାର ପ୍ରକୃତ ମାପକାଠି ହେଉଛି ଶିକ୍ଷିତ ଯୁବପିଢ଼ି, ସ୍ୱାବଲମ୍ବୀ ନାରୀ ଏବଂ ସୁସ୍ଥ ନାଗରିକ। ବିଶ୍ୱ ଛାତ୍ର ଦିବସ ଭାରତର ପୂର୍ବତନ ରାଷ୍ଟ୍ରପତି, ମହାନ ବୈଜ୍ଞାନିକ ଓ ଯୁବସମାଜର ପ୍ରେରଣାସ୍ରୋତ ଡକ୍ଟର ଏ.ପି.ଜେ. ଅବଦୁଲ କଲାମଙ୍କ ଜନ୍ମଦିନ ଅକ୍ଟୋବର ୧୫ ତାରିଖ ସହ ସମ୍ପର୍କିତ ଭାବେ ପାଳନ କରାଯାଏ। ତାଙ୍କ ଜୀବନ ଆମକୁ ଶିଖାଏ ଯେ ଦାରିଦ୍ର୍ୟ, ସୀମିତ ସୁଯୋଗ ଓ ପ୍ରତିକୂଳ ପରିସ୍ଥିତି କୌଣସି ମଣିଷର ସ୍ୱପ୍ନକୁ ସବୁଦିନ ପାଇଁ ଅଟକାଇ ପାରେ ନାହିଁ। ଦୃଢ଼ ଇଚ୍ଛାଶକ୍ତି, ନିରନ୍ତର ପରିଶ୍ରମ, ଶୃଙ୍ଖଳା ଓ ଜ୍ଞାନ ପ୍ରତି ଅନୁରାଗ ଜଣେ ସାଧାରଣ ଛାତ୍ରକୁ ଅସାଧାରଣ ସଫଳତାର ଶିଖରରେ ପହଞ୍ଚାଇପାରେ। କିନ୍ତୁ ଆଜିର ଶିକ୍ଷା ବ୍ୟବସ୍ଥା ସମ୍ମୁଖରେ ଏକ ଗମ୍ଭୀର ପ୍ରଶ୍ନ ରହିଛି—ଆମେ କେବଳ ପରୀକ୍ଷାରେ ଅଧିକ ନମ୍ବର ରଖୁଥିବା ଛାତ୍ର ସୃଷ୍ଟି କରୁଛୁ, ନା ଦାୟିତ୍ୱବାନ, ବିଚାରଶୀଳ, ସମ୍ବେଦନଶୀଳ ଓ ନବସୃଜନଶୀଳ ନାଗରିକ ଗଢୁଛୁ ? ଶିକ୍ଷାର ଲକ୍ଷ୍ୟ କେବଳ ପ୍ରମାଣପତ୍ର ହାସଲ କରିବା ନୁହେଁ; ଏହା ମଣିଷକୁ ନିଜ ପାଦରେ ଠିଆ ହେବା, ଭୁଲକୁ ଚିହ୍ନିବା, ସତ୍ୟକୁ ଗ୍ରହଣ କରିବା ଏବଂ ସମାଜ ପ୍ରତି ନିଜର କର୍ତ୍ତବ୍ୟ ବୁଝିବାର ଶକ୍ତି ଦେବା ଉଚିତ। ଆଜି ଡିଜିଟାଲ ଜ୍ଞାନ, କୃତ୍ରିମ ବୁଦ୍ଧିମତ୍ତା, ବିଜ୍ଞାନ, ପ୍ରଯୁକ୍ତି, କୃଷି, ଉଦ୍ୟୋଗ ଓ ନୂତନ ଆବିଷ୍କାରର ଅସୀମ ସମ୍ଭାବନା ଯୁବପିଢ଼ି ସମ୍ମୁଖରେ ଖୋଲିଛି। ତଥାପି ଗ୍ରାମାଞ୍ଚଳର ଅନେକ ଛାତ୍ରଛାତ୍ରୀଙ୍କ ପାଇଁ ଗୁଣାତ୍ମକ ଶିକ୍ଷା, ଉପଯୁକ୍ତ ପୁସ୍ତକ, ଇଣ୍ଟରନେଟ୍ ସୁବିଧା, ପରୀକ୍ଷା ପ୍ରସ୍ତୁତି ଓ ଦକ୍ଷତା ବିକାଶର ସୁଯୋଗ ସମାନ ଭାବେ ଉପଲବ୍ଧ ନୁହେଁ। ଆର୍ଥିକ ଅସମାନତା ଯଦି ପ୍ରତିଭାର ବିକାଶରେ ପ୍ରତିବନ୍ଧକ ହୁଏ, ତେବେ ତାହା କେବଳ ଜଣେ ଛାତ୍ରର କ୍ଷତି ନୁହେଁ, ସମଗ୍ର ରାଷ୍ଟ୍ରର ସମ୍ଭାବନାର କ୍ଷତି। ସରକାର, ଶିକ୍ଷାନୁଷ୍ଠାନ, ଶିକ୍ଷକ, ଅଭିଭାବକ ଓ ସମାଜ ଏକାଠି ହୋଇ ଏପରି ପରିବେଶ ଗଢ଼ିବା ଆବଶ୍ୟକ, ଯେଉଁଠି ପ୍ରତ୍ୟେକ ଶିଶୁ ନିଜ ସାମର୍ଥ୍ୟ ଅନୁଯାୟୀ ଆଗକୁ ବଢ଼ିବାର ସୁଯୋଗ ପାଇବ। ଶିକ୍ଷାରେ ଲିଙ୍ଗଗତ ଭେଦଭାବ ଦୂର କରିବା, ଛାତ୍ରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା, ବିଦ୍ୟାଳୟରେ ସ୍ୱଚ୍ଛ ପାନୀୟ ଜଳ ଓ ଶୌଚାଳୟ ଉପଲବ୍ଧ କରାଇବା ଏବଂ ଆର୍ଥିକ ଦୁର୍ବଳ ପରିବାରର ପିଲାଙ୍କୁ ସହାୟତା ଦେବା ଏହି ଦିଗରେ ଅପରିହାର୍ଯ୍ୟ ପଦକ୍ଷେପ। ଛାତ୍ରଛାତ୍ରୀଙ୍କୁ କେବଳ ଚାକିରି ଖୋଜୁଥିବା ମଣିଷ ନୁହେଁ, ନିଯୁକ୍ତି ସୃଷ୍ଟି କରୁଥିବା ଉଦ୍ୟୋଗୀ, ଦକ୍ଷ କୃଷି ନବପ୍ରବର୍ତ୍ତକ, ଗବେଷକ ଓ ସମାଜ ପରିବର୍ତ୍ତନର ବାହକ ଭାବେ ଗଢ଼ିବାକୁ ହେବ।

ଏହି ଆଲୋଚନାର ଦ୍ୱିତୀୟ ମୁଖ୍ୟ ଦିଗ ହେଉଛି ଗ୍ରାମୀଣ ନାରୀଙ୍କ ଅବଦାନ। ଆନ୍ତର୍ଜାତିକ ଗ୍ରାମୀଣ ନାରୀ ଦିବସ ଆମକୁ ସ୍ମରଣ କରାଏ ଯେ ଦେଶର ଖାଦ୍ୟ ସୁରକ୍ଷା, କୃଷି ଉତ୍ପାଦନ, ପରିବାରର ଆର୍ଥିକ ସ୍ଥିରତା ଓ ଗ୍ରାମୀଣ ଅର୍ଥନୀତିର ଚକ୍ରକୁ ସଚଳ ରଖିବାରେ ନାରୀଙ୍କ ଭୂମିକା ଅତୁଳନୀୟ। ମାଟିରେ ବିହନ ବୁଣିବାଠାରୁ ଫସଲ ଅମଳ, ପଶୁପାଳନ, ଘରୋଇ ଉଦ୍ୟୋଗ, ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ଓ ପରିବାର ପରିଚାଳନା ପର୍ଯ୍ୟନ୍ତ ଅନେକ କ୍ଷେତ୍ରରେ ଗ୍ରାମୀଣ ନାରୀଙ୍କ ଶ୍ରମ ଅବିରତ ଭାବେ ଜାରି ରହିଛି। ତଥାପି ତାଙ୍କ ଶ୍ରମର ଯଥାର୍ଥ ମୂଲ୍ୟାୟନ, ସମ୍ପତ୍ତିର ଅଧିକାର, ଋଣ ସୁବିଧା, ବଜାର ସଂଯୋଗ, ଉନ୍ନତ ପ୍ରଯୁକ୍ତି



ଓ ନିଷ୍ପତ୍ତି ଗ୍ରହଣରେ ସମାନ ଅଂଶୀଦାରିତା ଅନେକ ସ୍ଥାନରେ ଏବେ ବି ଏକ ଚ୍ୟାଲେଞ୍ଜ। ଘର ଓ କ୍ଷେତର ଦୁଇଗୁଣ ଦାୟିତ୍ୱ ବହନ କରୁଥିବା ନାରୀଙ୍କୁ କେବଳ ପରିବାରର ସହାୟକ ଭାବେ ନୁହେଁ, ଅର୍ଥନୈତିକ ଉନ୍ନତିର ସକ୍ରିୟ ନିର୍ମାତା ଭାବେ ସ୍ୱୀକୃତି ଦେବାକୁ ହେବ। ସ୍ୱୟଂ ସହାୟକ ଗୋଷ୍ଠୀ, କ୍ଷୁଦ୍ର ଉଦ୍ୟୋଗ, ଦୁଗ୍ଧ ଉତ୍ପାଦନ, ଖାଦ୍ୟ ପ୍ରକ୍ରିୟାକରଣ, ହସ୍ତଶିଳ୍ପ ଓ ଡିଜିଟାଲ ବଜାର ବ୍ୟବସ୍ଥା ଗ୍ରାମୀଣ ନାରୀଙ୍କୁ ଆତ୍ମନିର୍ଭର କରିବାର ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ହୋଇପାରେ। କିନ୍ତୁ କେବଳ ଯୋଜନା ଘୋଷଣା କଲେ ସଶକ୍ତୀକରଣ ହୁଏ ନାହିଁ; ଯୋଜନାର ସୁଫଳ ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚିବା, ପ୍ରଶିକ୍ଷଣ ମିଳିବା, ଉତ୍ପାଦର ନ୍ୟାୟସଙ୍ଗତ ମୂଲ୍ୟ ମିଳିବା ଏବଂ ନାରୀଙ୍କ ନିଜସ୍ୱ ଆୟ ଉପରେ ତାଙ୍କର ନିୟନ୍ତ୍ରଣ ରହିବା ଆବଶ୍ୟକ। ଝିଅମାନଙ୍କ ଶିକ୍ଷା, ପୁଷ୍ଟି, ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ପରିବାରର ଅତିରିକ୍ତ ଖର୍ଚ୍ଚ ଭାବେ ଦେଖିବାର ମନୋଭାବ ବଦଳିବା ଦରକାର। ଗୋଟିଏ ଗ୍ରାମୀଣ ନାରୀ ଶିକ୍ଷିତ, ସୁସ୍ଥ ଓ ଆର୍ଥିକ ଭାବେ ସ୍ୱାଧୀନ ହେଲେ ତାହାର ସୁଫଳ କେବଳ ତାଙ୍କ ଜୀବନରେ ସୀମିତ ରହେ ନାହିଁ; ସମଗ୍ର ପରିବାରର ଶିକ୍ଷା, ସ୍ୱାସ୍ଥ୍ୟ, ସଞ୍ଚୟ ଓ ଭବିଷ୍ୟତ ଉପରେ ଏହାର ସକାରାତ୍ମକ ପ୍ରଭାବ ପଡ଼େ। ତୃତୀୟ ଦିବସ, ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ, ଆମକୁ ଏକ ସରଳ କିନ୍ତୁ ଜୀବନରକ୍ଷାକାରୀ ଅଭ୍ୟାସର ମହତ୍ତ୍ୱ ବୁଝାଏ। ଖାଇବା ପୂର୍ବରୁ, ଶୌଚାଳୟ ବ୍ୟବହାର ପରେ, ଶିଶୁର ମଳମୂତ୍ର ସଫା କରିବା ପରେ, ରୋଗୀଙ୍କ ଯତ୍ନ ନେବା ପୂର୍ବରୁ ଓ ପରେ ଏବଂ ରାନ୍ଧିବା ପୂର୍ବରୁ ସାବୁନ ଓ ପରିଷ୍କାର ଜଳରେ ହାତ ଧୋଇବା ଅନେକ ସଂକ୍ରାମକ ରୋଗର ପ୍ରସାର ହ୍ରାସ କରିପାରେ। ଏହା ଏକ ଛୋଟ କାର୍ଯ୍ୟ ହେଲେ ମଧ୍ୟ ଏହାର ସାମାଜିକ ପ୍ରଭାବ ବ୍ୟାପକ। ଅପରିଷ୍କାର ହାତ ମାଧ୍ୟମରେ ଜୀବାଣୁ ଖାଦ୍ୟ ଓ ଜଳକୁ ଦୂଷିତ କରିପାରନ୍ତି, ଯାହା ଫଳରେ ଝାଡ଼ା, ପେଟଜନିତ ସଂକ୍ରମଣ ଓ ଅନ୍ୟାନ୍ୟ ରୋଗର ଆଶଙ୍କା ବଢ଼େ। ଶିଶୁ, ବୃଦ୍ଧ ଓ ରୋଗପ୍ରତିରୋଧକ ଶକ୍ତି କମ୍ ଥିବା ଲୋକଙ୍କ ପାଇଁ ଏପରି ସଂକ୍ରମଣ ଅଧିକ ବିପଜ୍ଜନକ ହୋଇପାରେ। ତେଣୁ ସ୍ୱଚ୍ଛତାକୁ କେବଳ ଗୋଟିଏ ଦିନର ସଚେତନତା କାର୍ଯ୍ୟକ୍ରମରେ ସୀମିତ ରଖିବା ଉଚିତ ନୁହେଁ। ପ୍ରତ୍ୟେକ ବିଦ୍ୟାଳୟ, ଅଙ୍ଗନବାଡ଼ି, ଚିକିତ୍ସାଳୟ, ଭୋଜନାଳୟ, କାର୍ଯ୍ୟସ୍ଥଳ ଓ ସାର୍ବଜନୀନ ସ୍ଥାନରେ ସାବୁନ ଓ ସୁରକ୍ଷିତ ଜଳର ବ୍ୟବସ୍ଥା ରହିବା ଆବଶ୍ୟକ। କେବଳ ଲୋକଙ୍କୁ ହାତ ଧୋଇବାକୁ କହିଦେଲେ ହେବ ନାହିଁ; ସେଥିପାଇଁ ଆବଶ୍ୟକ ସୁବିଧା ମଧ୍ୟ ଉପଲବ୍ଧ କରାଇବାକୁ ପଡ଼ିବ। ଗ୍ରାମାଞ୍ଚଳରେ ନିରାପଦ ପାନୀୟ ଜଳ, ପରିମଳ ବ୍ୟବସ୍ଥା, ଆବର୍ଜନା ପରିଚାଳନା ଓ ସ୍ୱାସ୍ଥ୍ୟ ଶିକ୍ଷାକୁ ଅଧିକ ସୁଦୃଢ଼ କରିବା ଦରକାର। ଏହି ତିନୋଟି ଦିବସକୁ ଏକାଠି ଦେଖିଲେ ଏକ ଗଭୀର ସମ୍ପର୍କ ସ୍ପଷ୍ଟ ହୁଏ। ଶିକ୍ଷିତ ଛାତ୍ରଛାତ୍ରୀ ସ୍ୱଚ୍ଛତାର ବାର୍ତ୍ତାକୁ ପରିବାର ଓ ସମାଜରେ ପହଞ୍ଚାଇପାରିବେ; ସଶକ୍ତ ଗ୍ରାମୀଣ ନାରୀ ପରିବାରର ପୁଷ୍ଟି, ସ୍ୱାସ୍ଥ୍ୟ ଓ ପରିମଳରେ ନେତୃତ୍ୱ ନେଇପାରିବେ; ଏବଂ ସୁସ୍ଥ ଶିଶୁ ଓ ଯୁବପିଢ଼ି ଶିକ୍ଷା ଗ୍ରହଣ କରି ରାଷ୍ଟ୍ରର ବିକାଶରେ ଅବଦାନ ଦେଇପାରିବେ। ଏହା ଏକ ପରସ୍ପର ସଂଯୁକ୍ତ ଉନ୍ନତିର ଚକ୍ର। ଓଡ଼ିଶା ପରି ଏକ ରାଜ୍ୟରେ ଏହି ତିନୋଟି କ୍ଷେତ୍ରକୁ ଗୁରୁତ୍ୱ ଦେବାର ଆବଶ୍ୟକତା ଅଧିକ। ଆଦିବାସୀ ଓ ଦୁର୍ଗମ ଅଞ୍ଚଳର ଛାତ୍ରଛାତ୍ରୀଙ୍କ ପାଖରେ ଉନ୍ନତ ଶିକ୍ଷା ପହଞ୍ଚାଇବା, ଗ୍ରାମୀଣ ନାରୀଙ୍କୁ ଆଧୁନିକ ଦକ୍ଷତା ଓ ବଜାର ସୁଯୋଗ ଦେବା, ଏବଂ ପ୍ରତ୍ୟେକ ଗ୍ରାମରେ ସ୍ୱଚ୍ଛ ଜଳ ଓ ପରିମଳ ସୁବିଧା ସୁନିଶ୍ଚିତ କରିବା ବିକାଶର ଅତ୍ୟାବଶ୍ୟକ ଆଧାର। ଏଥିପାଇଁ ସରକାରୀ ପ୍ରୟାସ ସହିତ ସ୍ଥାନୀୟ ପ୍ରଶାସନ, ଶିକ୍ଷକ, ମହିଳା ସଂଗଠନ, ସ୍ୱେଚ୍ଛାସେବୀ ସଂସ୍ଥା, ଗଣମାଧ୍ୟମ ଓ ସାଧାରଣ ନାଗରିକଙ୍କ ସକ୍ରିୟ ଭାଗୀଦାରି ଅପରିହାର୍ଯ୍ୟ। ଗଣମାଧ୍ୟମର ଦାୟିତ୍ୱ ମଧ୍ୟ ଏଠାରେ ଗୁରୁତ୍ୱପୂର୍ଣ୍ଣ। କେବଳ ସମସ୍ୟାକୁ ଉଜାଗର କରିବା ନୁହେଁ, ସଫଳ ଉଦାହରଣକୁ ଲୋକଙ୍କ ସାମ୍ନାକୁ ଆଣିବା, ଅଧିକାର ସମ୍ପର୍କରେ ସଚେତନ କରିବା ଏବଂ ପ୍ରଶାସନକୁ ଉତ୍ତରଦାୟୀ କରିବା ମଧ୍ୟ ସମ୍ବାଦପତ୍ରର ଗୁରୁଦାୟିତ୍ୱ। ଅକ୍ଟୋବର ୧୫ ତାରିଖର ବାର୍ତ୍ତା ଏକ ଦିନର ଉତ୍ସବରେ ଶେଷ ହେବା ଉଚିତ ନୁହେଁ; ଏହା ଆମ ଦୈନନ୍ଦିନ ଆଚରଣ, ନୀତିନିର୍ଦ୍ଧାରଣ ଓ ସାମାଜିକ ଦାୟିତ୍ୱର ଅଂଶ ହେବା ଆବଶ୍ୟକ। ଆମେ ଯଦି ପ୍ରତ୍ୟେକ ଛାତ୍ରଙ୍କ ସ୍ୱପ୍ନକୁ ସୁଯୋଗ ଦେବା, ପ୍ରତ୍ୟେକ ଗ୍ରାମୀଣ ନାରୀଙ୍କ ଶ୍ରମକୁ ସମ୍ମାନ ଓ ନ୍ୟାୟସଙ୍ଗତ ମୂଲ୍ୟ ଦେବା ଏବଂ ପ୍ରତ୍ୟେକ ପରିବାରରେ ସ୍ୱଚ୍ଛତାର ଅଭ୍ୟାସ ଗଢ଼ିବା, ତେବେ ବିକଶିତ ଭାରତର ସ୍ୱପ୍ନ କେବଳ ଘୋଷଣାରେ ସୀମିତ ରହିବ ନାହିଁ। ରାଷ୍ଟ୍ରର ପ୍ରକୃତ ଶକ୍ତି ତାହାର ନାଗରିକଙ୍କ ଜ୍ଞାନ, ନାରୀଙ୍କ ଆତ୍ମବିଶ୍ୱାସ ଓ ସମାଜର ସ୍ୱାସ୍ଥ୍ୟରେ ନିହିତ। ଏହି ତିନୋଟି ଦିବସ ଆମକୁ ସେହି ଅମୂଲ୍ୟ ସତ୍ୟର ସ୍ମରଣ କରାଉଛି।

ଆସନ୍ତୁ, ଆମେ ସଂକଳ୍ପ ନେବା—ପ୍ରତ୍ୟେକ ଶିଶୁକୁ ଶିକ୍ଷା, ପ୍ରତ୍ୟେକ ନାରୀଙ୍କୁ ସମ୍ମାନ ଓ ସ୍ୱାବଲମ୍ବନ, ଏବଂ ପ୍ରତ୍ୟେକ ନାଗରିକଙ୍କୁ ସ୍ୱଚ୍ଛ ଓ ସୁସ୍ଥ ଜୀବନର ସୁଯୋଗ ଦେବା। କାରଣ ଏକ ସଶକ୍ତ ଯୁବପିଢ଼ି, ସମ୍ମାନିତ ଗ୍ରାମୀଣ ନାରୀ ଓ ସ୍ୱଚ୍ଛ ସମାଜ ହିଁ ସମୃଦ୍ଧ, ସମାନତାଭିତ୍ତିକ ଓ ମାନବିକ ଭାରତର ପ୍ରକୃତ ପରିଚୟ।

ମୋ: ୯୪୩୭୯୯୪୩୭୯

## ନବରଙ୍ଗପୁରରେ ନୂତନ ଜିଲ୍ଲାପାଳଙ୍କ ଦାୟିତ୍ୱ ଗ୍ରହଣ

ନବରଙ୍ଗପୁର,୧୪।୧୦ (ନିପ୍ର); ନବରଙ୍ଗପୁର ଜିଲ୍ଲାର ନୂତନ ଜିଲ୍ଲାପାଳ ଭାବେ ୨୦୨୦ ବ୍ୟାଚର ଆଇଏଏସ୍ ମଧୁମିତା ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ନେବା ପରେ ସେ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହ ସମୀକ୍ଷା ବୈଠକ କରି ଉନ୍ନୟନ ପ୍ରକଳ୍ପ ଓ ଆଇନଶୃଙ୍ଖଳା ସ୍ଥିତିର ସମୀକ୍ଷା କରିଛନ୍ତି। ଜିଲ୍ଲାର ସାମଗ୍ରିକ ବିକାଶ, ସରକାରୀ




ଯୋଜନାକୁ ତୃଣମୂଳସ୍ତରରେ ପହଞ୍ଚାଇବା ଓ ଜନ ଅଭିଯୋଗର ତୁରନ୍ତ ସମାଧାନ ତାଙ୍କର ପ୍ରାଥମିକତା ରହିବ ବୋଲି ଗଣମାଧ୍ୟମକୁ କହିଛନ୍ତି। ପୂର୍ବରୁ ସେ ବାଲିଗୁଡ଼ା ଉପଜିଲ୍ଲାପାଳ ଓ ଗଜପତି ଜିଲ୍ଲାପାଳ ଭାବେ କାର୍ଯ୍ୟ କରିଛନ୍ତି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଓ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଘରକୁ ଘର ସର୍ଭେ ତାଲିମ କାର୍ଯ୍ୟକ୍ରମ

ଭଦ୍ରକ,୧୪।୧୦ (ନିପ୍ର): ଆଗାମୀ ୨୦୨୭ ମସିହାରେ ହେବାକୁ ଥିବା ପଞ୍ଚାୟତିରାଜ ଅନୁଷ୍ଠାନ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ସ୍ୱଚ୍ଛ ଓ ଅଦ୍ୟତନ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ଡୋରଟୁ-ଡୋର୍ ସର୍ଭେ ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ନିର୍ବାଚନ ଆୟୁକ୍ତ ମଧୁସୂଦନ ପାଢ଼ୀ ଏବଂ ଭଦ୍ରକ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଉପସ୍ଥିତ ଥିଲେ। ଭଣ୍ଡାରିପୋଖରୀ ସହ ଧାମନଗର ଅଞ୍ଚଳରେ ମଧ୍ୟ ଏହି ସର୍ଭେ ଓ ତାଲିମ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯାଇଛି। କାର୍ଯ୍ୟକ୍ରମରେ ସୁପରଭାଇଜର, ବୁଥ୍‌ସ୍ତରୀୟ ଅଧିକାରୀ ଏବଂ ସହାୟକ ଟିମ୍ ସଦସ୍ୟମାନଙ୍କୁ ଘରକୁ ଘର ଯାଇ ସର୍ଭେ କରିବା, ଭୋଟରଙ୍କ ତଥ୍ୟ ଯାଞ୍ଚ କରିବା ଓ ଭୋଟର ତାଲିକାକୁ ଅଦ୍ୟତନ ରଖିବା ସମ୍ପର୍କରେ ତାଲିମ ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଇଥିଲା।ଏହି ସର୍ଭେ ମାଧ୍ୟମରେ ଯୋଗ୍ୟ ନୂତନ ଭୋଟରଙ୍କ ନାମ ତାଲିକାରେ ସାମିଲ କରିବା, ଭୋଟରଙ୍କ ବିବରଣୀରେ ଥିବା ତ୍ରୁଟି ସଂଶୋଧନ କରିବା ଏବଂ ନିୟମାନୁସାରେ ଅଯୋଗ୍ୟ ନାମଗୁଡ଼ିକୁ ବାଦ୍ ଦେବା ଉପରେ ଗୁରୁତ୍ୱ ଦିଆଯିବ।

## ଛାତ୍ର ସଂସଦ ନିର୍ବାଚନ ପାଇଁ କଲେଜ ପରିସର ସରଗରମ

ପୁରୀ,୧୪।୧୦ (ନିପ୍ର): ଦୀର୍ଘ ଆଠ ବର୍ଷ ପରେ ଚଳିତ ବର୍ଷ ଛାତ୍ର ସଂସଦର ନିର୍ବାଚନ ହେଉଥିବା ଯୋଗୁଁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଥିଲା ଆଉ କେଇ ଘଣ୍ଟା ପରେ ଅର୍ଥାତ୍ ଆସନ୍ତା କାଲି ସକାଳ ୮ ଟା ଠାରୁ ମଧ୍ୟାହ୍ନ ୨ ଟା ମଧ୍ୟରେ ଛାତ୍ରଛାତ୍ରୀମାନେ ସେମାନଙ୍କର ପ୍ରାର୍ଥୀ ମାନଙ୍କ ସପକ୍ଷରେ ମତଦାନ କରିବେ । ମହାବିଦ୍ୟାଳୟ ପରିସରରେ ଆଜି ୱାଇ ୱାଇ ଷ୍ଟାଣ୍ଡ ମିଟିଂ ଅନୁଷ୍ଠିତ ହୋଇଥିଲା। ପ୍ରତିଦ୍ୱନ୍ଦ୍ୱିତା ପାଇଁ ବିଭିନ୍ନ ପ୍ରାର୍ଥୀ ମାନେ ବିଜୟ ଲାଭ କଲା ପରେ ମହାବିଦ୍ୟାଳୟ ପାଇଁ କଣ କରିବେ ଓ ସେମାନଙ୍କୁ ଛାତ୍ର ଛାତ୍ରୀମାନେ କାହିଁକି ଭୋଟ ଦେବେ ନିଜ ନିଜ ସଂପର୍କରେ ସୂଚନା ଦେବା ସହ ପ୍ରାର୍ଥୀ ମାନେ ସେମାନଙ୍କୁ ଭୋଟ ଦେବା ପାଇଁ ଅନୁରୋଧ କରିଥିଲେ। ଆସନ୍ତା କାଲି ଅପରାହ୍ନ ରେ ଭୋଟ ଗଣତି ହୋଇ ସନ୍ଧ୍ୟା ସୁଦ୍ଧା ବିଜୟୀ ପ୍ରାର୍ଥୀମାନଙ୍କ ନାମ ଘୋଷଣା କରାଯିବ ଓ ୧୬ ତାରିଖ ଦିନ ବିଜୟୀ ପ୍ରାର୍ଥୀ ମାନେ ଶପଥ ଗ୍ରହଣ କରାଯିବାର କାର୍ଯ୍ୟକ୍ରମ ଅଛି। ସରକାରୀ ମହିଳା ମହାବିଦ୍ୟାଳୟ ମଧ୍ୟ ନିର୍ବାଚନ ପାଇଁ ବେଶ୍ ଚଳଚଞ୍ଚଳ ହେବ ସହ ସରଗରମ ମଧ୍ୟ ରହିଥିଲା ଉଭୟ କଲେଜ ପରିସର ସମ୍ମୁଖରେ ଶାନ୍ତି ଶୃଙ୍ଖଳା ରକ୍ଷା ଓ କଲେଜ ପରିସର ମଧ୍ୟରେ କୌଣସି ଅଘଟଣ ଯେପରି ନ ଘଟେ ସେଥିପ୍ରତି ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ତୀକ୍ଷଣ ଦୃଷ୍ଟି ରଖାଯାଇଛି।

## ପଞ୍ଚାୟତ ଓ ଏନଏସି ନିର୍ବାଚନ ପ୍ରସ୍ତୁତି
### ଧାମନଗରରେ ବିଏଲଓ ଓ ସୁପରଭାଇଜରଙ୍କୁ ତାଲିମ

ଧାମନଗର,୧୪।୧୦ (ନିପ୍ର); ଆଗାମୀ ପଞ୍ଚାୟତ ଓ ଏନଏସି ନିର୍ବାଚନକୁ ଦୃଷ୍ଟିରେ ରଖି ଭୋଟର ତାଲିକାକୁ ସ୍ୱଚ୍ଛ, ଶୁଦ୍ଧ ଓ ତ୍ରୁଟିମୁକ୍ତ କରିବା ଲକ୍ଷ୍ୟରେ ଧାମନଗର ବ୍ଲକ ସଭାଗୃହରେ ବୁଥ ସ୍ତରୀୟ ଅଧିକାରୀ ଓ ସୁପରଭାଇଜରମାନ ଙ୍କୁ ଘରକୁ ଘର ସର୍ଭେ ସମ୍ପର୍କିତ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯାଇଛି। ଏହି ତାଲିମ କାର୍ଯ୍ୟକ୍ରମରେ ରାଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ, ଭଦ୍ରକ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ, ଧାମନଗର ତହସିଲଦାର ଜ୍ଞାନରଞ୍ଜନ ସାହୁ, ବିଡିଓ ବନ ବିହାରୀ ଦିଣ୍ଡା ଓ ଏନଏସି ଇଓ ଦେବବ୍ରତ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଭୋଟର ତାଲିକା ପ୍ରସ୍ତୁତି ଓ ସଂଶୋଧନ ସମ୍ପର୍କରେ ଅଧିକାରୀମାନଙ୍କ ସହ ବିସ୍ତୃତ ଆଲୋଚନା ହୋଇଥିଲା।ତାଲିମରେ ନୂତନ ଭୋଟରଙ୍କ ନାମ ପଞ୍ଜୀକରଣ, ମୃତ ଓ ସ୍ଥାନାନ୍ତରିତ ଭୋଟରଙ୍କ ନାମ ନିୟମାନୁସାରେ ବାଦ୍ ଦେବା, ତାଲିକାରେ ଥିବା ତ୍ରୁଟି ସଂଶୋଧନ ଏବଂ ଘରକୁ ଘର ଯାଇ ସଠିକ୍ ତଥ୍ୟ ସଂଗ୍ରହ ଉପରେ ଗୁରୁତ୍ୱ ଦିଆଯାଇଥିଲା। ପଞ୍ଚାୟତ ଓ ଏନଏସି ଅଞ୍ଚଳର ପ୍ରତ୍ୟେକ ଯୋଗ୍ୟ ନାଗରିକ ଯେପରି ମତଦାନ ଅଧିକାରରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ସର୍ଭେ କାର୍ଯ୍ୟକୁ ସଠିକ୍, ନିରପେକ୍ଷ ଓ ପାରଦର୍ଶୀ ଭାବେ ସମ୍ପାଦନ କରିବାକୁ ଅଧିକାରୀମାନେ ଗୁରୁତ୍ୱାରୋପ କରିଥିଲେ।

## ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

ଭଦ୍ରକ,୧୪।୧୦ (ନିପ୍ର); ହନୁମାନ ଜିଉ ଉଚ୍ଚ ବିଦ୍ୟାଳୟ ତତ୍ତ୍ୱାବଧାନରେ ରେଳବାଇ ପଡ଼ିଆରେ ୭୦ତମ ଭଦ୍ରକ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ୨୦୨୬-୨୭ ଉଦ୍‌ଘାଟିତ ହୋଇଯାଇଅଛି । ଜିଲ୍ଲା ଶିକ୍ଷାଧିକାରୀ ଡ଼. ଜଗବନ୍ଧୁ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଭଦ୍ରକ ଲୋକସଭା ସାଂସଦ ଅଭିମନ୍ୟୁ ସେଠୀ, ମୁଖ୍ୟ ବକ୍ତା ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ ଓ ପ୍ରଫୁଲ୍ଲ କୁମାର ସାହୁ, ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ଖଟୁଆ ଯୋଗଦାନ କରି ଛାତ୍ର ଜୀବନରେ କ୍ରୀଡ଼ାର ଆବଶ୍ୟକତା, ଶୃଙ୍ଖଳା ତଥା ଚରିତ୍ର ଗଠନ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ । ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରାଜେନ୍ଦ୍ର କୁମାର ନାୟକ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲା ବେଳେ କେନ୍ଦୁଆପଦା ହାଇସ୍କୁଲର ପ୍ରଧାନଶିକ୍ଷକ ଶଶୀଶେଖର କରଶର୍ମା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

## 'ହ୍ୱାଏ ଆଇ ଷ୍ଟାଣ୍ଡ୍ ଫର' ବୈଠକରେ ପ୍ରାର୍ଥୀଙ୍କ ସ୍ୱଷ୍ଟୀକରଣ
### କେବଳ ପ୍ରଚାରକୁ ଦେଖି ନୁହେଁ, ବିଚାରକୁ ନେଇ ଦିଅନ୍ତୁ ଭୋଟ

ରେଢ଼ାଖୋଲ,୧୪।୧୦ (ନିପ୍ର): କଲେଜ ପରିସରରେ ଏବେ ନିର୍ବାଚନୀ ବାତାବରଣ ସରଗରମ। ତ୍ରିମୁଖୀ ଲଢେଇ ରେ କିଏ ଜିତିବ । କାହାକୁ ଚୟନ କରିବେ ଛାତ୍ରଛାତ୍ରୀ । ଛାତ୍ର ସଂସଦ ସଭାପତି ପଦରେ ୩ ଜଣ ପ୍ରାର୍ଥୀ ଶିବ ପ୍ରଧାନ ,ଓମ୍ ପ୍ରକାଶ ମହାରଣା,ଓ ଶ୍ରେୟାଂଶ ମହାପାତ୍ର ପ୍ରତିଦ୍ୱନ୍ଦିତା କରୁଛନ୍ତି। ଭୋଟିଂ ପରେ ଜଣାପଡ଼ିବ କିଏ ବିଜୟୀ । ଛାତ୍ର ସଂସଦ ନିର୍ବାଚନକୁ ସ୍ୱଚ୍ଛ, ଶୃଙ୍ଖଳିତ ଏବଂ ପ୍ରଗତିଶୀଳ କରିବାଲକ୍ଷ୍ୟରେ ରେଢ଼ାଖୋଲ ଭୀମଭୋଇ କଲେଜରେ ଏକ ସ୍ୱତନ୍ତ୍ର 'ହ୍ୱାଏ ଆଇ ଷ୍ଟାଣ୍ଡ୍ ଫର' ବୈଠକ ଗତକାଲି ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କେବଳ ଭୋଟ୍ ରାଜନୀତି ନୁହେଁ, ବରଂ ପ୍ରାର୍ଥୀ ମାନଙ୍କର ପ୍ରତିବଦ୍ଧତା, ଦକ୍ଷତା ଏବଂ କଲେଜର ଉନ୍ନତି ପାଇଁ ସେମାନଙ୍କର ନକ୍ସା ଉପରେ ବିସ୍ତୃତ ମତାମତ ରଖି ଭୋଟରଙ୍କୁ ଆକୃଷ୍ଟ କରିଥିଲେ । ପାରମ୍ପରିକ ଶକ୍ତି ପ୍ରଦର୍ଶନ ଏବଂ ପୋଷ୍ଟର ବାଲାଜୀ ନିର୍ବାଚନଠାରୁ ଦୂରେଇ ରହି, ପ୍ରାର୍ଥୀମାନେ କାହିଁକି ନିର୍ବାଚନକୁ ଓହ୍ଲାଇଛନ୍ତି ଏବଂ ସାଧାରଣ ଛାତ୍ରଛାତ୍ରୀଙ୍କ ସମସ୍ୟା, କଲେଜ୍‌ର ବିଭିନ୍ନ ସମସ୍ୟା ସମାଧାନ ପାଇଁ ସେମାନଙ୍କର ରୋଡ୍‌ମ୍ୟାପ୍ କ'ଣ, ତାହା ଏହି



ମଞ୍ଚରେ ପ୍ରାର୍ଥୀ ମାନେ ଉପସ୍ଥାପନ କରିଥିଲେ । ଛାତ୍ରଛାତ୍ରୀମାନେ ସିଧାସଳଖ ପ୍ରାର୍ଥୀମାନଙ୍କୁ କଲେଜର ଶିକ୍ଷାଗତ ପରିବେଶ, କାଣ୍ଟିନ୍ ସମସ୍ୟା, ସିକ୍ୟୁରିଟି, ପାନୀୟ ଜଳର ସମସ୍ୟା, ପାଠାଗାର ଏବଂ କ୍ରୀଡ଼ା ସୁବିଧା ସହ କଲେଜର ବିକାଶକୁ ନେଇ ପ୍ରଶ୍ନ କରିଥିଲେ । ପ୍ରାର୍ଥୀମାନେ ନିଜର ପ୍ଲାଟଫର୍ମକୁ ଗୋଟିଏ ବାକ୍ୟରେ କହିବା ବଦଳରେ ସେମାନଙ୍କର ଲକ୍ଷ୍ୟକୁ ସ୍ପଷ୍ଟ ଭାବେ ଉପସ୍ଥାପନ କରିଥିଲେ, ଯାହାକି ଉପସ୍ଥିତ ସମସ୍ତଙ୍କୁ ପ୍ରଭାବିତ କରିବା ସହ ଏକ ସକାରାତ୍ମକ ପରିବର୍ତ୍ତନର ବାର୍ତ୍ତା ପ୍ରେରଣା ଦେଇଥିଲା । ବୈଠକ ଶେଷରେ ମତପ୍ରକାଶ ପାଇଥିଲା ଯେ ଏପରି କାର୍ଯ୍ୟକ୍ରମ କଲେଜରେ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ମଜଭୁତ କରିଥାଏ। ଭୋଟରମାନେ କେବଳ ଭାବବିହ୍ୱଳ ନହୋଇ, ଯୋଗ୍ୟତା ଏବଂ କାର୍ଯ୍ୟଦକ୍ଷତାକୁ ଆଧାର କରି ନିଜର ପ୍ରତିନିଧି ଚୟନ କରିବାକୁ ଏହି ମଞ୍ଚ ଆହ୍ୱାନ କରିଥିଲା । ଏହି ବୈଠକ ଆଗାମୀ ଦିନରେ ତ୍ରିମୁଖୀ ଲଢେଇ ପରେ ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ଭାଇଚାରା ସୃଷ୍ଟି କରିବ ବୋଲି ଛାତ୍ରଛାତ୍ରୀ କହିଥିଲେ ।

## ଇନ୍‌ଟାକ୍ ଚାପ୍ଟର ଭଦ୍ରକର ସ୍ୱତନ୍ତ୍ର ଅଧିବେଶନ

ଭଦ୍ରକ,୧୪।୧୦ (ନିପ୍ର); ଇନଟାକ୍ ଚାପ୍ଟର ଭଦ୍ରକ ଶାଖାର ଏକ ସ୍ୱତନ୍ତ୍ର ଅଧିବେଶନ ନିତ୍ୟାନନ୍ଦ ଭବନ, କୁଆଁସ, ଭଦ୍ରକର ଠାରେ ଶାଖାର କନଭେନର ଅବସରପ୍ରାପ୍ତ ଜିଲ୍ଲାପାଳ ଦିଗମ୍ବର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । କୋ-କନ୍‌ଭେନର ପ୍ରଭାକର ମଲ୍ଲିକ ତଥା ବରିଷ୍ଠ ସଭ୍ୟ ହରମୋହନ କୁଅଁର, ଗୋଲକ ବିହାରୀ ସାହୁ, ଅଜିତ୍ କୁମାର ନାୟକ, ମୁକ୍ତିକାନ୍ତ ମହାପାତ୍ର ଓ କରୁଣାକର ଉପାଧ୍ୟାୟ ମଞ୍ଚାସୀନ ହୋଇ ସଭା ପରିଚାଳନାରେ ସହଯୋଗ କରିଥିଲେ।

ଇତି ମଧ୍ୟରେ ସ୍ୱର୍ଗବାସୀ ହୋଇଥିବା ସଭ୍ୟ ଅଭିମନ୍ୟୁ ମହାନ୍ତିଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା । ସର୍ବ ପ୍ରଥମେ ଇନଟାକ୍‌ର ଦିଲ୍ଲୀସ୍ଥିତ ମୁଖ୍ୟ ଶାଖା ତରଫରୁ ନୂଆକରି ହୋଇଥିବା ଆଜୀବନ ସଭ୍ୟ ଓ ସାଧାରଣ ସଭ୍ୟମାନଙ୍କର ବାର୍ଷିକ ନବୀକରଣ ଦେୟ ବୃଦ୍ଧି କରାଯାଇଥିବାରୁ ସର୍ବସମ୍ମତିକ୍ରମେ ଏହା ଘୋର ବିରୋଧ କରାଯାଇ ପୂର୍ବ ନିର୍ଦ୍ଧାରିତ ଦେୟ ରାଶି କାଏମ୍ ରଖିବାକୁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହିତ ହୋଇଥିଲା। ଏହି ଉଦ୍ଦେଶ୍ୟରେ ତା ୨୨.୧୧.୨୬ରିଖ ଦିନ ସ୍ଥାନୀୟ ହାଇସ୍କୁଲ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଭଦ୍ରକର ଐତିହାସିକ ଓ ସଂସ୍କୃତି ବିଷୟ ବସ୍ତୁ ଉପରେ ବକ୍ତୃତା ପ୍ରତିଯୋଗିତା କରାଯାଇ ସେମାନଙ୍କୁ ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବାକୁ ସ୍ଥିର କରାଗଲା। ଏହାର ସୁପରିଚାଳନା ପାଇଁ ୨୫ଜଣ ସଭ୍ୟଙ୍କୁ ନେଇ ଗୋଟିଏ ଷ୍ଟିୟରିଙ୍ଗ୍ କମିଟି ଗଢ଼ା ଗଲା । ଏହାଛଡ଼ା ଭଦ୍ରକରେ ଲୋକଲୋଚନକୁ ଆସିପାରିନଥିବା ଐତିହ୍ୟସ୍ଥଳୀ ଗୁଡ଼ିକୁ ଚିହ୍ନଟ କରାଯିବା ପାଇଁ ଅନ୍ୟ ଏକ ୧୫ଜଣିଆ କମିଟି ଗଢ଼ା ଗଲା। ଉପସ୍ଥିତ ସଭ୍ୟ/ସଭ୍ୟାମାନଙ୍କୁ ପ୍ରସାଦ ସେବନରେ ଆପ୍ୟାୟିତ କରିଥିଲେ ଇନ୍‌ଟାକ୍ ସଭ୍ୟା ଶ୍ରୀମତୀ କଳ୍ପନା ବେହେରା। ଆଜିର ବୈଠକରେ ଅଧିକାଂଶ ସଭ୍ୟ ଉପସ୍ଥିତ ଥିବାରୁ ସଭାପତି ଖୁସି ପ୍ରକଟ କରିଥିଲେ। ସଭ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ସଂଗ୍ରାମ ସାହୁ, ଯୁଧିଷ୍ଠିର ବାରିକ୍, ଆଦିତ୍ୟ କୁମାର ନାୟକ, ପଦ୍ମନାଭ ନାୟକ, ସୁଧାକର ରାଉତ, ବାଦଲ କିଶୋର ମହାପାତ୍ର, ଅରବିନ୍ଦ ବସନ୍ତରାୟ, ବାବୁଲାଲ୍ ଦାସ, ସୁଦାମ ଚରଣ ଦାସ, କାଶୀନାଥ ପଣ୍ଡା, ଆଦିତ୍ୟ କୁମାର ଗୋସ୍ୱାମୀ, ହୃଷିକେଶ ମହାନ୍ତି, ଶାନ୍ତନୁ କୁମାର ରାଉତ, ଲକ୍ଷ୍ମଣ କୁମାର ମହାନ୍ତି, ଚି[illegible]ରଂଜନ ବରାଳ, ବିଜୟ କୁମାର ମହାନ୍ତି, ରବୀନ୍ଦ୍ର କୁମାର ମହାରଣା, ଚନ୍ଦ୍ରମୋହନ ମହାନ୍ତି, କୈଳାସ ଚନ୍ଦ୍ର ପଣ୍ଡା, ଦୁଃଶାସନ ମହାନ୍ତି, ତାରକଦାସ ଆଢ଼୍ୟ, ଗୋପାଳ ଚରଣ ସେଠୀ, ହରେକୃଷ୍ଣ ସାହୁ, ଅକ୍ଷୟ କୁମାର ହୋତା, ପ୍ରଦୀପ୍ତ କୁମାର ଦାସ, ସଂଗ୍ରାମ କେଶରୀ ଦାସ, ରତିକାନ୍ତ ମହାନ୍ତି, ଗୟାଧର ପଣ୍ଡା, ସନ୍ତୋଷ କୁମାର ମହାନ୍ତି, ସୁରେଶ କୁମାର ସାହୁ, ମଦନ ମୋହନ ନାୟକ, ସ୍ନେହଲତା ବେହେରା, ବିଚିତ୍ରାନନ୍ଦ ମହାନ୍ତି, ଦୀଲିପ୍ କୁମାର ନାୟକ, ପ୍ରିୟଙ୍କା ପ୍ରିୟଦର୍ଶୀ ପାଣିଗ୍ରାହୀ, ଶରତ କୁମାର ସାହୁ ଓ ଭାରତ ବାଇ ପ୍ରମୁଖ ଉପସ୍ଥିତ ଥିଲେ। ପରିଶେଷରେ ସଭ୍ୟ ରାମାକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଜେକେପୁରରେ ଦୁର୍ଗାପୂଜା :ଦାଣ୍ଡିଆଠାରୁ ରାବଣ ପୋଡ଼ି ଯାଏଁ ରହିଛି ଭରପୂର ଆକର୍ଷଣ

ରାୟଗଡ଼,୧୪।୧୦: ରାୟଗଡ଼ ଜିଲ୍ଲା ଜେକେ କାଗଜକଳ ଦୁର୍ଗାପୂଜା କମିଟି ଦ୍ୱାରା ଆୟୋଜିତ ହେବାକୁ ଥିବା ଏହି ପୂଜା ସହିତ ବିଭିନ୍ନ ଧାର୍ମିକ, ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏଥିପାଇଁ ପୂଜା କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଚଳିତବର୍ଷ କୋଲକାତାର ପ୍ରସିଦ୍ଧ ଦକ୍ଷିଣେଶ୍ୱର କାଳୀ ମନ୍ଦିରର ଆକୃତିର ସୁନ୍ଦର ତୋରଣ ନିର୍ମାଣ କରାଯାଇଛି। ପୂଜା କମିଟିର ଅଧ୍ୟକ୍ଷ ବିନୟ ଦ୍ୱିବେଦୀ, ସମ୍ପାଦକ ବିଶ୍ୱଜିତ ଦ୍ୱିବେଦୀ, ସହକାରୀ ସମ୍ପାଦକ ଶୈଳେନ୍ଦ୍ର କୁମାର ସାମନ୍ତରାୟ ଓ କୋଷାଧ୍ୟକ୍ଷ ଗଣେଶ ସିଂଙ୍କ ନେତୃତ୍ୱରେ ପ୍ରସ୍ତୁତି ଚାଲିଛି। ସମନ୍ୱୟ କମିଟିରେ ସନ୍ଦୀପ ପାଣ୍ଡେ, ଏମ୍.ଭି. ରାଜା, ଜି.ଏସ୍. ପଟ୍ଟନାୟକ, ସି.ଏସ୍. ଆପ୍ପା ରାଓ, ପି. ଗୌରୀ ଶଙ୍କର ରାଓ, ବାଲାଜୀ ପେଣ୍ଡେନ୍‌ଠି, ତ୍ରିପତି ରାଓ, ଏସ୍. ଦୁର୍ଗା, ଜି.ଭି. ରମଣା, ସୁବ୍ବା କ୍ରିଷିକା, ଆଲୁ ଶଙ୍କର ଓ ମେନାର ବାବୁ ସାମିଲ ଅଛନ୍ତି। ଅକ୍ଟୋବର ୧୭ ତାରିଖ ଶନିବାର ଷଷ୍ଠୀ ପୂଜାରୁ ଧାର୍ମିକ କାର୍ଯ୍ୟକ୍ରମ ଆରମ୍ଭ ହୋଇ ଅକ୍ଟୋବର ୨୧ ତାରିଖ ବୁଧବାର ବିଜୟାଦଶମୀ ଶେଷ ହେବ। ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମର ମଧ ଆୟୋଜନ ହୋଇଛି। ଅକ୍ଟୋବର ୨୦ ତାରିଖରେ 'ନୃତ୍ୟ ସଦନ' ଓ 'ସ୍ୱର ସାଗର'ର କଳାକାରମାନେ



ଶାସ୍ତ୍ରୀୟ ଓ ଲୋକନୃତ୍ୟ ପରିବେଷଣ କରିବେ। ଏହା ସହ ସ୍ଥାନୀୟ ନୃତ୍ୟ ଦଳଗୁଡ଼ିକର ଚୂଡ଼ାନ୍ତ ପ୍ରଦର୍ଶନ ହେବ। ଅକ୍ଟୋବର ୨୧ ତାରିଖରେ ଜେକେପୁରର 'ଜୟ ଜଗନ୍ନାଥ ନାଟ୍ୟକଳା ପରିଷଦ' ପକ୍ଷରୁ ଓଡ଼ିଆ ଅପେରା 'ତୁ ମୋ ବଜରଙ୍ଗୀ' ପରିବେଷଣ କରାଯିବ। ଅକ୍ଟୋବର ୨୨ ତାରିଖରେ ବିଶାଖାପାଟଣାର 'ସୁପ୍ରିମ୍ ଅର୍କେଷ୍ଟ୍ରା' ସହ ମିଷ୍ଟର ସୁପ୍ରିମ୍ ଶେଖର, 'ପାଉୁଆ ଥ୍ୟାଗା', ବିଜୟିନୀ ଯାଗା ପ୍ରିୟା, ସାବିହା ଓ ରମେଶ କୁମାର ସଙ୍ଗୀତ ପରିବେଷଣ କରିବେ। ଅକ୍ଟୋବର ୨୩ ତାରିଖରେ ଶଶାଙ୍କ ଶେଖର, 'ଭଏସ୍ ଅଫ୍ ଓଡ଼ିଶା'ର ଅନ୍ତିମ ପର୍ଯ୍ୟାୟ ପ୍ରତିଯୋଗୀ ପାୟଲ ନନ୍ଦା ଏବଂ 'ସୁକୁନ୍ ବ୍ୟାଣ୍ଡ୍'ର ସଙ୍ଗୀତ ସନ୍ଧ୍ୟା ଆୟୋଜିତ ହେବ। ଅକ୍ଟୋବର ୨୪ ତାରିଖରେ ସତ୍ୟଜିତ ପ୍ରଧାନ, 'ଜି ବାଙ୍ଗଲା ସା ରେ ଗା ମା ପା'ର ବିଜୟିନୀ ଶର୍ମିଷ୍ଠା ସରକାର ଏବଂ 'ମନ୍ତ୍ର ବ୍ୟାଣ୍ଡ୍' ସଙ୍ଗୀତ ପରିବେଷଣ କରିବେ। ଅକ୍ଟୋବର ୨୧ ତାରିଖ ସନ୍ଧ୍ୟା ୭ଟାରେ ଜେକେପୁର ଟ୍ରକ୍ ପାର୍କିଂ ପଡ଼ିଆରେ ଆତସବାଜି ସହ ରାବଣପୋଡ଼ି ଆୟୋଜନ କରାଯିବ। ଏହା ସହ ଦାଣ୍ଡିଆ, ବୁଗୀବୁଗୀ, ମୀନାବଜାର ଓ ବିଭିନ୍ନ ସଙ୍ଗୀତ କାର୍ଯ୍ୟକ୍ରମ ଦର୍ଶକଙ୍କ ମନୋରଞ୍ଜନ କରିବ।

## ଅଗ୍ନି ନିର୍ବାପକ ନ ଥାଇ ମଧ ଶହ ଶହ ସଂଖ୍ୟାରେ ଚାଲିଛି ଲଜିଂ ଓ ଗେଷ୍ଟ ହାଉସ

ପୁରୀ,୧୪।୧୦ (ନିପ୍ର); ପୁରୀ ସହର ଏକ ଆନ୍ତର୍ଜାତିକ ପର୍ଯ୍ୟଟନ କେନ୍ଦ୍ର ଓ ତୀର୍ଥ ସ୍ଥଳ ହେଉଥିବା ଯୋଗୁଁ ସହରକୁ ପ୍ରତ୍ୟୟ ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷାଧିକ ଯାତ୍ରୀଙ୍କ ସମାଗମ ହେଉଥିବା ଦେଖାଯାଏ ଯାତ୍ରୀ ସଂଖ୍ୟା ଓ ପର୍ଯ୍ୟଟକ ସଂଖ୍ୟା ବୃଦ୍ଧି ପାଉଥିବା ଯୋଗୁଁ ସହରର ବିଭିନ୍ନ ସାହି ଗଳିକନ୍ଦି ରେ ଲଜିଂ ଓ ଗେଷ୍ଟ ହାଉସ ଚାଲିଥିବା ଦେଖାଯାଏ। ଯେତିକି ମୌଳିକ ସୁବିଧା ଦେବା କଥା ତାହା ମଧ୍ୟ କେତେକ ଲଜିଂ ରେ ଉପଲବ୍ଧ ହେଉନଥବା ଅଭିଯୋଗ ହେଉଛି ଲୋଜିଁ ହାଉସ ଗୁଡ଼ିକରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ବହୁ ସ୍ଥାନରେ ନ ଥାଇ ମଧ୍ୟ ଅବାଧରେ ଏ ଗୁଡ଼ିକ ଚାଲିଥିବା ଅଗ୍ନି ନିର୍ବାପାକ ସଂସ୍ଥା ସମସ୍ତ ବିଷୟ ଜାଣିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଅଭିଯୋଗ ରହୁଛି। ଏପରି କେତେକ ସ୍ଥାନରେ ଲଜିଁ ରହିଛି ସେଠାରେ ଯଦି କୌଣସି ଅଘଟଣ ଘଟେ ସେଠାକୁ ଆମ୍ବୁଲାନ୍ସ କିମ୍ବା ଫାୟାର ବ୍ରିଗେଡ ଗାଡି ମଧ୍ୟ ଯିବା କଷ୍ଟକର ହୋଇପଡିବ। ସେହିପରି ସହର ର ବିଭିନ୍ନ ଥାନା ଅଞ୍ଚଳ ଗୁଡ଼ିକ ରେ ଏହି ସବୁ ଲାଜିଂ ହାଉସ ଚାଲିଥିଲେ ମଧ୍ୟ ପ୍ରତ୍ୟହ ଲଜିଂ ରେ ରହୁଥିବା ଲୋକମାନଙ୍କ ର ଠିକଣା ଆଧାର କାର୍ଡ ଓ ଫୋନ୍ ନମ୍ବର୍ ଗୁଡ଼ିକ ଥାନା ଗୁଡ଼ିକୁ ଦିଆଯାଉନଥିବା ମଧ୍ୟ ଅଭିଯୋଗ ହେଉଛି। ପୌର ନିଗମ ଅଞ୍ଚଳ ରେ ଥିବା ଅଧିକାଂଶ ଆବାସିକ ଗୃହ ଗୁଡ଼ିକ ରେ କେବଳ ଟ୍ରେଡ ଲାଇସେନ୍ସ ମାଧ୍ୟମରେ ଚାଲୁଥିଲେ ମଧ୍ୟ ଏହାକୁ ବ୍ୟବସାୟୀକ ଗୃହ ଭାବେ ଗ୍ରହଣ କରାଯାଉନଥିବା ଯୋଗୁ ପୌର ନିଗମ, ତହସିଲ୍, ବିଦ୍ୟୁତ୍ ବିଭାଗ,ଓ ପାନୀୟ ଜଳ ବିଭାଗ ମାସିକ ଲକ୍ଷାଧିକ ଟିକସ ହରାଉଥିବା କୁହାଯାଉଛି। ଜିଲ୍ଲା ପ୍ରଶାସନ ଓ ସଂପୃକ୍ତ ବିଭାଗ ଗୁଡିକ ଏ ଦିଗରେ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ସଂପୃକ୍ତ ବିଭାଗ ଗୁଡିକ ର ଆର୍ଥିକ ସ୍ଥିତି ପରିମାଣ ବୃଦ୍ଧି ପାଇପାରନ୍ତା ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି।

## ଭଦ୍ରକରେ 'ସେବା ସଂକଳ୍ପ ଅଭିଯାନ' କାର୍ଯ୍ୟକ୍ରମ

ଭଦ୍ରକ,୧୪।୧୦ (ନିପ୍ର); ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୨୫ ବର୍ଷର ଜନସେବାକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଚାଲିଥିବା 'ସେବା ସଂକଳ୍ପ ଅଭିଯାନ'ର ଅଂଶବିଶେଷ ଭାବେ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ 'ରଙ୍ଗୋଲି ରାଷ୍ଟ୍ର' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।ରାଜ୍ୟ ସରକାରଙ୍କ ସମବାୟ ବିଭାଗ ଏବଂ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ମିଳିତ ଆୟୋଜନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶତାଧିକ ହସ୍ତତନ୍ତ ବୁଣାକାର, ହସ୍ତଶିଳ୍ପ କାରିଗର ଓ ଚାଷୀ ଯୋଗଦେଇଥିଲେ। ସମସ୍ତେ ମିଳିତ ଭାବେ ବିଭିନ୍ନ ରଙ୍ଗ, ଫୁଲ ଓ ପତ୍ରର ବ୍ୟବହାର କରି ଏକ ଆକର୍ଷଣୀୟ ରଙ୍ଗୋଲି ଅଙ୍କନ କରିଥିଲେ। ଏହି ସୃଜନଶୀଳ ପ୍ରୟାସ ମାଧ୍ୟମରେ ସାମୂହିକ ସହଭାଗିତା ଓ ଜନସେବାର ଭାବନାକୁ ପ୍ରତିଫଳିତ କରାଯାଇଥିଲା।କାର୍ଯ୍ୟକ୍ରମ ଅବସରରେ ଉପସ୍ଥିତ ଅଂଶଗ୍ରହଣକାରୀଙ୍କୁ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ଅବଗତ କରାଯାଇଥିଲା। ବିଶେଷ କରି ବୁଣାକାର ଓ ହସ୍ତଶିଳ୍ପ କାରିଗରଙ୍କ ଆର୍ଥିକ ଓ ବୃତ୍ତିଗତ ବିକାଶକୁ ଗୁରୁତ୍ୱ ଦେଇ 'ମୁଖ୍ୟମନ୍ତ୍ରୀ ହସ୍ତତନ୍ତ ବିକାଶ ଯୋଜନା' ଏବଂ 'ମୁଖ୍ୟମନ୍ତ୍ରୀ ହସ୍ତଶିଳ୍ପୀ ଅଭିବୃଦ୍ଧି ଯୋଜନା' ସମ୍ପର୍କରେ ବିଭାଗୀୟ ଅଧିକାରୀମାନେ ବିସ୍ତୃତ ଆଲୋଚନା କରିଥିଲେ।

## ମକ୍ ଡ୍ରିଲ୍ ମାଧ୍ୟମରେ ବିପର୍ଯ୍ୟୟ ମୁକାବିଲାର କୌଶଳ ପ୍ରଦର୍ଶନ

ପାରଳାଖେମୁଣ୍ଡି,୧୪।୧୦ (ନିପ୍ର): ମାଇଁ ଭାରତ ଗଜପତି ପକ୍ଷରୁ ଖଜୁରିପଡ଼ାସ୍ଥିତ ବାବା ସାହେବ ଆମ୍ବେଦକର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବିପର୍ଯ୍ୟୟ ହ୍ରାସ ପାଇଁ ଆନ୍ତର୍ଜାତୀୟ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ଯୁବ ଅଧିକାରୀ କିଶୋର ବେମୁଲାୱାଡାଙ୍କ ନିର୍ଦ୍ଦେଶନାରେ ଆୟୋଜିତ ଏହି ସଚେତନତାମୂଳକ କାର୍ଯ୍ୟକ୍ରମରେ ବିପର୍ଯ୍ୟୟ ସମୟରେ ସୁରକ୍ଷା, ପ୍ରସ୍ତୁତି ଓ ତ୍ୱରିତ ପଦକ୍ଷେପ ଗ୍ରହଣ ଉପରେ ଗୁରୁତ୍ୱ ଦିଆଯାଇଥିଲା ମାଇ ଭାରତର ଷ୍ଟାଫ୍ ଏ. ମହେଶ୍ୱର ରାଓ ଏବଂ ନୂଆଗଡ଼ ବ୍ଲକର ମଇ ଭାରତ ସ୍ୱେଚ୍ଛାସେବୀ ବିପ୍ର ପାଇକ ଓ ମନୋଜ ପାଇକଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳତାର ସହ ଆୟୋଜିତ ହୋଇଥିଲା। ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରେମଚନ୍ଦ୍ର ସିଂହ ଏବଂ ଉପପ୍ରଧାନଶିକ୍ଷକ ସନ୍ତୋଷ କୁମାର ପାଲରା ଛାତ୍ରଛାତ୍ରୀଙ୍କୁ ବିପର୍ଯ୍ୟୟ ସମୟରେ ସଚେତନ ଓ ପ୍ରସ୍ତୁତ ରହିବା ସହ ନିଜର ତଥା ଅନ୍ୟମାନଙ୍କ ଜୀବନ ସୁରକ୍ଷା ପାଇଁ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅଗ୍ନିଶମ ବିଭାଗର କର୍ମଚାରୀ ଗୁରୁ ବେହେରା, ସଞ୍ଜୟ ସାହୁ, ସଦାନନ୍ଦ ପଣ୍ଡା ଓ ଅନ୍ୟ କର୍ମଚାରୀମାନେ ଏକ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସାପ କାମୁଡ଼ା, ଭୂସ୍ଖଳନ, ଭୂମିକମ୍ପ, ଅଗ୍ନିକାଣ୍ଡ, ବଜ୍ରପାତ ଓ ବନ୍ୟା ଭଳି ପ୍ରାକୃତିକ ତଥା ମାନବ ସୃଷ୍ଟି ବିପର୍ଯ୍ୟୟ ସମୟରେ କିପରି ସୁରକ୍ଷିତ ରହିବା ସହ ଅନ୍ୟମାନଙ୍କୁ ସହାୟତା କରାଯାଇପାରିବ, ସେ ସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରାଇଥିଲା ।

## ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ଡାବୁଗାଁ,୧୪।୧୦ (ନିପ୍ର); ଡାବୁଗାଁ ବ୍ଲକରେ ଶିଶୁମାନଙ୍କର ଅନ୍ତର୍ନିହିତ ପ୍ରତିଭାର ବିକାଶ, ସୃଜନଶୀଳତାର ପରିପ୍ରକାଶ ତଥା ସେମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ଅନ୍ୱେଷଣ ନିମନ୍ତେ ବ୍ଲକ୍ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୬ ଅନୁଷ୍ଠିତ ହେଲା। ଏହି ଅବସରରେ ଡାବୁଗାଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ରଶ୍ମିତା ନେତମଙ୍କ ନେତୃତ୍ୱରେ ଖୁବ ସୁନ୍ଦର ଭାବରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଲା।ବାଇଗାଁ ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଡାବୁଗାଁ ବ୍ଲକ ଅଧ୍ୟକ୍ଷା ବୀଣା ମାଝୀ, ସାନମାନିତା ଅତିଥି ଭାବେ ଡାବୁଗାଁ ବ୍ଲକ ଉପାଧ୍ୟକ୍ଷ ସଦାନନ୍ଦ ନାୟକ ଏବଂ ଚଚରାଗୁଡା ସରପଞ୍ଚ ରଞ୍ଜୁ ଭତ୍ରା ଉପସ୍ଥିତ ଥିଲେ। ଏମାନଙ୍କ ସହ ଡାବୁଗାଁ ବ୍ଲକ ଗୋଷ୍ଠି ଶିକ୍ଷା ଅଧିକାରୀ ରଶ୍ମିତା ନେତମ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭଗବାନ ମାଝୀ, ସନ୍ତସ ସାହୁ ପ୍ରମୁଖ ମଂଚାସୀନ ଥିବା ବିଳେ ଡାବୁଗାଁ ବ୍ଲକର ସମସ୍ତ ସିଏରସିସି, ବିଭିନ୍ନ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ର ଛାତ୍ରୀ ମାନେ ଉପସ୍ଥିତ ଥିଲେ। ଆଜିର କାର୍ଯ୍ୟକ୍ରମରେ ମଞ୍ଚ ପରିଚଳନା କରିଥିଲେ।

## ହାର୍ଣିଆ ପାଇଁ ଯାଇ ଆଣ୍ଠୁ ଅସ୍ତ୍ରୋପଚାରର ଶିକାର ହେଲେ ୮ ବୃଦ୍ଧବୃଦ୍ଧା !
### ଆୟୁଷ୍ମାନ କାର୍ଡ ଲୁଟ୍ ଓ ନକଲି ଅସ୍ତ୍ରୋପଚାରର ଭୟଙ୍କର ଚିତ୍ର

ରେଢ଼ାଖୋଲ,୧୪।୧୦ (ନିପ୍ର); ସରକାର ଗରିବ ଓ ଅସହାୟ ଲୋକଙ୍କ ଜୀବନ ବଞ୍ଚାଇବା ପାଇଁ କୋଟି କୋଟି ଟଙ୍କା ବ୍ୟୟରେ ମାଗଣା ଚିକିତ୍ସା ସୁବିଧା ଯୋଗଇ ଦେଉଛନ୍ତି। ହେଲେ ସରକାରୀ ଯୋଜନା ଏବେ କିଛି ଅସାଧୁ ଦଲାଲ ଏବଂ ଲୋଭୀ ଘରୋଇ ଡାକ୍ତରଖାନା ପାଇଁ ଏକ ବଡ଼ ଧରଣର ଶୋଷଣ ଓ ଠକେଇର ମାଧ୍ୟମ ପାଲଟିଛି। ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକରୁ ସାମ୍ନାକୁ ଆସିଥିବା ଏକ ଅତ୍ୟନ୍ତ ଚାଞ୍ଚଲ୍ୟକର ତଥା ମର୍ମନ୍ତୁଦ ଘଟଣା ସାଧାରଣରେ କୋଳାହଳ ସୃଷ୍ଟି କରିଛି। ସାମାନ୍ୟ ବାତରୋଗ କିମ୍ବା ହାର୍ନିଆ ଚିକିତ୍ସା ପାଇଁ ଯାଇଥିବା ଗ୍ରାମୀଣ ବୃଦ୍ଧବୃଦ୍ଧାମାନେ କିପରି ଦଲାଲଙ୍କ ଜାଲରେ ପଡ଼ି ଜୀବନର ସର୍ବସ୍ୱ ହରାଇଛନ୍ତି, ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ହାର୍ନିଆ କିମ୍ବା ବାତରୋଗର ଚିକିତ୍ସା ପାଇଁ କଟକ ଆଠଗଡ଼। ଅଞ୍ଚଳର ଏକ ଘରୋଇ ଡାକ୍ତରଖାନାକୁ ଯାଇଥିବା ବେଳେ ବୃଦ୍ଧବୃଦ୍ଧାଙ୍କର ଶରୀରରେ ଜୋରଜବରଦସ୍ତି ଆଣ୍ଠୁରେ ପ୍ରାୟ ୬ ଇଞ୍ଚର ଅସ୍ତ୍ରୋପଚାର କରାଯାଇଥିବା ଅଭିଯୋଗ ହୋଇଛି। ରୋଗୀମାନଙ୍କର ଅନିଚ୍ଛା ସତ୍ତ୍ୱେ ସେମାନଙ୍କର ଆୟୁଷ୍ମାନ ଭାରତ କାର୍ଡରୁ ମନଇଚ୍ଛା ଲକ୍ଷାଧିକ ଟଙ୍କା ହଡ଼ପ୍ କରାଯାଇଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଡଗୁଡ଼ିକ ମଧ୍ୟ ଫେରସ୍ତ ଦିଆଯାଇ ନଥିବା ସୂଚନା ମିଳିଛି । ଏମିତି କି ଗ୍ରାମର ଅନେକ ବୃଦ୍ଧବୃଦ୍ଧା ଅସ୍ତ୍ରୋପଚାର ପରେ ଚଲାବୁଲା କରି ନପାରି ଶଯ୍ୟାଶାୟୀ ହୋଇପଡ଼ିରହିବା ଦେଖାଯାଇଛି । ସୂଚନା ଅନୁଯାୟୀ, ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ କଦଳୀଗଡ଼ ପଞ୍ଚାୟତ ଅନ୍ତର୍ଗତ ମଧୁପୁର ଗ୍ରାମର ସୌଦାମିନୀ ପ୍ରଧାନ,କାହ୍ନୁ ପ୍ରଧାନ (୯୦), ନୂରା ପ୍ରଧାନ (୭୦), ମିଲୁ ଜାନି (୭୫) କମ୍ବୁପ୍ରସାଦ ପ୍ରଧାନ (୬୫), ସୁଭାଷିନୀ ପ୍ରଧାନ (୬୦), କାଠି ପ୍ରଧାନ (୭୫), ବିଷ୍ଣୁ ପ୍ରଧାନ (୬୩), ପ୍ରମୁଖ ଆଠଜଣ ବୃଦ୍ଧବୃଦ୍ଧା ଗତ ଅଗଷ୍ଟ ମାସରେ ବାତରୋଗର ମାଗଣା ଚିକିତ୍ସା ପାଇଁ ଜଣେ ସ୍ଥାନୀୟ ମହିଳା ଦଲାଲଙ୍କ ପ୍ରଲୋଭନରେ ପଡ଼ି ଆଠଗଡ଼ର ଏକ ଘରୋଇ ଡାକ୍ତରଖାନାକୁ ଯାଇଥିଲେ। ସେଠାରେ ବିନା କୌଣସି ପ୍ରକୃତ ଆବଶ୍ୟକତାରେ ସେମାନଙ୍କ ଶରୀରରେ ଅସ୍ତ୍ରୋପଚାର କରାଯାଇଥିଲା। ଏନେଇ ରୋଗୀଙ୍କୁ ଦେଇଥିବା ଚିଟ୍ ଅନୁସାରେ ସେଥିରେ କଟକ ଆଠଗଡ଼ର ଏକ ହସ୍ପିଟାଲ ଉଲ୍ଲେଖ ଥିବା ଜଣାପଡିଛି । ସେଠାରୁ ଘରକୁ ଫେରିବା ପରେ ସେମାନଙ୍କ ଅବସ୍ଥା ଅଧିକ ଗୁରୁତର ହୋଇପଡ଼ିଥିଲା। ବିଷ୍ଣୁ ପ୍ରଧାନଙ୍କ ଆଣ୍ଠୁରୁ ଗୋଟିଏ ମାସ ହେଲା ଅନବରତ ରକ୍ତ ଝରୁଥିବା ବେଳେ ତାଙ୍କୁ ଭୁବନେଶ୍ୱର ଏମ୍ସ ଏବଂ ପରେ ବୁର୍ଲାର ଏକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷରେ, ଅନିଚ୍ଛା ସତ୍ତ୍ୱେ ହୋଇଥିବା ଏହି ଠକାମି ବିରୋଧରେ ପୀଡ଼ିତ ସୌଦାମିନୀ ପ୍ରଧାନ ଓ ପିଣ୍ଟେଇ ପ୍ରଧାନ ରେଢ଼ାଖୋଲ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ପୂର୍ବରୁ ବିଶିପାଲି ଗାଁର ଏକା ମେହେର ଏଭଳି ଠକାମିର ଶିକାର ହୋଇଥିବା ଅଭିଯୋଗ ହୋଇଥିଲା। ସରକାରୀ ସ୍ୱାସ୍ଥ୍ୟ ସେବାର ଏପରି ଦୁରୁପଯୋଗ ଏବଂ ଗରିବ ଲୋକଙ୍କ ଜୀବନ ସହ ଖେଳାଯାଉଥିବା ଖବର ସାମ୍ନାକୁ ଆସିବା ପରେ ସମଗ୍ର ରେଢ଼ାଖୋଲ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି। ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ସଂପୃକ୍ତ ଘରୋଇ ଡାକ୍ତରଖାନା ଓ ଦଲାଲମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜନସାଧାରଣରେ ଦାବି ଜୋର୍ ଧରିଛି।







## ଲ୍ୟାଣ୍ଡମାଇନ ସହିତ ଧକ୍କା ପରେ ବୁଡ଼ିଗଲା ୨୫୦୦ କଣ୍ଟେନର୍ ଥିବା ଜାହାଜ



ତେହେରାନ,୧୪।୧୦: ହର୍ମୁଜ୍ ପ୍ରଣାଳୀରେ ବୁଧବାର ଏକ ସାମୁଦ୍ରିକ ଲ୍ୟାଣ୍ଡମାଇନ ସହିତ ଧକ୍କା ପରେ ୨୫୦୦ ରୁ ଅଧିକ କଣ୍ଟେନର ବୋଝେଇ ଏକ କଣ୍ଟେନର ଜାହାଜରେ ନିଆଁ ଲାଗିଯାଇଥିଲା ଓ ପରେ ଜାହାଜଟି ବୁଡ଼ି ଯାଇଥିଲା ବୋଲି ଇରାନର ରିଭଲ୍ୟୁସନାରୀ ଗାର୍ଡ ନୌସେନା କହିଛି। ରିଭଲ୍ୟୁସନାରୀ ଗାର୍ଡ କହିଛି ଯେ, ସମ୍ପୃକ୍ତ ଜାହାଜଟି ଅନଧିକୃତ ଓ ବିପଦପୂର୍ଣ୍ଣ ମାର୍ଗ ବ୍ୟବହାର କରୁଥିଲା। ଇରାନୀ ନୌସେନା ବୁଡ଼ି ଯାଇଥିବା ଜାହାଜର ନାମ, କମ୍ପାନି, ପତାକା କିମ୍ବା ଏହା କେଉଁଠାରୁ ଯାଉଥିଲା ସେ ବିଷୟରେ କୌଣସି ସୂଚନା ଦେଇନାହିଁ। ଏଥିରେ କେହି ମୃତାହତ ହୋଇଛନ୍ତି ନାହିଁ ସେ ସମ୍ପର୍କରେ ମଧ୍ୟ କୌଣସି ସୂଚନା ଦିଆଯାଇନାହିଁ। ରିଭୋଲ୍ୟୁସନାରୀ ଗାର୍ଡ଼ ତଥ୍ୟ ଅନୁଯାୟୀ ବୁଧବାର ଏହି ଘଟଣା ଘଟିଥିଲା। ଜାହାଜରେ ବିସ୍ଫୋରଣ ପରେ ତା' ନିକଟକୁ ନ ଯିବା ପାଇଁ ରିଭଲ୍ୟୁସନାରୀ ଗାର୍ଡ ସ୍ଥାନୀୟ ଜାହାଜ ଓ ମତ୍ସ୍ୟଜୀବୀଙ୍କୁ ସତର୍କ କରିଥିଲା। ଏହି ଘଟଣା ହର୍ମୁଜ୍ ପ୍ରଣାଳୀରେ ଜାହାଜ ଗୁଡ଼ିକର ସୁରକ୍ଷାକୁ ନେଇ ଚିନ୍ତା ସୃଷ୍ଟି କରିଛି। ତେବେ ୟୁକେ ମେରିଟାଇମ୍ ଟ୍ରେଡ୍ ଅପରେସନ୍ସ (ୟୁକେଏମଟିଓ) ଏକ ଘଟଣାର ରିପୋର୍ଟ କରି ଯେ, ଏକ କଣ୍ଟେନର ଜାହାଜ ଉପରେ ଏକ ଅଜଣା କ୍ଷେପଣାସ୍ତ୍ର ମାଡ଼ ହୋଇଛି। ଯଦିଓ ବର୍ତ୍ତମାନ ଏହା ସ୍ପଷ୍ଟ ନୁହେଁ ଯେ, ଦୁଇଟି ଘଟଣା ସମାନ କି ନୁହେଁ। ଅନ୍ୟ ଏକ ଘଟଣାରେ ଦକ୍ଷିଣ ଇରାନର ହର୍ମୋଜଗାନ ପ୍ରଦେଶର ସିରିକ ନିକଟରେ ଏକ ଅଜଣା ଡ୍ରୋନ ଏକ ମାଛଧରା ଡଙ୍ଗାକୁ ଧକ୍କା ହେବା ଫଳରେ ତିନି ଜଣ ମତ୍ସ୍ୟଜୀବୀ ଆହତ ହୋଇଛନ୍ତି।

## ଆରଏସ୍ଏସ୍‌ର ପୋଷ୍ୟ ସନ୍ତାନ ଥାଲାପତି ବିଜୟ: ଡିଏମ୍‌କେ



ନୂଆଦିଲ୍ଲୀ,୧୪।୧୦: ତାମିଲନାଡୁରେ ପ୍ରଥମ ଥର ବିଧାନସଭା ନିର୍ବାଚନ ଲଢ଼ି ବିଜୟୀ ହୋଇଥିବା ଥାଲାପତି ବିଜୟଙ୍କ ଟିଭିକେ ଏବଂ ଡିଏମକେ ମଧ୍ୟରେ ଲଗାତାର ବୟାନବାଜି ଜାରି ରହିଛି । ମୁଖ୍ୟ ବିରୋଧୀ ଡିଏମକେ ବିଜୟ ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ଘେରିବାକୁ ପ୍ରୟାସ କରୁଛି । ଏହାରି ଭିତରେ ଡିଏମ୍‌କେ ଏକ ନୂଆ ଫଟୋ ଜରିଆରେ ମୁଖ୍ୟମନ୍ତ୍ରୀ ବିଜୟଙ୍କୁ ଟାର୍ଗେଟ୍ କରିଛି । ଡିଏମ୍‌କେ ଆଇଟି ୱିଙ୍ଗ ଆକାଉଣ୍ଟରୁ ଏକ ଫଟୋ ସେୟାର କରାଯାଇ ବିଜୟଙ୍କୁ ଆରଏସ୍ଏସ୍‌ର ପୋଷ୍ୟ ସନ୍ତାନ ବୋଲି କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ ଚଳିତ ବର୍ଷ ମାର୍ଚ୍ଚରେ ନିର୍ବାଚନ ପୂର୍ବରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଷ୍ଟାଲିନଙ୍କୁ ଚେନ୍ନାଇର ଡିଏମ୍‌କେ ମୁଖ୍ୟାଳୟରେ ସାମ୍ବାଦିକମାନେ ଆସନ ବଣ୍ଟନ ଆଲୋଚନା ଶେଷ ହୋଇଛି କି ବୋଲି ପ୍ରଶ୍ନ କରିଥିଲେ। ଏହାର ଜବାବରେ ଷ୍ଟାଲିନ ତାଙ୍କ ହାତ ଉଠାଇ ଏକ କଟା ଇଙ୍ଗିତ କରିଥିଲେ। ଏପରି କରି ସେ କହିଥିଲେ ଯେ ମାମଲା ସମାଧାନ ହୋଇଛି ଏବଂ ଆସନ ବଣ୍ଟନ ବ୍ୟବସ୍ଥା ଚୂଡ଼ାନ୍ତ ହୋଇଛି। ଏହାପରେ ତାମିଲନାଡୁର ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ବିଜୟ ବିଧାନସଭାରେ ଏକ ବିତର୍କ ସମୟରେ, ଡିଏମକେକୁ ସମାଲୋଚନା କରିଥିଲେ। ଗୃହରୁ ବାହାରକୁ ଯାଇଥିବା ଡିଏମକେ ସଦସ୍ୟଙ୍କ ଅନୁପସ୍ଥିତିରେ ଏକ ଇଙ୍ଗିତ ପ୍ରଦର୍ଶନ କରିବାକୁ ବାଚସ୍ପତି ଜେସିଡି ପ୍ରଭାକରଙ୍କଠାରୁ ଅନୁମତି ମାଗିଥିଲେ। ବିଜୟ ତା'ପରେ ଷ୍ଟାଲିନଙ୍କ ସେହି ହାତ ଇଙ୍ଗିତକୁ ଦୋହରାଇଥିଲେ । ସିଏମ୍ ବିଜୟଙ୍କ ସେହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଥିଲା। ଡିଏମକେର ଆଇଟି ୱିଙ୍ଗ ଏବେ ସେହି ହାତ ଇଙ୍ଗିତକୁ ଅଲଗା ସ୍ତରକୁ ନେଇଯାଇଛି। ବିଜୟଙ୍କ ସେହି ଇଙ୍ଗିତକୁ ଆରଏସଏସର ଧ୍ୱଜ ପ୍ରଣାମ ସହିତ ଯୋଡ଼ିଛି । ଡିଏମକେ ହ୍ୟାଣ୍ଡେଲ ଦୁଇଟି ବ୍ୟକ୍ତିଙ୍କ ସିଲଏଟ୍ ପୋଷ୍ଟର ପୋଷ୍ଟ କରିଛି । ଜଣେ ଧ୍ୱଜ ପ୍ରଣାମ କରୁଥିବା ଜଣେ ଆରଏସଏସ ସ୍ୱୟଂସେବକଙ୍କ ପରି ଏବଂ ଅନ୍ୟଟି ବିଜୟଙ୍କ ଆଡ଼କୁ ଇଙ୍ଗିତ କରୁଛି ।

## ଜର୍ମାନୀ ବିଲ୍ଡିଂରେ ନିଆଁ: ୩ ଭାରତୀୟ ଯୁବକ ଯୁବତୀ ମୃତ

ନୂଆଦିଲ୍ଲୀ,୧୪।୧୦: ମଙ୍ଗଳବାର ଜର୍ମାନୀର ବୋଚୁମ୍ ସହରରେ ଥିବା ଏକ ବିଲ୍ଡିଂରେ ନିଆଁ ଲାଗି ୨ ଜଣ ଭାରତୀୟ ଯୁବତୀ ଓ ଜଣେ ଭାରତୀୟ ଯୁବକଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରୁ ଯୁବତୀ ଦୁଇଜଣଙ୍କ ବୟସ ୨୫ରୁ ୨୭ ମଧ୍ୟରେ ହୋଇଥିବା ବେଳେ ଯୁବକଙ୍କ ବୟସ ୨୬ ବର୍ଷ । ବିଲ୍ଡିଂର ୨ୟ ମହଲାରେ ନିଆଁ ପ୍ରଥମେ ଲାଗିଥିଲା। ତେବେ ଫାୟାର ଫାଇଟର ଆସି ନିଆଁକୁ ଆୟତ୍ତ କଲାବେଳକୁ ଏହି ୩ ଜଣ ଭାରତୀୟ ମୃତ୍ୟୁବରଣ କରିସାରିଥିଲେ ବୋଲି ସ୍ଥାନୀୟ ଗଣମାଧ୍ୟମ ପ୍ରକାଶ କରିଛି । ଏହି ଅଗ୍ନିକାଣ୍ଡ ଘଟାଇଥିବା ସନ୍ଦେହରେ ପୋଲିସ ଜଣେ ରୋମାନିଆ ନାଗରିକଙ୍କୁ ଅଟକ ରଖିଥିବା ଜଣାପଡିଛି ।

## ଜୟପୁରରେ ଏୟାର ଇଣ୍ଡିଆ ବିମାନର ଜରୁରୀ ଅବତରଣ

ଜୟପୁର,୧୪।୧୦: ଫ୍ରାଙ୍କଫର୍ଟରୁ ନୂଆଦିଲ୍ଲୀ ଅଭିମୁଖେ ଆସୁଥିବା ଏୟାର ଇଣ୍ଡିଆର ଏକ ଅନ୍ତର୍ଜାତୀୟ ବିମାନ ବୁଧବାର ସକାଳେ ଜୟପୁର ବିମାନ ବନ୍ଦରରେ ଜରୁରୀ ଅବତରଣ କରିଛି। ବିମାନର ପାଇଲଟ୍ ଏକ ହାଇଜାକ୍ (ବିମାନ ଅପହରଣ) ସମ୍ପର୍କିତ ସତର୍କ ସୂଚନା ଜାରି କରିବା ପରେ ଏହାର ଗତିପଥ ପରିବର୍ତ୍ତନ କରି ଜୟପୁର ଅଭିମୁଖେ ନିଆଯାଇଥିଲା। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ସୂତ୍ରରୁ ଏହି ସୂଚନା ମିଳିଛି। ବିମାନ ଚଳାଚଳ ନିୟାମକ ସଂସ୍ଥା ବର୍ତ୍ତମାନ ଏହି ସମ୍ପୂର୍ଣ୍ଣ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରୁଛି। ଏୟାର ଇଣ୍ଡିଆର 'ଏଆଇ ୨୦୩୦' (ବୋଇଂ ୭୮୭-୯) ଜୟପୁରରେ ସୁରକ୍ଷିତ ଅବତରଣ କରିବା ପରେ ସୁରକ୍ଷା ଯାଞ୍ଚ ପାଇଁ ବିମାନକୁ ଏକ ନିର୍ଦ୍ଦିଷ୍ଟ ତଥା ପୃଥକ ମାର୍ଗକୁ ନିଆଯାଇଥିଲା।

### ସିଜେପି ସମର୍ଥନରେ ବାହାରିଲେ ରାହୁଲ

# 'ତ୍ରିରଙ୍ଗା ଉଡ଼ାଇବା ଅପରାଧ ନୁହେଁ'





ନୂଆଦିଲ୍ଲୀ,୧୪।୧୦: ଯନ୍ତର ମନ୍ତରକୁ ବିକ୍ଷୋଭ ସ୍ଥଳ ମାନ୍ୟତାରୁ ହଟାଯିବା ଏବଂ ବେଆଇନ ଭାବେ ପ୍ରବେଶ କରିଥିବା ଅଭିଯୋଗରେ କୋକ୍ରୋଚ୍ ଜନତା ପାର୍ଟି (ସିଜେପି)ର ସହ-ସଂଯୋଜକ ସୌରଭ ଦାସ ଓ ଆଶୁତୋଷ ରାଙ୍କାଙ୍କୁ ୫ ଦିନିଆ ବିଚାରବିଭାଗୀୟ ହାଜତକୁ ପଠାଯିବା ପରେ ସେମାନଙ୍କ ସମର୍ଥନରେ ବାହାରିଛନ୍ତି ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ। ପ୍ରଥମ ଥର ପାଇଁ ସିଜେପିକୁ ସମର୍ଥନ ଜଣାଇ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ସୋସିଆଲ ମିଡିଆ ''ଏକ୍ସ''ରେ ଲେଖିଛନ୍ତି ଯେ, ଶାନ୍ତିପୂର୍ଣ୍ଣ ପ୍ରତିବାଦ ବେଳେ ଯନ୍ତର ମନ୍ତରରେ ତ୍ରିରଙ୍ଗା ଉଡ଼ାଇବା କୌଣସି ଅପରାଧ ନୁହେଁ। ଏଥିପାଇଁ ଯୁବକମାନଙ୍କୁ ଜେଲ୍ ପଠାଇବା କାପୁରୁଷତାର ପରିଚୟ। ରାହୁଲ ଆହୁରି ମଧ୍ୟ କହିଛନ୍ତି ଯେ ଦେଶବ୍ୟାପୀ ଚାଲିଥିବା ସମସ୍ତ ପ୍ରତିବାଦ ଏକ ନିର୍ଦ୍ଦିଷ୍ଟ କାରଣ ପାଇଁ ଏକତ୍ରିତ ହୋଇଛନ୍ତି। ସମର୍ଥନରେ ରାହୁଲ ଗାନ୍ଧୀ ଛାତ୍ର, ଯୁବକ, ସମ୍ବାଦିକ ଏବଂ ''ଇଣ୍ଡିଆ'' ମେଣ୍ଟ, ସମସ୍ତଙ୍କ ପତାକା ଅଲଗା ହୋଇପାରେ, କିନ୍ତୁ ଲକ୍ଷ୍ୟ ଏକ। ନାଗରିକମାନେ ସେମାନଙ୍କ ସାମ୍ବିଧାନିକ ଅଧିକାର ଦାବି କରୁଛନ୍ତି। ଯନ୍ତର ମନ୍ତର ଭାରତର ଜନସାଧାରଣଙ୍କର ଏବଂ ଆମେ ଏହାକୁ ପୁଣି ଥରେ ହାସଲ କରିବୁ ବୋଲି ସେ କହିଛନ୍ତି। ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ବିରୋଧରେ ପ୍ରତିବାଦ ଜଣାଇ ମଙ୍ଗଳବାର ସକାଳେ ସିଜେପି ନେତା ସୌରଭ ଦାସ, ଆଶୁତୋଷ ରାଙ୍କା ଏବଂ ଅନ୍ୟ ୧୨ ଜଣ କାର୍ଯ୍ୟକର୍ତ୍ତା ଯନ୍ତର ମନ୍ତର ସୁରକ୍ଷା ବଳୟ ଭାଙ୍ଗି ତ୍ରିରଙ୍ଗା ଉଡ଼ାଇଥିଲେ, ଯାହା ପରେ ପୁଲିସ ସେମାନଙ୍କୁ ଅଟକ ରଖିଥିଲା। ଦିଲ୍ଲୀ ପୁଲିସ ପକ୍ଷରୁ ଯନ୍ତର ମନ୍ତରକୁ ବିକ୍ଷୋଭ ସ୍ଥଳ ମାନ୍ୟତାରୁ ହଟାଯିବା ନେଇ ବିଜ୍ଞପ୍ତି ଜାରି ହେବାର ଗୋଟିଏ ଦିନ ପରେ ଏହି ସିଜେପି ନେତାମାନେ ଏପରି କାର୍ଯ୍ୟ କରିଥିଲେ। ବୁଧବାର ସକାଳେ ସୌରଭ, ଆଶୁତୋଷ ଏବଂ ଦଳର ଜାତୀୟ ସଂଗଠନ ପ୍ରଭାରୀ ଅଜିଙ୍କ୍ୟ ଶିନ୍ଦେଙ୍କୁ ମନ୍ଦିର ମାର୍ଗ ପୁଲିସ ଷ୍ଟେସନସ୍ଥିତ ସ୍ୱତନ୍ତ୍ର କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ହାଜର କରାଯାଇଥିଲା, ଯେଉଁଠାରେ ସୌରଭ ଓ ଆଶୁତୋଷଙ୍କୁ ୫ ଦିନିଆ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ଏବଂ ଶିନ୍ଦେଙ୍କୁ ବ୍ୟକ୍ତିଗତ ମୁଚାଲିକା ବଳରେ ଛାଡ଼ି ଦିଆଯାଇଛି। ଏହି ଗିରଫଦାରୀ ପରେ ସିଜେପିର ଆଇନଗତ ମୁଖିଆ ରତ୍ନା ସିଂହ ଅଭିଯୋଗ କରିଛନ୍ତି ଯେ, ସେମାନଙ୍କ ମୋବାଇଲ୍ ଫୋନ୍ ଛଡ଼ାଇ ନିଆଯାଇଛି ଏବଂ ସେମାନଙ୍କୁ ନିଜ ଓକିଲଙ୍କ ସହ ପରାମର୍ଶ କରିବାକୁ ସୁଯୋଗ ଦିଆଯାଇ ନାହିଁ। ସେ ''ଏକ୍ସ''ରେ ଲେଖିଛନ୍ତି ଯେ ଡେରି ରାତି ପର୍ଯ୍ୟନ୍ତ ସେମାନଙ୍କୁ ଓକିଲଙ୍କୁ ଭେଟିବାକୁ ଦିଆଯାଇ ନଥିଲା ଏବଂ ରାତି ୩ଟାରେ ଏକ ବେସରକାରୀ ଗାଡ଼ିରେ ସେମାନଙ୍କୁ ପାର୍ଲାମେଣ୍ଟ ଷ୍ଟ୍ରିଟ୍ ପୁଲିସ ଷ୍ଟେସନକୁ ନିଆଯାଇଥିଲା।

### ସୁପ୍ରିମକୋର୍ଟରେ ଜବାବ ରଖିଲା ଡିଏମ୍ଆରସି

## ପ୍ରତିବାଦ ବେଳେ କୌଣସି ମେଟ୍ରୋ ସେବା ବାତିଲ ହୋଇନଥିଲା



ନୂଆଦିଲ୍ଲୀ,୧୪।୧୦: ଜାତୀୟ ରାଜଧାନୀ ଦିଲ୍ଲୀରେ ଅକ୍ଟୋବର ୧୦ ତାରିଖରେ ହୋଇଥିବା ପ୍ରତିବାଦ ସମୟରେ ଦିଲ୍ଲୀ ମେଟ୍ରୋ ସେବା ହ୍ରାସ କିମ୍ବା ବାତିଲ କରାଯାଇ ନଥିଲା ବୋଲି ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେସନ (ଡିଏମ୍ଆରସି) ବୁଧବାର ସୁପ୍ରିମକୋର୍ଟଙ୍କ ଆଗରେ ଏହା କହିଛି। ଡିଏମ୍ଆରସି କହିଛି ଯେ, ଜାତୀୟ ରାଜଧାନୀର ୩୦୩ ମେଟ୍ରୋ ଷ୍ଟେସନ ମଧ୍ୟରୁ କେବଳ ୪୫ଟି ଷ୍ଟେସନରେ ପ୍ରବେଶ ଓ ପ୍ରସ୍ଥାନ ଉପରେ କଟକଣା ରହିଥିଲା, ବାକି ୨୫୮ଟି ଷ୍ଟେସନ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ଥିଲା। ସୁପ୍ରିମକୋର୍ଟରେ ଦାଖଲ ହୋଇଥିବା ଏକ ସତ୍ୟପାଠରେ, ଡିଏମ୍ଆରସି କହିଛି ଯେ, ଏହାର ୨୫୮ଟି ଷ୍ଟେସନ, ଯାହାକି ୮୫ ପ୍ରତିଶତରୁ ଅଧିକ ନେଟୱର୍କ ସମ୍ପୂର୍ଣ୍ଣ ଭାବରେ କାର୍ଯ୍ୟକ୍ଷମ ଓ ଯାତ୍ରୀମାନଙ୍କ ପାଇଁ ଖୋଲା ରହିଥିଲା। ନିଗମ କହିଛି ଯେ, ୪୫ ଟି ଷ୍ଟେସନରେ କଟକଣା ରହିଥିଲା, ଯାହା ନେଟୱର୍କର ପ୍ରାୟ ୧୫ ପ୍ରତିଶତ ବୋଲି କୁହାଯାଇଛି। ଅକ୍ଟୋବର ୧୦ ତାରିଖରେ ମେଟ୍ରୋରେ ୩୨ ଲକ୍ଷ ଯାତ୍ରୀ ଯାତାୟାତ କରିଥିଲେ, ଯାହାକି ଅନ୍ୟ ଦ୍ୱିତୀୟ ଶନିବାରରେ ପ୍ରାୟ ୫୮ ଲକ୍ଷ ରହିଥାଏ ବୋଲି କୋର୍ଟଙ୍କ ପକ୍ଷରୁ କୁହାଯାଇଛି। ୧୦ ଅକ୍ଟୋବରର ପ୍ରତିବାଦ ପୂର୍ବରୁ ମେଟ୍ରୋ ଷ୍ଟେସନ ବନ୍ଦ କରିବା ଓ ଦିଲ୍ଲୀକୁ ଟ୍ରେନ ବାତିଲ କରିବା ବିରୋଧରେ ଏକ ଆବେଦନର ଶୁଣାଣି ସମୟରେ ସୁପ୍ରିମକୋର୍ଟଙ୍କ ୯ ଅକ୍ଟୋବରର ନିର୍ଦ୍ଦେଶ ପାଳନ କରି ଏହି ସତ୍ୟପାଠ ଦାଖଲ କରାଯାଇଛି। କକ୍ରୋଚ ଜନତା ପାର୍ଟି (ସିଜେପି) ଦ୍ୱାରା ମୁଖ୍ୟ ନିର୍ବାଚନ କମିସନର (ସିଇସି)ଙ୍କ ଇସ୍ତଫା ଦାବିରେ ଆନ୍ଦୋଳନ କରିଥିଲା। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ଡିଏମ୍ଆରସି ଓ ଅନ୍ୟମାନଙ୍କୁ ଅନୁପାଳନ ସତ୍ୟପାଠ ଦାଖଲ କରିବାକୁ ମଧ ନିର୍ଦ୍ଦେଶ ଦେଇଥିଲେ।

## ଏସିଆନ୍ ଦେଶଙ୍କ ସହ ମିଳିତ ଗବେଷଣାକୁ ରାଜନାଥଙ୍କ ଆହ୍ୱାନ



ନୂଆଦିଲ୍ଲୀ,୧୪।୧୦: ଭାରତ ଓ ଏସିଆନ୍ ଦେଶଗୁଡ଼ିକ ମଧ୍ୟରେ ପ୍ରତିରକ୍ଷା ସହଯୋଗକୁ ଆହୁରି ମଜଭୁତ କରିବାକୁ ଆହ୍ୱାନ ଦେଇଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ। ସାମୁଦ୍ରିକ ସୁରକ୍ଷା, କାଉଣ୍ଟର-ଡ୍ରୋନ୍ ବ୍ୟବସ୍ଥା, ସାଇବର ପ୍ରତିରକ୍ଷା ଏବଂ ବିପର୍ଯ୍ୟୟ ମୁକାବିଲା ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ମିଳିତ ଗବେଷଣା ଓ ସହଯୋଗ ବଢ଼ାଇବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ନୂଆଦିଲ୍ଲୀରେ ଆୟୋଜିତ ଏସିଆନ୍-ଭାରତ ପ୍ରତିରକ୍ଷା ଥିଙ୍କ୍ ଟ୍ୟାଙ୍କ ଫୋରମକୁ ସମ୍ବୋଧିତ କରି ରାଜନାଥ କହିଛନ୍ତି ଯେ, ଆଞ୍ଚଳିକ ସୁରକ୍ଷା ସମସ୍ୟାର ମୁକାବିଲା ପାଇଁ କେବଳ ଆଲୋଚନା ଯଥେଷ୍ଟ ନୁହେଁ । ଏଥିପାଇଁ ଦେଶଗୁଡ଼ିକ ମଧ୍ୟରେ ସମନ୍ୱୟ, ମିଳିତ କାର୍ଯ୍ୟ ଏବଂ ବ୍ୟବହାରିକ ପଦକ୍ଷେପ ନେବା ଆବଶ୍ୟକ। ଭାରତ ଓ ଦକ୍ଷିଣ-ପୂର୍ବ ଏସିଆ ଦେଶଗୁଡ଼ିକର ସମ୍ପର୍କ ଦୀର୍ଘଦିନର ସାଂସ୍କୃତିକ, ବାଣିଜ୍ୟିକ ଓ ସାମୁଦ୍ରିକ ସମ୍ପର୍କ ଉପରେ ଆଧାରିତ। ବଙ୍ଗୋପସାଗର ଓ ଭାରତ ମହାସାଗରର ସାମୁଦ୍ରିକ ପଥ ଶତାବ୍ଦୀ ଶତାବ୍ଦୀ ଧରି ଏହି ଅଞ୍ଚଳର ଦେଶଗୁଡ଼ିକୁ ଯୋଡ଼ି ରଖିଛି। ଏହି ପୁରୁଣା ସମ୍ପର୍କକୁ ଆଧାର କରି ଆଧୁନିକ ପ୍ରତିରକ୍ଷା ସହଯୋଗକୁ ଆଗକୁ ବଢ଼ାଇବାକୁ ଭାରତ ଚାହୁଁଛି। ରାଜନାଥ ସିଂହ କହିଛନ୍ତି ଯେ, ଆତଙ୍କବାଦ, ସାଇବର ଅପରାଧ, ସମୁଦ୍ରରେ ଡକାୟତି, ବେଆଇନ ମାଛଧରା ଏବଂ ଜଳବାୟୁ ପରିବର୍ତ୍ତନଜନିତ ବିପର୍ଯ୍ୟୟ ଭଳି ଚ୍ୟାଲେଞ୍ଜ କୌଣସି ଗୋଟିଏ ଦେଶ ମଧ୍ୟରେ ସୀମିତ ନାହିଁ।

## ଫ୍ଲାଏ ଦୁବାଇ କାଣ୍ଡ ପରେ ଇସ୍ରାଏଲକୁ ଅନୁସରଣ କଲା ଫ୍ରାନ୍ସ ପାକିସ୍ତାନ ସମେତ ମୁସଲିମ ଦେଶଙ୍କ କ୍ରୁ ଉପରେ ଲଗାଇଲା ରୋକ

ଜେରୁଜେଲମ,୧୪।୧୦: ଫ୍ଲାଏ ଦୁବାଇ ଘଟଣା ପରେ ଏୟାର ଫ୍ରାନ୍ସ ଇସ୍ରାଏଲର ନିୟମକୁ ଅନୁସରଣ କରିଛି। ଏଥିରେ ପାକିସ୍ତାନ ଓ ମୁସଲିମ ବହୁ ସଂଖ୍ୟକ ଦେଶମାନଙ୍କର କ୍ରୁ ସଦସ୍ୟଙ୍କ ଉପରେ ରୋକ ଲଗାଇ ଦେଇଛି। ଏୟାର ଫ୍ରାନ୍ସ ପୁଷ୍ଟି କରିଛି ଯେ ସେ ଇସ୍ରାଏଲର ନୂଆ ନିୟମକୁ ପାଳନ କରୁଛି। ଏହି ନିୟମ ଅନୁସାରେ କିଛି ଖାସ ଦେଶଙ୍କ ଫ୍ଲାଇଟ୍ କ୍ରୁ ସଦସ୍ୟଙ୍କୁ ଇସ୍ରାଏଲ ଯାଉଥିବା ବିମାନ ଉଡାଇବାକୁ ଅନୁମତି ନାହିଁ। ଇସ୍ରାଏଲର ଏହି ନୀତି ୩୧ ଦେଶଙ୍କ ନାଗରିକଙ୍କୁ ପ୍ରଭାବିତ କରୁଛି, ଯେଉଁଥିରେ ଅଧିକାଂଶ ମୁସଲମାନ ବହୁ ସଂଖ୍ୟକ ଦେଶ ଅଛନ୍ତି। ଗତ ସେପ୍ଟେମ୍ବର ୩୦ ତାରିଖ ଦିନ ଫ୍ଲାଏ ଦୁବାଇ ବିମାନ ଏଫଜେଡ୍ ୧୦୭୩ରେ କୋ-ପାଇଲଟ ହମାମ ଅଲ-ହମ୍ମାମୀ କକପିଟରେ ଥିବା କୁରାଢୀରେ କ୍ୟାପଟେନ ସ୍ମିତ ମଚ୍ଛରଙ୍କ ଉପରେ ଅଚାନକ ଆକ୍ରମଣ କରିଥିଲେ। ଏଥିରେ ପାଇଲଟ ଗୁରୁତର ଆହତ ହୋଇଥିବା ବେଳେ ଅଲ-ହମ୍ମାମୀ ବିମାନକୁ ନିଜ ନିୟନ୍ତ୍ରଣକୁ ନେଇ ତଳକୁ ଖସାଇଥିଲେ, ଯାହା ସ୍ପଷ୍ଟ ରୂପେ ବିମାନକୁ ହାଇଜାକ କରି ଦୁର୍ଘଟଣା କରାଇବାର ପ୍ରୟାସ ଥିଲା।

## 'ପ୍ରଧାନମନ୍ତ୍ରୀ କେୟାର୍ସ ପାଣ୍ଠି' ଅନିୟମିତତା ଅଭିଯୋଗ ଖାରଜ କଲେ ଲୋକପାଳ




ନୂଆଦିଲ୍ଲୀ,୧୪।୧୦: ଦୁର୍ନୀତି ନିବାରଣ ସଂସ୍ଥା ଲୋକପାଳ 'ପ୍ରଧାନମନ୍ତ୍ରୀ କେୟାର୍ସ ଫଣ୍ଡ' ମାମଲାରେ ସରକାରୀ କର୍ମଚାରୀଙ୍କ ଦ୍ୱାରା ନିଜ ପଦର ଦୂରୁପଯୋଗ, ଦାନ ସଂଗ୍ରହ ଓ ପରିଚାଳନାରେ ଅନିୟମିତତା ଅଭିଯୋଗର ଶୁଣାଣି କରି କହିଛନ୍ତି ଯେ ଅଭିଯୋଗକାରୀଙ୍କ ଯୁକ୍ତି ଆପାତତଃ ପର୍ଯ୍ୟାପ୍ତ ନୁହେଁ। ତେବେ ଲୋକପାଳ ଅଭିଯୋଗକାରୀଙ୍କୁ ଏକ ସଠିକ ଓ ନୂଆ ଅଭିଯୋଗ ରୁଜୁ କରିବାକୁ ଅନୁମତି ଦେଇଛନ୍ତି, ଯେଉଁଥିରେ ଅପରାଧ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓ ବିବରଣୀକୁ ପ୍ରମୁଖତାର ସହ ଦର୍ଶାଉଥିବ। 'ପ୍ରଧାନମନ୍ତ୍ରୀ କେୟାର୍ସ ଫଣ୍ଡ' ସମ୍ବନ୍ଧରେ କଥିତ ତ୍ରୁଟି ବିସଙ୍ଗତିକୁ ନେଇ 'ଉଚ୍ଚ ପଦପଦବୀ'ରେ ଅବସ୍ଥାପିତ ଲୋକଙ୍କ ବିରୋଧରେ ଗତ ଜୁନ ମାସରେ ଅଭିଯୋଗ ରୁଜୁ ହୋଇଥିଲା। କେନ୍ଦ୍ର ସରକାର ମାର୍ଚ୍ଚ ୨୦୨୦ରେ ଏହି ପାଣ୍ଠି ଗଠନ କରିଥିଲେ। ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା କୋଭିଡ ମହାମାରୀ ଭଳି କୌଣସି ଜରୁରି ପରିସ୍ଥିତି ଓ ସଂକଟର ମୁକାବିଲା ଓ ପ୍ରଭାବିତ ଲୋକଙ୍କ ସହାୟତା କରିବା। ୨୭ ମାର୍ଚ୍ଚ ୨୦୨୦ରେ ଏହାକୁ ଏକ ସରକାରୀ ଚ୍ୟାରିଟେବଲ ରୂପେ ପଞ୍ଜିକୃତ କରାଯାଇଥିଲା। ତାଜା ଅଡିଟ ଅନୁସାରେ ଏହି ପାଣ୍ଠିରେ ୩୧ ମାର୍ଚ୍ଚ ୨୦୨୫ ପର୍ଯ୍ୟନ୍ତ ମୋଟ ୮,୪୫୨ କୋଟି ଟଙ୍କା ଥିଲା। ତେବେ ବର୍ଷକ ପୂର୍ବରୁ ଏଥିରେ ୭,୧୭୩ କୋଟି ଟଙ୍କା ଥିଲା। ପ୍ରଧାନମନ୍ତ୍ରୀ ଏହି ପାଣ୍ଠିର ପଦାଧିକାରୀ ଅଧକ୍ଷ, ଯାହା ସ୍ୱେଚ୍ଛାକୃତ ଦାନରେ ପରିଚାଳିତ ହୁଏ ଏବଂ କୌଣସି ବଜେଟ ସହାୟତା ଗ୍ରହଣ କରେ ନାହିଁ। ଜଷ୍ଟିସ୍ ଏ.ଏମ.ଖାନୱିଲକରଙ୍କ ଅଧକ୍ଷତାରେ ଗଠିତ ୭ ଜଣିଆ ଲୋକପାଳ ଖଣ୍ଡପୀଠ ଅକ୍ଟୋବର ୯ ତାରିଖ ଆଦେଶରେ କହିଛନ୍ତି ଯେ 'ଅଭିଯୋଗକୁ ଦେଖିବା ପରେ ଆପାତତଃ ଏପରି ଲାଗୁଛି ଅଭିଯୋଗର ମୁଖ୍ୟ ଆଧାର ଏପରି ଗତିବିଧି ଯାହା ଦୁର୍ନୀତି ନିବାରଣ ଅଧିନିୟମ ୧୯୮୮ର ଅଧ୍ୟାୟ ୩ର ଅପରାଧ ଶ୍ରେଣୀରେ ଆସୁନି'।

## ୩,୩୫୦ କୋଟି ଟଙ୍କାର ପ୍ରକଳ୍ପ: ଉଦ୍‌ଘାଟନ କରିବେ ମୋଦି

ନୂଆଦିଲ୍ଲୀ,୧୪।୧୦: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୬ ଅକ୍ଟୋବର ୧୫ ତାରିଖ ଦିନ ୧୨ଟା ୩୦ ମିନିଟରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଲଦାଖରେ ପ୍ରାୟ ୩,୩୫୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ୫ଟି ପ୍ରମୁଖ ବିକାଶ ପ୍ରକଳ୍ପର ଉଦଘାଟନ ଓ ଲୋକାର୍ପଣ କରିବେ। ଏହି ଅବସରରେ ସେ ଉପସ୍ଥିତ ଜନସମାବେଶକୁ ମଧ୍ୟ ସମ୍ବୋଧିତ କରିବେ। ଏହି ପ୍ରକଳ୍ପଗୁଡ଼ିକ ସ୍ଥାନୀୟ ଅଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା, ଶକ୍ତି ଭିତ୍ତିଭୂମିର ବିକାଶ, ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ଏବଂ ଜଳ ସୁରକ୍ଷା ବୃଦ୍ଧିରେ ସହାୟକ ହେବ। ପ୍ରଧାନମନ୍ତ୍ରୀ ଲେହସ୍ଥିତ କୁଶୋକ ବକୁଲା ରିମ୍ପୋଚେ ବିମାନବନ୍ଦରରେ ୬୪୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ନୂତନ ଯାତ୍ରୀ ଟର୍ମିନାଲ୍ କୋଠାର ଉଦଘାଟନ କରିବେ। ୨୩,୮୦୦ ବର୍ଗମିଟର ଅଞ୍ଚଳରେ ପରିବ୍ୟାପ୍ତ ଏହି ଆଧୁନିକ ଟର୍ମିନାଲରେ ବାର୍ଷିକ ୩୫ ଲକ୍ଷ ଯାତ୍ରୀଙ୍କ ଯାତାୟାତ ପରିଚାଳନା କରିବାର କ୍ଷମତା ରହିଛି। ଶକ୍ତି ଦକ୍ଷତା ବୃଦ୍ଧି ଓ ଅଙ୍ଗାରକ ନିର୍ଗମନ ହ୍ରାସ ପାଇଁ ଏଥିରେ ଭୂତାପୀୟ ଶକ୍ତିର ବ୍ୟବହାର କରାଯାଇଛି। ଲଦାଖର ପରିବେଶଗତ ଦୃଷ୍ଟିରୁ ସମ୍ବେଦନଶୀଳ ଅଞ୍ଚଳରେ ଏହା ସ୍ଥାୟୀ ଭିତ୍ତିଭୂମି ବିକାଶର ଗୁରୁତ୍ୱକୁ ପ୍ରତିଫଳିତ କରୁଛି।

## ଡ୍ରୋନ୍ ଆକ୍ରମଣରେ ଦୋହଲିଲା ସାଉଦିଆରବ

ନୂଆଦିଲ୍ଲୀ,୧୪।୧୦: ବିଶ୍ୱର ସର୍ବବୃହତ ତୈଳ କମ୍ପାନି ସାଉଦି ଆରାମକୋ ଉପରେ କ୍ଷେପଣାସ୍ତ୍ର ଆକ୍ରମଣକୁ ନେଇ ଉତ୍ତେଜନା ବଢ଼ିଛି। ସାଉଦି ଆରବର ଧାହରାନ ସହରରେ ଥିବା ଆରାମକୋ କମ୍ପ୍ଲେକ୍ସର ଏକ ପ୍ରଶାସନିକ କୋଠାକୁ ଟାର୍ଗେଟ କରି ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ମାଡ଼ କରାଯାଇଥିବା ଖବର ମିଳିଛି। ଆକ୍ରମଣ ପରେ କୋଠାରେ ନିଆଁ ଲାଗିଥିଲେ ମଧ୍ୟ କୌଣସି ମୃତାହତ ହୋଇନଥିବା ଅଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି। ସୂଚନା ଅନୁସାରେ, ମଙ୍ଗଳବାର ବିଳମ୍ବିତ ରାତିରେ ଏହି ଆକ୍ରମଣ ହୋଇଥିଲା।

### ବିଶ୍ୱ ପାଣିପାଗକୁ ନେଇ ଡବ୍ଲୁଏମଓ'ର ଚେତାବନୀ

# ୨୦୨୭ ଫେବୃଆରୀ ଯାଏଁ ରହିପାରେ ଏଲ୍ ନିନୋ ପ୍ରଭାବ



ନୂଆଦିଲ୍ଲୀ,୧୪/୧୦: ବିଶ୍ୱର ପାଣିପାଗ ଉପରେ ପଡ଼ିପାରେ ଏଲ୍ ନିନୋର ବଡ଼ ପ୍ରଭାବ। ଏହାକୁ ନେଇ ବିଶ୍ୱ ପାଣିପାଗ ସଂଗଠନ (ଡବ୍ଲୁଏମଓ) ପକ୍ଷରୁ ଚେତାବନୀ ଜାରି କରାଯାଇଛି। ସଂଗଠନର ଆକଳନ ଅନୁଯାୟୀ, ୨୦୨୬ ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ କେନ୍ଦ୍ରୀୟ ଓ ପୂର୍ବ ପ୍ରଶାନ୍ତ ମହାସାଗରରେ ସମୁଦ୍ର ପୃଷ୍ଠ ତାପମାତ୍ରା ରେକର୍ଡ ସ୍ତରରେ ପହଞ୍ଚିପାରେ। ଡିସେମ୍ବର ମାସ ପାଖାପାଖି ଏହା ଶୀର୍ଷ ସ୍ତରରେ ପହଞ୍ଚିବାର ଆଶଙ୍କା ରହିଛି। ଡବ୍ଲୁଏମଓର ଆକଳନ ଅନୁସାରେ, ଏଲ୍ ନିନୋର ପ୍ରଭାବ ୨୦୨୭ ଫେବୃଆରୀ ଯାଏଁ ଜାରି ରହିପାରେ। ଯଦି ଏହି ଆକଳନ ସତ ହୁଏ, ତେବେ ୧୯୫୦ ପରଠାରୁ ଏହା ସବୁଠାରୁ ଶକ୍ତିଶାଳୀ ଏଲ୍ ନିନୋ ଘଟଣାଗୁଡ଼ିକ ମଧ୍ୟରୁ ଅନ୍ୟତମ ହୋଇପାରେ। ଏହି ଜଳବାୟୁ ପ୍ରକ୍ରିୟାର ପ୍ରଭାବ ଭାରତର ମୌସୁମୀ ପରବର୍ତ୍ତୀ ପାଣିପାଗ ଏବଂ ଶୀତଦିନିଆ ବର୍ଷା ଉପରେ ପଡ଼ିବାର ଆଶଙ୍କା ରହିଛି। ଚଳିତ ବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ଋତୁରେ ଭାରତରେ ଦୀର୍ଘକାଳୀନ ହାରାହାରି ତୁଳନାରେ ମାତ୍ର ୮୭.୪ ପ୍ରତିଶତ ବର୍ଷା ରେକର୍ଡ ହୋଇଥିବା ଖବରରେ ଉଲ୍ଲେଖ କରାଯାଇଛି। ଏହାର ପରିମାଣ ପ୍ରାୟ ୭୫୯.୪ ମିଲିମିଟର। ଫଳରେ ଦେଶର ଅନେକ ଅଞ୍ଚଳରେ କମ୍ ଏବଂ ଅସ୍ୱାଭାବିକ ବର୍ଷା ବଣ୍ଟନକୁ ନେଇ ଚିନ୍ତା ବଢ଼ିଛି। ଏଲ୍ ନିନୋର ପ୍ରଭାବରେ ଭାରତୀୟ ଉପମହାଦେଶରେ ସ୍ୱାଭାବିକଠାରୁ କମ୍ ବର୍ଷା ହେବାର ଆଶଙ୍କା ରହିଛି। ଏପରି ହେଲେ ଆଗରୁ ଜଳସଙ୍କଟର ସମ୍ମୁଖୀନ ହେଉଥିବା ଅଞ୍ଚଳଗୁଡ଼ିକରେ ସ୍ଥିତି ଆହୁରି ଗମ୍ଭୀର ହୋଇପାରେ। ଏହାର ପ୍ରଭାବ ଜଳଭଣ୍ଡାର, ଚାଷକାର୍ଯ୍ୟ ଏବଂ ଜଳ ଉପଲବ୍ଧତା ଉପରେ ପଡ଼ିବାର ଆଶଙ୍କା ରହିଛି। ଦକ୍ଷିଣ ଓ ଦକ୍ଷିଣ-ପୂର୍ବ ଭାରତ ପାଇଁ ଅକ୍ଟୋବରରୁ ଡିସେମ୍ବର ମାସ ଉତ୍ତର-ପୂର୍ବ ମୌସୁମୀ ବର୍ଷା ଦୃଷ୍ଟିରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏହି ବର୍ଷା ଜଳଭଣ୍ଡାରଗୁଡ଼ିକୁ ପୂରଣ କରିବା ସହ କୃଷିକାର୍ଯ୍ୟରେ ସହାୟକ ହୋଇଥାଏ। ତେଣୁ ଏହି ସମୟରେ ବର୍ଷା କମିଲେ ଜଳସମ୍ପଦ ଓ ଚାଷ ଉପରେ ପ୍ରଭାବ ପଡ଼ିପାରେ। ପାଣିପାଗ ବିଶେଷଜ୍ଞଙ୍କ ମତରେ, ଏଲ୍ ନିନୋର ପ୍ରଭାବ କେବଳ ଗୋଟିଏ କାରଣ ଉପରେ ନିର୍ଭର କରେନାହିଁ।

# ବାଇକ ଚୋରି ମାମଲାରେ ଅଭିଯୁକ୍ତଙ୍କୁ ଏକ ବର୍ଷ ଜେଲ ଦଣ୍ଡ

ଭୁବନେଶ୍ୱର(ନି.ପ୍ର): ମାନ୍ୟବର ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଅଦାଲତ-୨ ର ବିଚାରପତି ପ୍ରିୟଦର୍ଶିନୀ ତ୍ରିପାଠୀ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ହୋଇଥିବା ମୋଟରସାଇକେଲ ଚୋରୀ ମାମଲାର ବିଚାର କରି ଆସାମୀ ପ୍ରଶାନ୍ତ ଘଡ଼େଇଙ୍କୁ ସଜା ଶୁଣାଇଛନ୍ତି । ଘଟଣାର ଅନ୍ତରାଳେ: ଅଭିଯୋଗକାରୀ ବିଷ୍ଣୁ ବୈଭବ ଦାସ, ପ୍ରଗତି ଏନକ୍ଲେଭର ଏମଆଇଜି-ଡି-୮ ରେ ରୁହନ୍ତି । ଗତ ତା.୧୧.୦୯.୨୦୨୬ ରିଖ ଶୁକ୍ରବାର ରାତି ୧୨ଟାରୁ ସକାଳ ୫ଟା ମଧ୍ୟରେ ତାଙ୍କ ଘର ପରିସରରେ ରଖାଯାଇଥିବା କଳା ରଙ୍ଗର ୟାମାହା ମୋଟରସାଇକେଲ ଚୋରି ହୋଇଯାଇଥିଲା । ଆଖପାଖ ଅଞ୍ଚଳରେ ଖୋଜାଖୋଜି କରିଥିଲେ ମଧ୍ୟ ମୋଟରସାଇକେଲର କୌଣସି ସନ୍ଧାନ ପାଇନଥିଲେ । ପରେ ତା.୧୩.୦୯.୨୦୨୬ ରିଖ ସନ୍ଧ୍ୟା ପ୍ରାୟ ୭ଟା ୨୩ ସମୟରେ ସେ ଚନ୍ଦ୍ରଶେଖରପୁର ଥାନାରେ ମୋଟରସାଇକେଲ ଚୋରୀନେଇ ଏକ ଲିଖିତ ଅଭିଯୋଗ ଦାଖଲ କରିଥିଲେ । ଅଭିଯୋଗକାରୀଙ୍କ ଅଭିଯୋଗକୁ ଭିତ୍ତିକରି ଚନ୍ଦ୍ରଶେଖରପୁର ଥାନା କେସ୍ ନଂ-୯୨୩/୨୦୨୬ ରେ ମାମଲା ରୁଜୁ ହେବା ସହ ଏଏସଆଇ ଶ୍ରୀ ନୃସିଂହ ବେହେରା ଏହାର ତଦନ୍ତ ଦାୟିତ୍ୱ ନିର୍ବାହ କରିବା ସହ ତଦନ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲ । ମାମଲାର ତଦନ୍ତ କାଳରେ ସେ ଅଭିଯୁକ୍ତ ପ୍ରଶାନ୍ତ ଘଡେଇଙ୍କୁ ମୋଟରସାଇକେଲ ଚୋରୀ ମାମଲାରେ କାଞ୍ଚନଜଙ୍ଘା ଆପାର୍ଟମେଣ୍ଟ ନିକଟରୁ ଗତ ୨୭.୦୯.୨୦୨୬ ମଧ୍ୟାହ୍ନରେ ଗିରଫ କରି କୋର୍ଟ ଚାଲାଣ କରିବା ସହ ଚୋରା ମୋଟରସାଇକେଲଟିକୁ ମଧ୍ୟ ଉଦ୍ଧାର କରିଥିଲେ । ମାମଲାର ତଦନ୍ତକାରୀ ଅଧିକାରୀ ଶ୍ରୀ ଘଡେଇ ଅତ୍ୟନ୍ତ ତତ୍ପରତାର ସହ କାର୍ଯ୍ୟ କରି ଅଭିଯୋଗର ମାତ୍ର ୧୭ ଦିନରେ ଅର୍ଥାତ ଗତ ୩୦.୦୯.୨୦୨୬ ରେ ଅଭିଯୁକ୍ତଙ୍କ ବିରୋଧରେ ଅଦାଲତରେ ଚାର୍ଜସିଟ୍ ଦାଖଲ କରିଥିଲେ । ଅଦାଲତରେ ଗତ ୦୩.୧୦.୨୦୨୬ ରେ ପ୍ରୋସିକ୍ୟୁସନ୍ ପକ୍ଷରୁ ସାକ୍ଷ୍ୟଗ୍ରହଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ଏହି ମାମଲାରେ ମୋଟ ୮ଜଣ ସାକ୍ଷୀଙ୍କ ଜବାନବନ୍ଦି ଏବଂ ୫ ଗୋଟି ପ୍ରାସଙ୍ଗିକ ଦସ୍ତାବିଜକୁ ଅଦାଲତଙ୍କ ସମ୍ମୁଖରେ ଉପସ୍ଥାପନ କରାଯାଇଥିଲା । ଅପରାଧର ଗୁରୁତ୍ୱ ସହିତ ଦୋଷୀ ସାବ୍ୟସ୍ତ ବ୍ୟକ୍ତିଙ୍କ ବୟସ, ଆର୍ଥିକ ପରିସ୍ଥିତି, ପାରିବାରିକ ଦାୟିତ୍ୱ ଏବଂ ଅନୁତାପ ପ୍ରକାଶକୁ ବିଚାରକୁ ନେଇ, ମାନ୍ୟବର ଅଦାଲତ ଭାରତୀୟ ନ୍ୟାୟ ସଂହିତାର ଧାରା-୩୦୩ (୨) ଅନୁଯାୟୀ ଦଣ୍ଡନୀୟ ଅପରାଧ ପାଇଁ ଅଭିଯୁକ୍ତ ପ୍ରଶାନ୍ତ ଘଡେଇଙ୍କୁ ୧ ବର୍ଷର ସଶ୍ରମ କାରାଦଣ୍ଡ ସହିତ ୧,୦୦୦ ଟଙ୍କା ଜୋରିମନା ଦଣ୍ଡରେ ଦଣ୍ଡିତ କରିଛନ୍ତି ଏବଂ ଜୋରିମନା ଅନାଦାୟ କ୍ଷେତ୍ରରେ ତାଙ୍କୁ ଅତିରିକ୍ତ ୧୫ ଦିନର ସରଳ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରକାଶ ଯୋଗ୍ୟ ଯେ, କୁଖ୍ୟାତ ଅପରାଧୀ ତଥା ଚେନ ଲୁଟେରା, ପ୍ରଶାନ୍ତ ଘଡେଇଙ୍କୁ ଆଜିର ଏହି ସଜାକୁ ମିଶାଇ ମୋଟ ୩ୟ ଥର ଲାଗି ସଜା ଶୁଣାଣି ହୋଇଛି । ପୂର୍ବରୁ ଦୁଇଦୁଇଟି ମାମଲାରେ ତାକୁ ସଜା ହୋଇସାରିଥିବା ବେଳେ, ସଜାର ସମୟସୀମା ସର୍ବାଧିକ ୩ ବର୍ଷ ପର୍ଯ୍ୟନ୍ତ ଥିଲା । ଶେଷଥର ପାଇଁ ତାକୁ ବଡଗଡ ଥାନା ମାମଲାରେ ସଜା ହୋଇଥିଲା ଏବଂ ସେ ଜେଲରୁ ବେଲରେ ଖସି ଯାଇଥିଲା । ବେଲରେ ମୁକୁଳିବା ପରେ ପୁନର୍ବାର ଚନ୍ଦ୍ରଶେଖରପୁର ଅଞ୍ଚଳରୁ ଏକ ମୋଟରସାଇକେଲ ଚୋରୀ କରି ଗିରଫ ହୋଇଥିଲା ଏବଂ ଏହି ମାମଲାରେ ତାକୁ ଆଜି ପୁଣିଥରେ ସଜା ହୋଇଛି । ସରକାରଙ୍କ ପକ୍ଷରୁ ସହକାରୀ ପବ୍ଲିକ ପ୍ରୋସିକ୍ୟୁଟର ବିଜନ ବିହାରୀ କର ଓ ଶ୍ରୀ ପ୍ରଫୁଲ୍ଲ କୁମାର ଷଡଙ୍ଗୀ ଏହି ମାମଲାକୁ ଅତ୍ୟନ୍ତ ସଫଳତାର ସହ ପରିଚାଳନା କରି ମାତ୍ର ୩୦ ଦିନ ମଧ୍ୟରେ ନ୍ୟାୟ ପ୍ରଦାନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

## ଗଳି କନ୍ଦିରେ ବିକ୍ରି ହେଉଛି ମଦ !

### ତେଜୁଛି ମହିଳାଙ୍କ ମଦ ବିରୋଧୀ ଆନ୍ଦୋଳନ

ତରଭା(ନିପ୍ର): ଗାଁ ଗାଁର ଗଳିକନ୍ଦିରେ ମଦ ବିକ୍ରି ଜୋର ସୋରରେ ଚାଲିଛି । ସହରଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଚୋରା ମଦ କାରବାର ଚାଲିଛି । ଅବାଧ ମଦ କାରବାର ଏପରି ଚାଲିଛି ସତେ ଯେପରି ସ୍ୱୀକୃତି ପ୍ରାପ୍ତ ଦୋକାନ ଭଳି ମନେହୁଏ । ନା ପୋଲିସର ତତ୍ପରତା ନା ଅବକାରୀ ବିଭାଗ ତରଫରୁ ଧରପଗଡ ହେଉଛି । ଧର୍ମକୁ ଆଖିଠାର ଭଳି ମଝିରେ ମଝିରେ କିଛିଟା ଧରପଗଡ ଜାରି ରହିଛି । ଅବସ୍ଥା ଅସମ୍ଭାଳ ହେବାରୁ ବିଭିନ୍ନ ସ୍ଥାନରେ ମହିଳାମାନଙ୍କ ଦ୍ୱାରା ମଦ ବିରୋଧୀ ଆନ୍ଦୋଳନ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଛି । ଜିଲ୍ଲାର ସୁବଳୟା ପିତା ମୋହଲ, ତରଭାର ମେଣ୍ଡା, ବିନିକା ରାମପୁର ଆଦି ବିଭିନ୍ନ ସ୍ଥାନରେ ମଦ ବିରୋଧୀ ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି । ସେହିପରି ତରଭା ବ୍ଲକ ରାଏକେଡା ଗ୍ରାମର ଏସଏଚଜି ମହିଳାମାନଙ୍କ ଦ୍ୱାରା ଗ୍ରାମରେ ବିକ୍ରି ହେଉଥିବା ବେଆଇନ ଦେଶୀ ମଦ କାରବାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ । ଏସଏଚଜି ମହିଳାମାନେ ଗ୍ରାମରେ ସମ୍ପୂର୍ଣ୍ଣ ଭାବରେ ମଦ ବିକ୍ରି ବନ୍ଦ ନେଇ ପ୍ରସ୍ତାବ ଦେଇଥିଲେ । ସେ ଯାହା ହେଉନା କାହିଁକି ଯଦି ଗ୍ରାମୀଣ ମହିଳା ମଦ ବିରୋଧରେ ଆନ୍ଦୋଳନ କରିବା ପାଇଁ ପ୍ରସ୍ତୁତ ତେବେ ପୁଲିସ ତଥା ଅବକାରୀ ବିଭାଗ କାହିଁକି ଏ ଦିଗରେ ତତ୍ପର ନହେବା ସାଧାରଣରେ ପ୍ରଶ୍ନ ଉଠେ ?

## ବ୍ୟବସାୟୀଙ୍କ ଦାଦାବଟି ମାଗି ଜଣେ ଗିରଫ

ଭୁବନେଶ୍ୱର(ନି.ପ୍ର): ବ୍ୟବସାୟୀଙ୍କୁ ଦାଦାବଟି ମାଗିବା ଓ ହତ୍ୟା ଧମକ ଦେବା ଅଭିଯୋଗରେ ଭରତପୁର ଥାନା ପୁଲିସ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ଦୀପକ କୁମାର ବେହେରା ଓରଫ ଦିପୁ । ପୁଲିସ ତା ବିରୋଧରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି । ସୂଚନା ଯୋଗ୍ୟ ଯେ, ଅଭିଯୋଗକାରୀ ସଲିମ ସାମନ୍ତରାୟ ଆଇଏମଏସ ଓ ସମ୍ ହସ୍ପିଟାଲର ଜରୁରୀକାଳୀନ ୱାର୍ଡ ସମ୍ମୁଖରେ "ୟୋ ବର୍ଗର" ନାମକ ଏକ ଦୋକାନ କରିଛନ୍ତି । ସ୍ଥାନୀୟ ଅଞ୍ଚଳର ଅଭିଯୁକ୍ତ ଦୀପକ କୁମାର ବେହେରା ଓରଫ ଦୀପୁ ଏବଂ ତାଙ୍କ ସହଯୋଗୀମାନେ ଦୋକାନ ଚଳାଇବା ପାଇଁ ଅଭିଯୋଗକାରୀଙ୍କ ଠାରୁ ନିୟମିତ ଦାଦାବଟି ଆଦାୟ କରୁଥିବା ଅଭିଯୋଗ ହୋଇଛି । ଗତ ୧୩.୧୦.୨୦୨୬ ସନ୍ଧ୍ୟା ସମୟରେ ଅଭିଯୁକ୍ତମାନେ ସେଠାରେ ପହଞ୍ଚି ପୁନର୍ବାର ଦାଦାବଟି ଦାବି କରିଥିଲେ । ଅଭିଯୋଗକାରୀ ଟଙ୍କା ଦେବାକୁ ମନା କରିବାରୁ ସେମାନେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଦୋକାନ ଭାଙ୍ଗିଦେବା ଏବଂ ଗୁରୁତର ପରିଣାମ ଭୋଗିବାକୁ ଧମକ ଦେଇଥିଲେ । ଠିକ ଏହି ସମୟରେ ନିକଟରେ ଏକ ସ୍କର୍ପିଓ ଗାଡ଼ି ଦ୍ରୁତ ଗତିରେ ଓ ବେପରୁଆ ଭାବେ ଚଳାଇ ପଥଚାରୀ ଓ ଦୁଇଚକିଆ ଯାନ ଚାଳକଙ୍କୁ ଧକ୍କା ଦେବାରୁ ଦୁର୍ଘଟଣା ଘଟିଥିଲା । ଅଭିଯୋଗକାରୀ ଜଣକ ମଧ୍ୟ ସେହି ସମୟରେ ସ୍କୁଟି ଯୋଗେ ରାସ୍ତାରେ ଯାଉଥିବା ବେଳେ ଅଳ୍ପକେ ଦୁର୍ଘଟଣାରୁ ବର୍ତ୍ତିଯାଇଥିଲେ । ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକମାନେ ସ୍କର୍ପିଓ ଗାଡ଼ିକୁ ଅଟକାଇ ଚାଳକଙ୍କୁ କାବୁ କରିଥିଲେ । ଏହି ସମୟରେ ଅଭିଯୋଗକାରୀ ଗାଡ଼ିର ମାଲିକ କିଏ ବୋଲି ପଚାରିବାରୁ ଭିଡ଼ର ସୁଯୋଗ ନେଇ ଅଭିଯୁକ୍ତ ଦୀପକ କୁମାର ବେହେରା ଓରଫ ଦୀପୁ, ଲୁଟୁ ବେହେରା, ରାଜା ବେହେରା ଓ ଅନ୍ୟମାନେ ପୂର୍ବରୁ ଦାଦାବଟି ନଦେବାକୁ ନେଇ ତାଙ୍କୁ ଆକ୍ରମଣ କରିଥିଲେ । ଆକ୍ରମଣ ଯୋଗୁଁ ସେ ତଳେ ପଡ଼ିଯାଇଥିଲେ । ଏହା ପରେ ମଧ୍ୟ ଅଭିଯୁକ୍ତମାନେ ତାଙ୍କୁ ନିର୍ମମ ଭାବେ ମାଡ଼ ମାରିଚାଲିଥିଲେ । ଫଳରେ ତାଙ୍କ ବାମ କାନ୍ଧର ଖଞ୍ଜା ଖସିଯାଇଥିଲା । ପରେ ପୋଲିସ ଟିମ୍ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଲୋକଙ୍କ ସହାୟତାରେ ସମ୍ ହସ୍ପିଟାଲରେ ଭର୍ତ୍ତି କରିଥିଲା । ଏହି ଘଟଣା ସମ୍ପର୍କରେ ପୋଲିସ ଅଭିଯୋଗ ଆଧାରରେ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରିବା ସହିତ ଦୀପକ କୁମାର ବେହେରା ଓରଫ ଦିପୁ ନାମକ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ । ପଚରାଉଚରାରୁ, ଅଭିଯୁକ୍ତ ଜଣକ ନିଜର ଦୋଷ ସ୍ୱୀକାର କରିଥିଲେ । ଅଭିଯୁକ୍ତ ଦୀପକ ପୂର୍ବରୁ ମଧ୍ୟ ୨୦୨୦ ମସିହାରେ ଖଣ୍ଡଗିରୀ ଥାନାର ଏକ ମାମଲାରେ ଜଡ଼ିତ ଥିବା ପୋଲିସ ଜାଣିବାକୁ ପାଇଛି ।

## ଡିମିରିମୁଣ୍ଡା ପଞ୍ଚାୟତରେ ମଦବିକ୍ରୀ ବନ୍ଦ ନେଇ ଉପଜିଲ୍ଲାପାଳଙ୍କୁ ମହିଳାଙ୍କ ଦାବିପତ୍ର

କୁଚିଣ୍ଡା(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଥାନା ଅନ୍ତର୍ଗତ ଡିମିରିମୁଣ୍ଡା ପଞ୍ଚାୟତରେ ଖୁଲମଖୁଲା ଭାବେ ମହୁଲି ରନ୍ଧାମଦ ଓ ହାଣ୍ଡିଆ ବିକ୍ରି ଚାଲିଛି । ତେଣୁ ଏଭଳି ବେଆଇନ ଭାବେ ମଦ ବିକ୍ରେତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରାହଣ କରିବା ସହ ଡିମିରିମୁଣ୍ଡା ପଞ୍ଚାୟତକୁ ନିଶାମୁକ୍ତ ଘୋଷଣା ପାଇଁ ବୁଧବାର ମହିଳାମାନେ କୁଚିଣ୍ଡା ଉପଜିଲ୍ଲାପାଳ ସରଓ୍ୱନନ୍ ସଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଏହା ଉପରେ ପ୍ରଶାସନ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉପ-ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି । ଡିମିରିମୁଣ୍ଡା ପଞ୍ଚାୟତର ବାବେୟୁରୀ, ଲେପେଇକାନି, ବିଜାଡିହି, ବାମଣ୍ଡାଗଡ, ବଡକୁଦର, ବାଲିଗୁଡା ଆଦି ଗ୍ରାମରେ ମହୁଲି ମଦ ଓ ହାଣ୍ଡିଆ ରାନ୍ଧି ବେଆଇନ ଭାବେ ବିକ୍ରୀ କରୁଛନ୍ତି । ଏହା ଏବେ ଏକ କୁଟିର ଶିଳ୍ପରେ ପରିଣତ ହୋଇଛି । ଫଳରେ ଗାଁମାନଙ୍କର ଶାନ୍ତ ପରିବେଶ ନଷ୍ଟ ହୋଇ ଅଶାନ୍ତିର ବାତାବରଣ ସୃଷ୍ଟି ହେଉଛି । ଏହାଛଡା ଏହା ଦ୍ୱାରା ସ୍ୱାସ୍ଥ୍ୟସହ ଶିକ୍ଷା କ୍ଷେତ୍ରରେ ଗୁରୁତର ଭାବେ ପ୍ରଭାବ ପଡୁଛି ଏବଂ ଯୁବପିଢିଙ୍କ ଭବିଷ୍ୟତ ନଷ୍ଟ ହେଉଛି । ତେଣୁ ତୁରନ୍ତ ବେଆଇନ ମଦ ବିକ୍ରୀକୁ ବନ୍ଦ କରାଯାଇ ମଦ ବିକ୍ରେତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ପ୍ରଦତ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ଏହାର ନକଲ କୁଚିଣ୍ଡା ଥାନା, ଅବକାରୀ ବିଭାଗକୁ ପ୍ରଦାନ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।

## ଦୁର୍ଘଟଣା ଘଟାଇଥିବା ସ୍କର୍ପିଓ ଚାଳକଙ୍କୁ କୋର୍ଟ ଚାଲାଣ

ଭୁବନେଶ୍ୱର(ନି.ପ୍ର): ସିରିଜ ଦୁର୍ଘଟଣା ଘଟାଇଥିବା ସ୍କର୍ପିଓ ଚାଳକ ବୁବୁନ ଓରଫ ବାପୁଜୀ ବିଶ୍ୱବନ୍ଦନ ବିଶ୍ୱାଳଙ୍କୁ ପୁଲିସ ଗିରଫ କରିଛି । ତା' ବିରୋଧରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ରୋଶନଜ୍ୟୋତି ବାରକ କଟକ ତିଗିରିଆ ଅଞ୍ଚଳର ହୋଇଥିବା ବେଳେ, ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା ମାନସ ବାରିକ ହେଉଛନ୍ତି ତାଙ୍କର ଦାଦା । ଗତକାଲି ରାତି ପ୍ରାୟ ୮ଟା ୩୦ ସମୟରେ ମୃତ ମାନସ କୁମାର ବାରିକ ନିଜ ସ୍କୁଟି ଯୋଗେ ଘରକୁ ଫେରୁଥିବା ସମୟରେ ସମ ହସ୍ପିଟାଲର ଡେଣ୍ଟାଲ୍ କ୍ଲିନିକ୍ ନିକଟରେ ପଛପଟୁ ଅତି ଦ୍ରୁତ ଗତିରେ ତଥା ବିପଦଜନକ ଭାବେ ଆସୁଥିବା ଏକ କଳା ରଙ୍ଗର ସ୍କର୍ପିଓ ଗାଡ଼ି ତାଙ୍କ ସ୍କୁଟିକୁ ଖୁବ ଜୋରସେ ଧକ୍କା ଦେଇଥିଲା । ଦୁର୍ଘଟଣା ଘଟାଇବା ପରେ ଅଭିଯୁକ୍ତ ଗାଡ଼ି ସହ ଘଟଣାସ୍ଥଳରୁ ଖସି ପଳାଇଯିବାକୁ ଚେଷ୍ଟା କରିଥିଲେ । ଏହି ସମୟରେ ସେ ଅନ୍ୟ ଜଣେ ସ୍କୁଟି ଚାଳକ ଏବଂ ଆଉ ଦୁଇ ଜଣଙ୍କୁ ମଧ୍ୟ ଧକ୍କା ଦେଇଥିଲେ । ଫଳରେ ଏହି ଘଟଣାରେ ମୋଟ ଚାରି ଜଣ ବ୍ୟକ୍ତି ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକମାନେ ସମସ୍ତ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ଲାଗି ତୁରନ୍ତ ସମ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ । ସେଠାରେ ଡାକ୍ତର, ମାନସ କୁମାର ବାରିକଙ୍କୁ ମୃତ ଘୋଷଣା କରିଥିବା ବେଳେ, ଅନ୍ୟ ତିନି ଜଣ ଆହତ ବର୍ତ୍ତମାନ ଚିକିତ୍ସାଧୀନ ଅଛନ୍ତି । ଘଟଣା ପରେ ସ୍ଥାନୀୟ ଲୋକମାନେ ଅଭିଯୁକ୍ତ ବୁବୁନ ଓରଫ ବାପୁଜୀ ବିଶ୍ୱବନ୍ଦନ ବିଶ୍ୱାଳଙ୍କୁ ଘଟଣାସ୍ଥଳରେ କାବୁ କରିନେଇ ପୁଲିସ ଜିମା ଦେଇଥିଲେ । ପୁଲିସ ମାମଲାର ତଦନ୍ତ କାଳରେ ଦୁର୍ଘଟଣାରେ ଜଡ଼ିତ ଗାଡ଼ି ତିନୋଟିକୁ ଘଟଣାସ୍ଥଳରୁ ଜବତ କରିବା ସହ ଅଭିଯୁକ୍ତଙ୍କ ଠାରୁ ଦୁର୍ଘଟଣା ଘଟାଇଥିବା ସ୍କର୍ପିଓ ଗାଡ଼ିକୁ ମଧ୍ୟ ଜବତ କରିଥିଲେ । ବ୍ରେଥ ଆନାଲାଇଜର ସାହାଯ୍ୟରେ ଅଭିଯୁକ୍ତ ଚାଳକଙ୍କ ଡ୍ରଙ୍କେନଡ୍ରାଇଭ ପରୀକ୍ଷଣ କରାଯିବାରୁ ତାହା ନେଗେଟିଭ୍ ଥିବା ଜଣାପଡ଼ିଥିବା ବେଳେ, ଏନେଇ ଅଧିକ ତଥା ସଠିକ ପ୍ରମାଣ ପାଇବା ଲାଗି ତାଙ୍କର ରକ୍ତନମୁନା ସଂଗ୍ରହ କରାଯାଇ ପରୀକ୍ଷଣ ପାଇଁ ଏସଏଫଏସଏଲକୁ ପଠାଯାଇଥିବା ଜଣାପଡିଛି ।

## ସ୍କୁଲରେ ଚାକିରି ଦେବାକୁ କହି ଠକେଇ, ଅଭିଯୁକ୍ତ ଜେଲ୍‌ଗଲା

ଭୁବନେଶ୍ୱର(ନି.ପ୍ର): ନବୋଦୟ ସ୍କୁଲରେ ଚାକିରୀ ଦେବାକୁ କହି ୮ଲକ୍ଷରୁ ଅଧିକ ଟଙ୍କା ଠକେଇ କରିବା ଅଭିଯୋଗରେ ବଡଗଡ ଥାନା ପୁଲିସ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ଅମରେଶ୍ୱର କାଣ୍ଡି । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି । ସୂଚନା ଯୋଗ୍ୟ ଯେ, ଅଭିଯୋଗକାରୀ ଅୟସକାନ୍ତ ଷଡଙ୍ଗୀ ନିଜ ପତ୍ନୀ ସ୍ୱାଗତିକା ପାଣିଗ୍ରାହୀଙ୍କ ପାଇଁ ଏକ ସରକାରୀ ଚାକିରି ଖୋଜୁଥିଲେ । ଏହି ସମୟରେ ୨୦୨୫ ମସିହାରେ ତାଙ୍କ ଦାଦା/କକା ଆଲୋକ କୁମାର ଷଡଙ୍ଗୀଙ୍କ ପରାମର୍ଶରେ ସେ ଅମରେଶ୍ୱର କାଣ୍ଡିଙ୍କ ସହ ଯୋଗାଯୋଗ କରିଥିଲେ । ସେହି ସମୟରେ ଅମରେଶ୍ୱର କାଣ୍ଡି ପୁରୀ ଜିଲ୍ଲା କଣାସ ବ୍ଲକ୍‌ର ଚନ୍ଦନେଶ୍ୱର ୟୁପି ନୋଡାଲ୍ ସ୍କୁଲ୍‌ରେ ପ୍ରାଥମିକ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ । ଅମରେଶ୍ୱର କାଣ୍ଡି ଅଭିଯୋଗକାରୀଙ୍କ ପତ୍ନୀଙ୍କୁ ନବୋଦୟ ବିଦ୍ୟାଳୟରେ ଚାକିରି କରାଇଦେବା ପାଇଁ ୧୪ ଲକ୍ଷ ଟଙ୍କା ଦାବି କରିଥିଲେ । ତାଙ୍କ କଥାକୁ ବିଶ୍ୱାସ କରି ଅଭିଯୋଗକାରୀ ଫୋନ୍-ପେ, ଏସ୍‌ବିଆଇ ବ୍ୟାଙ୍କରେ ନଗଦ ଟଙ୍କା ଜମା ଏବଂ ଏନ୍‌ଇଏଫ୍‌ଟି ମାଧ୍ୟମରେ ମୋଟ ୮ ଲକ୍ଷ ଟଙ୍କା ଅଭିଯୁକ୍ତଙ୍କୁ ଦେଇଥିଲେ, ଏବଂ ବିଭିନ୍ନ ସମୟରେ ନଗଦ ୪ ଲକ୍ଷ ୫୦ ହଜାର ଟଙ୍କା ମଧ୍ୟ ଦେଇଥିଲେ । ଟଙ୍କା ପାଇବା ପରେ ଅଭିଯୁକ୍ତ ଅମରେଶ୍ୱର କାଣ୍ଡି ଅଭିଯୋଗକାରୀଙ୍କୁ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଜାରି ହୋଇଥିବା ଦର୍ଶାଇ ଏକ ନିଯୁକ୍ତିପତ୍ର ଦେଇଥିଲେ । ଉକ୍ତ ପତ୍ରରେ ତାଙ୍କ ପତ୍ନୀଙ୍କୁ ଖୋର୍ଦ୍ଧାର ଗୁରୁଜଙ୍ଗସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରେ ନିଯୁକ୍ତି ମିଳିଥିବା ଉଲ୍ଲେଖ ଥିଲା । ନିଯୁକ୍ତିପତ୍ର ପାଇବା ପରେ ଅଭିଯୋଗକାରୀ ସମ୍ପୃକ୍ତ ବିଦ୍ୟାଳୟକୁ ଯାଇ ଯାଞ୍ଚ କରିବାରୁ ଏହା ଜାଲ୍ ଓ ଜାଲିଆତି କରି ପ୍ରସ୍ତୁତ କରାଯାଇଥିବା ଜାଣିବାକୁ ପାଇଥିଲେ । ପରେ ସେ ଅଭିଯୁକ୍ତଙ୍କୁ ଟଙ୍କା ଫେରସ୍ତ ମାଗିବାରୁ ଅଭିଯୁକ୍ତ ଟଙ୍କା ଫେରାଇବାକୁ ମନା କରିବା ସହ ସ୍ଥାନୀୟ କିଛି ଅସାମାଜିକ ବ୍ୟକ୍ତିଙ୍କ ସହାୟତାରେ ଗୁରୁତର ପରିଣାମ ଭୋଗିବାକୁ ଧମକ ଦେଇଥିଲେ । ଏହା ପରେ ଅଭିଯୋଗକାରୀ ଠକେଇ, ବିଶ୍ୱାସଭଙ୍ଗ ଓ ଜାଲ୍ ଦଲିଲ୍ ପ୍ରସ୍ତୁତ କରି ତାଙ୍କର ଆର୍ଥିକ କ୍ଷତି ଘଟାଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ । ତଦନ୍ତ ସମୟରେ ପୋଲିସ ମାମଲା ସମ୍ବନ୍ଧୀୟ ବିଭିନ୍ନ କାଗଜପତ୍ର ସହ ଓଡ଼ିଶାର ଜବାହର ନବୋଦୟ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ ଓ ପିଏମ୍-ଶ୍ରୀ ସ୍କୁଲ୍‌ଗୁଡ଼ିକରେ ଲୋୟର ଡିଭିଜନ୍ କ୍ଲର୍କ (ଏଲ୍‌ଡିସି) ପଦବୀ ପାଇଁ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଜାରି ହୋଇଥିବା ଏକ ଜାଲ୍ ନିଯୁକ୍ତି ପ୍ରସ୍ତାବପତ୍ର ଜବତ କରିଥିଲେ । ମାମଲାର ଅଧିକ ତଦନ୍ତ କାଳରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ, ସେ ନିଜର ଦୋଷ ସ୍ୱୀକାର କରିଥିଲେ । ଅଭିଯୁକ୍ତ ଜଣକ ପୂର୍ବରୁ ମଧ୍ୟ ୨୦୨୨ ମସିହାରେ ବଡଗଡ ଥାନାର ଏକ ଠକେଇ ମାମଲାରେ ସମ୍ପୃକ୍ତ ଥିବା ଜଣାପଡିଛି ।

## ଅଭିଯୁକ୍ତଙ୍କୁ କୋର୍ଟଙ୍କ ଚେତାବନୀ

ଅନୁଗୋଳ: ଗତ ଜାନୁୟାରୀ ୧୬. ୨୦୨୧ ଦିନ ସନ୍ଧ୍ୟା ସମୟରେ ସଦର ଥାନା ନୂଆପଡ଼ା ଗାଁର ଗୋବିନ୍ଦ ଚନ୍ଦ୍ର ପ୍ରଧାନ ବାପାଙ୍କ ସମାଧି ସ୍ଥଳ ସଫା କରୁଥିବା ସମୟରେ ସେହି ଗାଁର ବିଷ୍ଣୁ ଚରଣ ପ୍ରଧାନ ପୂର୍ବ ଶତ୍ରୁତାରୁ ଗୋବିନ୍ଦକୁ ଆକ୍ରମଣ କରିଥିଲେ । ଏଥିରେ ଆହତ ହୋଇ ଗୋବିନ୍ଦ ଡାକ୍ତରଖାନାରେ ଚିକିତ୍ସିତ ହେବା ସହ ସଦର ଥାନାରେ ଅଭିଯୋଗ କରିଥିଲେ । ଏଥିନେଇ ଏକ କେସ ନଂ ୨୬/୨୧ରେ ମାମଲା ରୁଜୁ ହୋଇଥିଲା ଏବଂ ଅଭିଯୁକ୍ତ ଜାମିନରେ ଆସିଥିଲେ । ଶେଷରେ ମାମଲାର ଶୁଣାଣି କରି ମାନ୍ୟବର ଚିଫ ଜୁଡ଼ିସିଆଲ୍ ମାଜିଷ୍ଟ୍ରେଟ ଶରତ କୁମାର ଜେନା ଅଭିଯୁକ୍ତ ବିଷ୍ଣୁ ଚରଣ ପ୍ରଧାନକୁ ଏଭଳି ଆଉ ଗଣ୍ଡଗୋଳ ନ କରିବାକୁ ତାଗିଦ୍ କରିବା ସହ ପିଓ ଆକ୍ଟରେ ଖଲାସ କରିଥିଲେ ।

## ବିପୁଳ ମଦ ଜବତ: ୨ ଅଟକ




ନବରଙ୍ଗପୁର(ନିପ୍ର): ଡାବୁଗାଁ ଥାନା ଅଞ୍ଚଳରେ ଅବୈଧ ମଦ ବିକ୍ରି ବିରୋଧରେ ପୋଲିସର ବଡ଼ ଧରଣର ଚଢ଼ାଉ । ମାଝିଗୁଡ଼ା ଓ ଡଙ୍ଗରିଗୁଡ଼ା ଅଞ୍ଚଳରେ ଅବୈଧ ଭାବେ ମଦ ବିକ୍ରି ହେଉଥିବା ସୂଚନା ପାଇ ଡାବୁଗାଁ ପୋଲିସ ଚଢ଼ାଉ କରିଥିଲା । ଚଢ଼ାଉ ବେଳେ ୧ ପେଟି କେନ୍ ବିୟର, ୫ ଲିଟର ବିଦେଶୀ ମଦ ଓ ୧୦ ପ୍ୟାକେଟ ଦେଶୀ ମଦ ଜବତ କରିବା ସହ ୨ ଜଣଙ୍କୁ ଅଟକ ରଖିଛି ପୋଲିସ । ଏହି ଚଢ଼ାଉରେ ଡାବୁଗାଁ ଥାନାର ସମସ୍ତ କର୍ମଚାରୀ ସାମିଲ ଥିଲେ । ଏ ନେଇ ଥାନାରେ ମାମଲା ରୁଜୁ ହୋଇଛି । ତେବେ ଏବେ ଦେଖିବାକୁ ବାକି ରହିଲା, ମାଝିଗୁଡ଼ାରେ ଚାଲିଥିବା ବେଆଇନ ମଦ ଦୋକାନକୁ ପ୍ରଶାସନ ସମ୍ପୂର୍ଣ୍ଣ ରୂପେ କେବେ ବନ୍ଦ କରୁଛି ।

## ଆକ୍ରମଣ ଘଟଣାକୁ ୭ ଦିନ ବିତିଲା: କେବେ ଗିରଫ ହେବେ ଅଭିଯୁକ୍ତ



ଜଳେଶ୍ୱର(ନିପ୍ର): ରାସ୍ତାରେ ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣାକୁ ୭ ଦିନ ବିତିଲା । ଘଟଣାରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ପୋଲିସ କେବେ ଗିରଫ କରିବ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଶ୍ନ କରିଛନ୍ତି ପୀଡିତ ଯୁବକ ଓ ତାଙ୍କ ପରିବାର । ସୂଚନା ଅନୁଯାୟୀ ଗତଥର ସୁବର୍ଣ୍ଣରେଖା ନଦୀରେ ବନ୍ୟା ସମୟରେ ଜଳେଶ୍ୱର ଥାନା କାଳିକାପୁର ଗ୍ରାମରେ ବ୍ଲକ ପ୍ରଶାସନ ପକ୍ଷରୁ ରନ୍ଧାଖାଦ୍ୟ ବଣ୍ଟନ କରାଯାଇଥିଲା । ଖାଦ୍ୟ ବଣ୍ଟନ ସମୟରେ ଗ୍ରାମର ଭାଗିରଥି ଗିରିଙ୍କ ସହ ଅଭି ବେହେରାଙ୍କ ବଚସା ହୋଇଥିଲା । ପରେ ଗ୍ରାମର ଭଦ୍ର ବ୍ୟକ୍ତିଙ୍କ ଉପସ୍ଥିତିରେ ସମାଧାନ ହୋଇଥିଲା । ତେବେ ଗତ ୭ ତାରିଖ ସନ୍ଧ୍ୟା ସମୟରେ ଭାଗିରଥି ତାଙ୍କ ୩ଜଣ ସମ୍ପର୍କୀୟଙ୍କ ସହିତ ରାଜସ୍ଥାନ ଜୟପୁର ଯିବା ପାଇଁ ଏକ ବାଇକ ଯୋଗେ ଜଳେଶ୍ୱର ରେଳ ଷ୍ଟେସନ ଆସୁଥିଲା ବେଳେ ଜଳେଶ୍ୱର - ପଶ୍ଚିମବାଡ଼ ରାସ୍ତାର ବଡନଗର ନିକଟରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଅଭି ବେହେରାଙ୍କ ପୁଅ ଚନ୍ଦନ ବେହେରା ଓ ତାଙ୍କ ଭାଇ କାଳିଆ ବେହେରାଙ୍କ ସମେତ ୪ରୁ ୫ଜଣ ଦୃର୍ବୃତ୍ତ ଦୁଇଟି ବାଇକରେ ପଛପଟୁ ଆସି ଉକ୍ତ ବାଇକକୁ ଅଟକାଇ ଭାଗିରଥିଙ୍କୁ ନିର୍ଘୁମ ମାଡ଼ ମାରିବା ସହ ଏକ ଭୁଜାଲିରେ ମୁଣ୍ଡକୁ ଆକ୍ରମଣ କରିଥିଲେ । ଏଥିରେ ଭଗିରଥିର ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ଖବର ପାଇ ପରିବାର ଲୋକେ ଭାଗିରଥିଙ୍କୁ ଗୁରୁତର ଅବସ୍ଥାରେ ଜଳେଶ୍ୱର ଜିକେ ଭଟ୍ଟର ହସ୍ପିଟାଲରେ ଭର୍ତ୍ତି କରିଥିଲେ । ଅବସ୍ଥା ସଙ୍କଟାପନ୍ନ ହେବାରୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରା ଯାଇଥିଲା । ଏବେ ସେ ସାମାନ୍ୟ ସୁସ୍ଥ ହୋଇ ଘରେ ଚିକିତ୍ସିତ ହେଉଛନ୍ତି । ତେବେ ଭାଗିରଥିଙ୍କ ସ୍ତ୍ରୀ ମମତା ଗିରିଙ୍କଠାରୁ ଅଭିଯୋଗ ପାଇ ଜଳେଶ୍ୱର ପୋଲିସ ଘଟଣାର ତଦନ୍ତ କରି ଘଟଣାରେ ସମ୍ପୃକ୍ତ ଥିବା ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ ମଧ୍ୟ ଏଯାଏଁ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସଫଳ ହୋଇନାହିଁ । ତେଣୁ ଯଥାଶୀଘ୍ର ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ପୀଡିତ ପରିବାରକୁ ତୁରନ୍ତ ନ୍ୟାୟ ପ୍ରଦାନ କରିବାକୁ ସାମ୍ବାଦିକ ସମ୍ମିଳନୀରେ ପୀଡିତ ପରିବାର ଦାବି କରିଛନ୍ତି ।

## ତାଳଦଣ୍ଡା କେନାଲରୁ ମିଳିଲା ନିଖୋଜ ଯୁବକଙ୍କ ମୃତଦେହ

କଟକ(ନିପ୍ର): ମିଳିଲା ମୃତଦେହ । ଗତକାଲି ଠାରୁ ତାଳଦଣ୍ଡା କେନାଲରେ ବୁଡି ନିଖୋଜ ଥିଲେ ଯୁବକ । ମୃତ ଯୁବକ ଆଦିତ୍ୟ ନାରାୟଣ ପଣ୍ଡା । ଜଣେ ସାଙ୍ଗ ସହ ଗାଧୋଉ ଥିବାବେଳେ ଭାସି ଯାଇଥିଲେ ଆଦିତ୍ୟ । ଖବର ପାଇବା ପରେ ଆରମ୍ଭ ହୋଇଛି ସର୍ଚ୍ଚ ଅପରେସନ୍ ଆରମ୍ଭ ହୋଇଥିଲା । ମାତ୍ର ଅନ୍ଧାର ହୋଇଯିବା ପରେ ସର୍ଚ୍ଚ ଅପରେସନ ବନ୍ଦ କରିଥିଲା ଅଗ୍ନିଶମ ବାହିନୀ । ଆଜି ସକାଳୁ ପୁଣି ସର୍ଚ୍ଚ ଅପରେସନ ଆରମ୍ଭ କରାଯାଇଥିଲା । ଦୀର୍ଘ ସମୟ ଧରି ଖୋଜାଖୋଜି କରିବା ପରେ ଶେଷରେ ଯୁବକଙ୍କ ମୃତଦେହ ଉଦ୍ଧାର କରିବାରେ ସଫଳ ହୋଇଛି ଅଗ୍ନିଶମ ବାହିନୀ । ମୃତ ଆଦିତ୍ୟଙ୍କ ବୟସ ୧୮ ବର୍ଷ ହେବ ବୋଲି କୁହାଯାଉଛି । ପୋଲିସ ମୃତ ଦେହ ଜବତ କରି ପୋଷ୍ଟମର୍ଟମ ପାଇଁ ଏସସିବିକୁ ପଠାଇଛି । ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

## ବାଲେଶ୍ୱର ଜେଲର ନିଲମ୍ବିତ

ବାଲେଶ୍ୱର: ବାଲେଶ୍ୱର ଜିଲ୍ଲା କାରାଗାରର ଜେଲର ପ୍ରଦୀପ୍ତ କୁମାର ମହାଳିକ ନିଲମ୍ବିତ । କାର୍ଯ୍ୟରେ ଅବହେଳା ଦର୍ଶାଇ ତାଙ୍କୁ ନିଲମ୍ବନ କରିଛନ୍ତି ଜେଲ ଡିଜି । ଜେଲ ଡିଆଇଜି ଅନସୂୟା ଜେନା ବାଲେଶ୍ୱର ଜିଲ୍ଲା କାରାଗାର ଗସ୍ତରେ ଆସିଥିବା ବେଳେ ଜେଲରଙ୍କ ନିଲମ୍ବନ ସମ୍ପର୍କରେ କୌଣସି ପ୍ରତିକ୍ରିୟା ରଖିନଥିଲେ । କେବଳ ଅଫିସିଆଲ୍ କାର୍ଯ୍ୟରେ ଆସିଥିଲି ବୋଲି କହିଥିଲେ । ଅନ୍ୟପକ୍ଷରେ, ଜେଲ ଡିଆଇଜି ଅନସୂୟା ଜେନା ବାଲେଶ୍ୱର ଜିଲ୍ଲା କାରାଗାର ଗସ୍ତ କରିଥିଲେ । ତାଙ୍କର ଏହି ଗସ୍ତକୁ ନେଇ ଜେଲ ପ୍ରଶାସନରେ ବିଭିନ୍ନ ଆଲୋଚନା ହୋଇଥିଲେ ମଧ୍ୟ ଜେଲରଙ୍କ ନିଲମ୍ବନ ପ୍ରସଙ୍ଗରେ ସେ କୌଣସି ପ୍ରତିକ୍ରିୟା ଦେଇନଥିଲେ । ତେବେ ଜେଲରଙ୍କ ନିଲମ୍ବନର ପ୍ରକୃତ କାରଣ ଏବଂ ଏହା ସମ୍ପର୍କିତ ଅଧିକ ସରକାରୀ ତଥ୍ୟକୁ ଅପେକ୍ଷା କରାଯାଇଛି । ଏହି ପ୍ରସଙ୍ଗରେ ଜେଲ ବିଭାଗ ପକ୍ଷରୁ ଆଗାମୀ ଦିନରେ ଅଧିକ ସ୍ପଷ୍ଟତା ମିଳିବାର ସମ୍ଭାବନା ରହିଛି ।

# ଚୌଦ୍ୱାର ଜେଲ୍‌ରେ ୪ କଏଦୀଙ୍କୁ ଥାର୍ଡଡିଗ୍ରୀ !

## ଆସିଷ୍ଟାଣ୍ଟ ଜେଲରଙ୍କୁ ନେଇ ଉତ୍ତେଜନା

କଟକ(ନିପ୍ର): ଚୌଦ୍ୱାର ସର୍କଲ ଜେଲ୍‌ରେ ବେଆଇନ ଭାବେ ଲକ୍‌ଅପ୍ ଖୋଲି ରାତିଅଧରେ ୪ଜଣ ବିଚାରାଧୀନ କଏଦୀଙ୍କୁ ନିର୍ଘାତ ମାଡ଼ ମରାଯାଇଛି । ଜଣେ ଆସିଷ୍ଟାଣ୍ଟ ଜେଲର ଏଭଳି କାଣ୍ଡ ଘଟାଇଛନ୍ତି । ବିଳମ୍ବିତ ରାତିରେ ଏଭଳି ବେଆଇନ କାମକୁ ନେଇ ଜେଲ୍‌ରେ ଉତ୍ତେଜନା ସୃଷ୍ଟି ହୋଇଛି । କଏଦୀମାନେ ଏବେ ଆସିଷ୍ଟାଣ୍ଟ ଜେଲରଙ୍କ ବିରୋଧରେ ମେଳି ବାନ୍ଧିବା ସହିତ ଘଟଣାର ତଦନ୍ତ ଦାବି କରିଛନ୍ତି । ଚୌଦ୍ୱାର ସର୍କଲ ଜେଲ୍‌ର ୪ ଓ ୫ ନମ୍ବର ବ୍ଲକ୍‌ର ୪୬ ନମ୍ବର ରୁମ୍‌ରେ ପାଖାପାଖି ୨୫ ଜଣ କଏଦୀ ରୁହନ୍ତି । ନିକଟରେ ରାତି ପ୍ରାୟ ୧୨ଟା ବେଳେ ଉକ୍ତ ରୁମ୍‌ରେ ତିନି ଜଣ କଏଦୀ ବିଡ଼ି ଟାଣୁଥିଲେ । ଏହି ଘଟଣାକୁ ନେଇ ଡ୍ୟୁଟିରେ ଥିବା ଆସିଷ୍ଟାଣ୍ଟ ଜେଲର ଜଣେ ଜମାଦାର ଓ ଜଣେ ୱାର୍ଡରଙ୍କ ସହିତ ଘଟଣାସ୍ଥଳକୁ ଯାଇଥିଲେ । ଲକ୍‌ଅପ୍ ଖୋଲି ଭିତରେ ପଶିବା ପରେ ବିଡ଼ି ଟାଣୁଥିବା ତିନି କଏଦୀଙ୍କୁ ଲାଠିରେ ନିର୍ଘାତ ମାଡ଼ ମାରିଥିଲେ । ଏହି ତିନି ଜଣଙ୍କ ନିକଟରେ ବସିଥିବା ଆଉ ଜଣେ କଏଦୀ କଥାବାର୍ତ୍ତା ହେଉଥିବା ବେଳେ ସେ ମଧ୍ୟ ମାଡ଼ରୁ ବର୍ତ୍ତି ନଥିଲେ । ଉକ୍ତ ରୁମ୍‌ରେ ଲାଗିଥିବା ସିସି କ୍ୟାମେରାରେ ଏହି ଘଟଣା ରେକର୍ଡ ହୋଇଥିଲା । ଯେଉଁ କଏଦୀ ବିଡ଼ି ଟାଣୁ ନଥିଲେ ତାଙ୍କ ଗୋଡ଼ରେ ବି ଗଭୀର କ୍ଷତ ହୋଇଥିଲା । ସେ ଚଲାବୁଲା କରି ନ ପାରିବାରୁ ପରଦିନ ତାଙ୍କୁ ଜେଲ୍ ପରିସରରେ ଥିବା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଏହି କଏଦୀଙ୍କ ମାମୁ ଜେଲ୍‌ରେ ସର୍ଦ୍ଦାର ଦାୟିତ୍ୱରେ ଥିବାବେଳେ ଘଟଣା ସମ୍ପର୍କରେ ଜାଣିବା ପରେ ଏହାକୁ ନେଇ ଅଧିକ ଉତ୍ତେଜନାମୂଳକ ସ୍ଥିତି ସୃଷ୍ଟି ହୋଇଛି । ଜେଲ୍ ପରିସରରେ ଆସିଷ୍ଟାଣ୍ଟ ଜେଲରଙ୍କ ଏଭଳି ଆଚରଣକୁ ତୀବ୍ର ବିରୋଧ କରାଯାଇଛି । ପରେ ସମ୍ପୃକ୍ତ ଆସିଷ୍ଟାଣ୍ଟ ଜେଲର କଏଦୀଙ୍କୁ ମାମଲା ରଫାଦଫା କରିବାକୁ ଏକ ପ୍ରକାର ଚାପ ପକାଇଥିଲେ । ତଥାପି ଏହି ଘଟଣାକୁ ନେଇ ବିବାଦ ଥମୁନାହିଁ । ଜେଲ୍‌ର ଲକ୍‌ଅପ୍ ରାତି ୭ଟା ବେଳେ ବନ୍ଦ ହୁଏ । ଲକ୍ ଥରେ ପଡ଼ିବା ପରେ କୌଣସି ପରିସ୍ଥିତିରେ ରାତିରେ ଖୋଲାଯିବ ନାହିଁ । ଯଦି ଜରୁରି ପରିସ୍ଥିତି ସୃଷ୍ଟି ହୁଏ, ଜେଲ୍ ଅଧୀକ୍ଷକ ଓ ଜେଲରଙ୍କ ଉପସ୍ଥିତିରେ ଲକ୍‌ଅପ୍ ଖୋଲାଯିବାର ବ୍ୟବସ୍ଥା ରହିଛି । କିନ୍ତୁ ନିୟମ ଭାଙ୍ଗି କେଉଁ ପରିସ୍ଥିତିରେ ଲକ୍‌ଅପ୍ ଖୋଲାଗଲା ଏବଂ କଏଦୀଙ୍କୁ ମାଡ଼ ମରାଗଲା ଏହାକୁ ନେଇ ପ୍ରଶ୍ନ ଉଠିଛି । ଏଠାରେ ସୂଚନାଯୋଗ୍ୟ ଯେ ଚୌଦ୍ୱାର ସର୍କଲ ଜେଲ୍‌ରୁ ଦୁଇ ବିହାରୀ ଅପରାଧୀ ଫେରାର ଘଟଣାରେ ଜେଲ୍ ଦସ୍ତାବିଜ ଜାଲିଆତି କରିବା ଅଭିଯୋଗରେ ଜେଲ୍ ଅଧୀକ୍ଷକ ସୁଜିତ କୁମାର ରାଉଳ ଗିରଫ ହୋଇଛନ୍ତି । ନିକଟରେ ଗ୍ୟାଙ୍ଗଷ୍ଟର ଧଳସାମନ୍ତ ସହଯୋଗୀ ଲିଟୁଆ ବେହେରା ଜେଲ୍‌ରୁ ମୁକୁଳିବା ପରେ ଏକ ଥାର୍ ଗାଡ଼ି ଜେଲ୍ ପରିସରକୁ ପଶି ତାକୁ ଆଣିବା ଘଟଣାରେ ଜେଲ୍‌ର ଭାବମୂର୍ତ୍ତି ନଷ୍ଟ ହୋଇଥିଲା । ଏବେ ଏ ପ୍ରକାର ଘଟଣାରେ ଚୌଦ୍ୱାର ଜେଲ୍ ପୁଣି ବିବାଦରେ ଫସିଥିବା ଆଲୋଚ୍ୟର ବିଷୟ ହୋଇଛି ।

## ଜୁଆ ଆଡ୍ଡା ଉପରେ ଚଢ଼ାଉ: ୮ ଗିରଫ



ବେଲଗୁଣ୍ଠା(ନିପ୍ର): ବେଲଗୁଣ୍ଠା ଥାନା ପୁଲିସ ପକ୍ଷରୁ ଧୁମୁଛାଇ ଗ୍ରାମରେ ଏକ ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ୮ଜଣ ଜୁଆଡ଼ିଙ୍କୁ ଗିରଫ କରାଯାଇଛି । ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଧୁମୁଛାଇ ଗ୍ରାମର ଶିବରାମ ପ୍ରଧାନ, ଶିବରାମ ସ୍ୱାଇଁ, ସୁଶୀଳ ରାଉତ, ଜୟ ସ୍ୱାଇଁଙ୍କ ପୁଅ ଶଙ୍କର ସ୍ୱାଇଁ, ସତ୍ୟବାନ ରାଉତ, ଆଦିକନ୍ଦ ସ୍ୱାଇଁଙ୍କ ପୁଅ ଶଙ୍କର ସ୍ୱାଇଁ, ଭଞ୍ଜନଗର ଥାନା ଅନ୍ତର୍ଗତ ଭେଜିପୁଟ କାବେରା ସାହିର ମାନସ ରଞ୍ଜନ ପଟ୍ଟନାୟକ ଏବଂ ଇଙ୍ଗିନାଠି ଗ୍ରାମର ବିଷ୍ଣୁପ୍ରସାଦ ବେହେରାଙ୍କୁ ପୁଲିସ ଗିରଫ କରିଛି । ଚଢ଼ାଉ ସମୟରେ ପୁଲିସ ୩୧ ହଜାର ୬୨୨ ଟଙ୍କା ନଗଦ ଟଙ୍କା, ୫ଟି ମୋବାଇଲ ଫୋନ୍, ୩ଟି ମୋଟରସାଇକେଲ ଏବଂ ୨ ସେଟ୍ ତାସ୍ ଜବତ କରିଛି । ଏହି ଘଟଣାରେ ବେଲଗୁଣ୍ଠା ଏଏସ୍‌ଆଇ ପି.କେ.ଚାଟିଙ୍କ ରିପୋର୍ଟ ଆଧାରରେ ବେଲଗୁଣ୍ଠା ଥାନାରେ ଏକ ମାମଲା ରୁଜୁ କରାଯାଇଛି । ଏହାର ତଦନ୍ତ ଦାୟିତ୍ୱ ଏସ୍‌ଆଇ ସୁକାନ୍ତ କୁମାର ପ୍ରଧାନ କରୁଥିବା ଥାନା ଅଧିକାରୀ ରେବତୀ ଶବର ଜଣାଇଛନ୍ତି ।



ଷୋଡ଼ଶୀ ବେଶରେ ମା'କଟକ ଚଣ୍ଡୀ (ଫଟୋ- ପ୍ରତାପ ସାହୁ)



ନବରାତ୍ରୀର ଚତୁର୍ଥ ଦିନରେ ମା' କାକଟପୁର ମଙ୍ଗଳା (ଫଟୋ- ତୁଷାର ଦୀକ୍ଷିତ)

# ମା' ସୁରେଶ୍ୱରୀଙ୍କ ସମେତ ତିନି ଦେବୀଙ୍କ କୁଷ୍ମାଣ୍ଡା ବେଶ



**ସୋନପୁର,୧୪।୧୦(ନିପ୍ର):** ଶାରଦୀୟ ନବରାତ୍ରୀର ଚତୁର୍ଥ ଦିବସରେ ସୁବର୍ଣ୍ଣପୁରର ଅଧିଷ୍ଠାତ୍ରୀ ଦେବୀ ମା' ସୁରେଶ୍ୱରୀଙ୍କ ସମେତ ମା' ଭଗବତୀ ଓ ମା' ଦୁର୍ଗା ଦେବୀ କୁଷ୍ମାଣ୍ଡା ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି। ତିନି ଦେବୀଙ୍କ ଏହି ଦିବ୍ୟ ବେଶ ଦର୍ଶନ ପାଇଁ ବିଭିନ୍ନ ଦେବୀପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିବା ବେଳେ ସମଗ୍ର ସହର ଭକ୍ତିମୟ ପରିବେଶରେ ମୁଖରିତ ହୋଇଉଠିଛି। ପୌରାଣିକ ବିଶ୍ୱାସ ଅନୁସାରେ, ସୃଷ୍ଟିର ଆରମ୍ଭରେ ସମଗ୍ର ବ୍ରହ୍ମାଣ୍ଡ ଘନ ଅନ୍ଧକାରରେ ଆଚ୍ଛାଦିତ ଥିଲା। ସେହି ସମୟରେ ମା' କୁଷ୍ମାଣ୍ଡା ନିଜର ମନ୍ଦ ହାସ୍ୟରେ ସୃଷ୍ଟିରେ ଆଲୋକ ସଞ୍ଚାର କରିଥିଲେ ବୋଲି ଧାର୍ମିକ ମାନ୍ୟତା ରହିଛି। ମା'ଙ୍କ ଏହି ସ୍ୱରୂପ ସୃଷ୍ଟି, ଶକ୍ତି, ଜୀବନ ଓ ଉତ୍ସାହର ପ୍ରତୀକ। ତାଙ୍କର ଅଷ୍ଟଭୁଜା ରୂପ ଓ ହସ୍ତରେ ଶୋଭା ପାଉଥିବା ବିଭିନ୍ନ ଆୟୁଧ ଦିବ୍ୟ ଶକ୍ତି ଓ ଧର୍ମରକ୍ଷାର ସନ୍ଦେଶ ପ୍ରଦାନ କରେ। ମା' କୁଷ୍ମାଣ୍ଡାଙ୍କ ଆରାଧନା ମାଧ୍ୟମରେ ଭକ୍ତମାନେ ଜୀବନରେ ସୁଖ, ଶାନ୍ତି, ସମୃଦ୍ଧି ଓ ଶକ୍ତି ଲାଭ କରିବା ସହ ଦୁଃଖ ଓ ନିରାଶାରୁ ମୁକ୍ତି ପାଇଁ ପ୍ରାର୍ଥନା କରିଥାନ୍ତି। ଅନ୍ଧକାରରୁ ଆଲୋକ, ନିରାଶାରୁ ଆଶା ଏବଂ ଦୁର୍ବଳତାରୁ ଆତ୍ମବିଶ୍ୱାସ ଆଡ଼କୁ ଅଗ୍ରସର ହେବାର ପ୍ରେରଣା ଦିଏ ମା'ଙ୍କ ଏହି ଦିବ୍ୟ ସ୍ୱରୂପ।

# ରେଭେନ୍ସାରେ 'ମୁଁ କାହିଁକି ପ୍ରାର୍ଥୀ ହେଲି'

**କଟକ, ୧୪/୧୦(ନିପ୍ର):** ରେଭେନ୍ସା ବିଶ୍ୱବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନଙ୍କୁ ନେଇ ବିଶ୍ୱବିଦ୍ୟାଳୟ ପରିସରରେ ବୁଧବାର ଦିନ'ମୁଁ କାହିଁକି ପ୍ରାର୍ଥୀ ହେଲି' ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନ ପରିଚାଳନା ସମିତି ଦ୍ୱାରା ଆୟୋଜିତ ଏହି ବୈଠକରେ ବିଭିନ୍ନ ପଦ ପାଇଁ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନେ ଯୋଗଦେଇ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ସଭାପତି ପ୍ରାର୍ଥୀ ଅଭିମନ୍ୟୁ ନାୟକ, ଅରୋବିନ ରଥ, ବିଶ୍ୱଜିତ ମହାଲିକ, ବିଶ୍ୱଜିତ ସାହୁ ଓ ସ୍ୱପ୍ନାରାଣୀ ପ୍ରଧାନ; ଉପସଭାପତି ପ୍ରାର୍ଥୀ କସକ୍ ଜେନା, ନିତିଶ କୁମାର ବେହେରା, ରାଜା ବିଶ୍ୱାଳ ଓ ରାଜ ପ୍ରିୟାଂଶୁ ନାଥ; ସଂପାଦକ ପ୍ରାର୍ଥୀ ମନୋଜ ଗିରି, ସଂବିତ ଓମ୍ ପ୍ରକାଶ ପତର, ଶ୍ରୀପଲ୍ଲବ ଜେନା, ତାପସ କୁମାର ନାୟକ ଓ ଅନ୍ୟାନ୍ୟ ପଦ ପାଇଁ ପ୍ରତିଦ୍ୱନ୍ଦିତା କରୁଥିବା ଅନେକ ପ୍ରାର୍ଥୀ ବିଶ୍ୱବିଦ୍ୟାଳୟର ବିକାଶ ପାଇଁ ସେମାନଙ୍କ ଯୋଜନା ତଥା ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ ଛାତ୍ର ସଂସଦ ଉପଦେଷ୍ଟା ପ୍ରଫେସର ସୈ।ମେନ୍ଦ୍ର କୁମାର ନାୟକ, ପରିଚାଳନା ସମିତି ସଦସ୍ୟ ପ୍ରଫେସର ପୂର୍ଣ୍ଣେନ୍ଦୁ ପାଢ଼ୀ ଓ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ତଥା ଛାତ୍ରଛାତ୍ରୀମାନେ ବହୁସଂଖ୍ୟାରେ ଉପସ୍ଥିତ ଥିଲେ।

## ନିର୍ବାଚନ ଆୟୋଗଙ୍କୁ ସୁପ୍ରିମକୋର୍ଟଙ୍କ ତାଗିଦ୍

# ଦୁର୍ବଳ ବାହାନା ଚଳିବ ନାହିଁ

**ନୂଆଦିଲ୍ଲୀ, ୧୪।୧୦:** ୨୦୨୩ ମସିହାରେ କର୍ଣ୍ଣାଟକର ଶୃଙ୍ଗେରୀ ବିଧାନସଭା ନିର୍ବାଚନମଣ୍ଡଳୀରେ ହୋଇଥିବା ଭୋଟ୍ ଗଣତିର ଭିଡିଓ ରେକର୍ଡିଂ ଖୋଜି ପାଇବାରେ ବିଫଳ ହେବା ନେଇ ବୁଧବାର ସୁପ୍ରିମକୋର୍ଟ ଭାରତୀୟ ନିର୍ବାଚନ ଆୟୋଗଙ୍କୁ ତାଗିଦ୍ କରିଛନ୍ତି। କୋର୍ଟ ସ୍ପଷ୍ଟ କରିଛନ୍ତି ଯେ 'ଦୁର୍ବଳ ବାହାନା' ଗ୍ରହଣ କରାଯିବ ନାହିଁ।ନିଜେ ପରିଚାଳନା କରିଥିବା ଏକ ନିର୍ବାଚନର ରେକର୍ଡ କିପରି ହଜିଗଲା ବୋଲି କୋର୍ଟ ପ୍ରଶ୍ନ କରିଛନ୍ତି। ମୂଳ ଭୋଟ୍ ଗଣତିର ଭିଡିଓ ଫୁଟେଜ୍ ମିଳିପାରିନାହିଁ ବୋଲି ନିର୍ବାଚନ ଆୟୋଗଙ୍କ ଓକିଲ କୋର୍ଟଙ୍କୁ ଜଣାଇବା ପରେ ବିଚାରପତି ସଞ୍ଜୟ କୁମାର ଏବଂ ସଞ୍ଜୀବ ସଚ୍ଚଦେବାଙ୍କ ଖଣ୍ଡପୀଠ ଗଭୀର ଅସନ୍ତୋଷ ପ୍ରକାଶ କରିଥିଲେ।

## ଶାଶୂ ଓ ସ୍ତ୍ରୀକୁ ଏସିଡ୍ ମାଡ଼ ଘଟଣା

# ଦୋଷୀକୁ ୫ ବର୍ଷ ଜେଲ୍‌ଦଣ୍ଡ

**ପିପିଲି ୧୪।୧୦(ନିପ୍ର):** ଶାଶୂ ଓ ସ୍ତ୍ରୀକୁ ଏସିଡ୍ ମାଡ଼ ଘଟଣାରେ ବଳଙ୍ଗାଥାନାରେ ୧୦୮/୨୪ରେ ଏକ ମାମଲା ରୁଜୁ ହୋଇଥିଲା। ସେହି ମାମଲାର ତଦନ୍ତ ଦାୟିତ୍ୱ ନେଇ ଥିଲେ ପୋଲିସ ଅଧିକାରୀ ସସ୍ମିତା ବେହେରା । ସେହି ମାମଲା ନିମାପଡ଼ା ଏଡିଜି କୋର୍ଟରେ ଏହାର ବିଚାରଣା ପରେ ଅଭିଯୁକ୍ତ ବାବି ଓରଫ ପରମାନନ୍ଦ ସାଠୁଆଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ଦୋଷୀକୁ ୫ ବର୍ଷ ଜେଲ୍‌ଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ଆଦେଶ ହୋଇଛି।ଜରିମାନା ଅନାଦେୟ ହେଲେ ୨ ମାସ ଅଧିକ କାରାଦଣ୍ଡ ଏବଂ ୧୦୦୦ ଟଙ୍କା ଜରିମାନା (ଜରିମାନା ଅନାଦେୟ ହେଲେ ୧ ମାସର ଜେଲ୍‌ଦଣ୍ଡ) ଦଣ୍ଡାଦେଶ ଦିଆଯାଇଛି।

# ସଡ଼କ ଭିତ୍ତିଭୂମିର ବିକାଶ ଓ ସୁରକ୍ଷା ନେଇ ସାଂସଦଙ୍କ ଚିଠି

**ଦେବଗଡ଼/ନୂଆଦିଲ୍ଲୀ, ୧୪/୧୦:** ସମ୍ବଲପୁର ଲୋକସଭା ମଣ୍ଡଳୀ ଅନ୍ତର୍ଗତ ଦେବଗଡ଼ ଜିଲ୍ଲା ଦେଇ ଯାଇଥିବା ୪୯ ନଂ ଜାତୀୟ ରାଜପଥରେ ବୃଦ୍ଧି ପାଉଥିବା ଯାନବାହାନ ଚଳାଚଳ, ଜନଗହଳି ଏବଂ ସଡ଼କ ଦୁର୍ଘଟଣା ଆଶଙ୍କାର ସମାଧାନ ପାଇଁ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି, ଏହି ଜାତୀୟ ରାଜପଥରେ ଆନ୍ତଃରାଜ୍ୟ ପଣ୍ୟବାହୀ ଏବଂ ଟ୍ରାଫିକ୍ ଚଳାଚଳ ସହିତ ସ୍ଥାନୀୟ ଜନସାଧାରଣଙ୍କ ଯାତାୟାତ ହେଉଥିବା କାରଣରୁ ବିପଦ ଆଶଙ୍କା ସୃଷ୍ଟି ହୋଇଛି । ଦେବଗଡ଼ ଜିଲ୍ଲାର ଜନସାଧାରଣଙ୍କ ସୁରକ୍ଷା ଏବଂ ସୁଗମ ଯାତାୟାତକୁ ସୁନିଶ୍ଚିତ କରିବା ପାଇଁ ଶ୍ରୀ ପ୍ରଧାନ ତିନୋଟି ପ୍ରମୁଖ ସଂରଚନାଗତ ସମାଧାନ ଦାବି କରିଛନ୍ତି । ଦେବଗଡ଼ ବାଇପାସର ଆରମ୍ଭରେ ଥିବା ଆମ୍ବେଦକର ଛକ ନିକଟ ୱାଇ-ଜଙ୍କସନ୍ ଠାରେ ଏନଏଚ-୪୯ର ଦ୍ରୁତଗାମୀ ଯାନବାହନ ଚଳାଚଳ କରୁଛି । ଏଠାରେ କଲେକ୍ଟରେଟ୍, ନିଉ ବସ୍ ଷ୍ଟାଣ୍ଡ ଓ ଓମେନ୍ କଲେଜ ଭଳି ପ୍ରମୁଖ ଅନୁଷ୍ଠାନ ଥିବାରୁ ଏଠାକୁ ଯାଉଥିବା ସ୍ଥାନୀୟ ଲୋକଙ୍କ ମଧ୍ୟରେ ନିରନ୍ତର ଟ୍ରାଫିକ୍ ସମସ୍ୟା ଉପୁଜୁଛି । ଏଠାରେ ଦୁର୍ଘଟଣା ଏବଂ ସୁରକ୍ଷା ବିପଦକୁ ଏଡ଼ାଇବା ପାଇଁ ଏକ ନିର୍ଦ୍ଦିଷ୍ଟ ସର୍ଭିସ୍ ରୋଡ୍ ଏବଂ ଉପଯୁକ୍ତ ହାଇୱେ ଲାଇଟିଂ ବ୍ୟବସ୍ଥା ସହିତ ଏକ ଏଲିଭେଟେଡ୍ ଫ୍ଲାଏଓଭର୍ ନିର୍ମାଣ କରାଯିବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି । ସେହିପରି ସହରର ସୀମା ନିକଟରେ ରାଜ୍ୟ ରାଜପଥ ତଥା ଦେବଗଡ଼-ଅନୁଗୋଳ ରୋଡ୍ ଦେଇ ଯାଇଥିବା ରାଜ୍ୟ ରାଜପଥ -୨୧ ଏବଂ ଜାତୀୟ ରାଜପଥ -୪୯ ଏକାଠି ହୋଇଥିବା ବିର୍ସାମୁଣ୍ଡା ଛକରେ ଦ୍ରୁତଗାମୀ ଗାଡ଼ି ସହ ସ୍ଥାନୀୟ ଯାନବାହନ ମୁହାଁମୁହିଁ ହେଉଥିବାରୁ ଗୁରୁତର ଦୁର୍ଘଟଣା ଘଟୁଛି । ଏହି ଅବସ୍ଥା ବଡ଼ଧରଣର ଦୁର୍ଘଟଣାର ଆଶଙ୍କା ବୃଦ୍ଧି କରୁଛି । ଏହି ବିପଦପୂର୍ଣ୍ଣ ସଂଘର୍ଷ ପଏଣ୍ଟଗୁଡ଼ିକୁ ଦୂର କରିବା ପାଇଁ ଏନ୍.ଏଚ୍.-୪୯ରେ ସୁସଂଗଠିତ ସ୍ଲିପ୍ ରୋଡ୍ ଏବଂ ଏକ ଯାନବାହନ ଚଳାଚଳ ଉପଯୋଗୀ ଅଣ୍ଡରପାସ୍ ନିର୍ମାଣ କରାଯିବା ଆବଶ୍ୟକ । ଏହି ଅଞ୍ଚଳରେ ଦ୍ରୁତ ସହରୀକରଣ କାରଣରୁ କଳା, କନ୍ଧଳ ଏବଂ ତିଲେଇବଣି ଭଳି ଜନବସତିରେ ଆବାସିକ ଜନସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଉଛି ।

# ୫ ସିଏସଆର୍ ପ୍ରକଳ୍ପ ପାଇଁ ଏମସିଏଲର ୨୨.୬୪ କୋଟି ଟଙ୍କାର ଅନୁଦାନ

**ସମ୍ବଲପୁର, ୧୪/୧୦(ନିପ୍ର):** ମହାନଦୀ କୋଲଫିଲ୍ଡସ ଲିମିଟେଡ୍ ନିଜର କର୍ପୋରେଟ୍ ସାମାଜିକ ଉତ୍ତରଦାୟିତ୍ୱ ପଦକ୍ଷେପ ଅଧୀନରେ ସୁନ୍ଦରଗଡ଼ ଜିଲ୍ଲାରେ ୨୨.୬୪ କୋଟି ଟଙ୍କା ବ୍ୟୟରେ ୫ଟି ବିକାଶମୂଳକ ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ସହିତ ବୁଝାମଣା ପତ୍ର ସ୍ୱାକ୍ଷର କରିଛି। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ କଟା ବନ୍ଧ (୪.୩୨ କୋଟି), ବ୍ରାହ୍ମଣୀ ବନ୍ଧ (୩.୯୮ କୋଟି) ଏବଂ ଅବଦୁଲ ହୁସେନ୍ ବନ୍ଧ (୨.୬୯ କୋଟି) ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ; ହେମଗିର ବ୍ଲକର ଖଣି ପ୍ରଭାବିତ ଅଞ୍ଚଳରେ ମଧୁର ଜଳ ମତ୍ସ୍ୟଚାଷର ପ୍ରୋତ୍ସାହନ (୩.୮୧ କୋଟି); ଏବଂ ତଳସରା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପୋଖରୀଗୁଡ଼ିକର ସଂସ୍କାର, ଉନ୍ନତିକରଣ ଓ ନିର୍ମାଣ କାର୍ଯ୍ୟ (୭.୮୪ କୋଟି) ସାମିଲ ରହିଛି। ଜିଲ୍ଲା ପ୍ରଶାସନ ଦ୍ୱାରା ଏହି ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ପାଇଁ ଏମସିଏଲର ମହାପ୍ରବନ୍ଧକ (ସିଏସଆର) ଏବଂ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ମଧ୍ୟରେ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। 'ମିଶନ୍ ଅମୃତ ସରୋବର'ର ଉଦ୍ଦେଶ୍ୟ ରଖି, ଜଳାଶୟଗୁଡ଼ିକର ପୁନରୁଦ୍ଧାର ଦ୍ୱାରା ଜଳ ସଂରକ୍ଷଣକୁ ସୁଦୃଢ଼ କରିବା, ଭୂତଳ ଜଳର ପୁନରୁଦ୍ଧାର କରିବା ଏବଂ ସ୍ଥାନୀୟ ପରିବେଶରେ ସୁଧାର ଆଣିବାକୁ ଲକ୍ଷ୍ୟ ରଖାଯାଇଛି।



ଏହି ପଦକ୍ଷେପଗୁଡ଼ିକ ସାଧାରଣ ନାଗରିକଙ୍କ ସୁବିଧା ବୃଦ୍ଧି କରିବା ସହ ଆମୋଦ-ପ୍ରମୋଦ, କ୍ଷୁଦ୍ର ପର୍ଯ୍ୟଟନ ଏବଂ ସ୍ଥାନୀୟ ଅର୍ଥନୈତିକ କାର୍ଯ୍ୟକଳାପ ପାଇଁ ସୁଯୋଗ ସୃଷ୍ଟି କରିବ। ସୁରକ୍ଷା ବାନ୍ଧ, ଚାଲିବା ରାସ୍ତା, ଗାଧୋଇବା ପାହାଚ, ପଥର ପ୍ୟାକିଂ, ରେଲିଂ, ବସିବା ସ୍ଥାନ, ବୈଦ୍ୟୁତିକ ସଂଯୋଗ ଏବଂ ଉଦ୍ୟାନ କୃଷିର ବିକାଶ ଆଦି କାର୍ଯ୍ୟ ଏହି ଯୋଜନାରେ ଅନ୍ତର୍ଭୁକ୍ତ ରହିଛି। ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନାର ଉଦ୍ଦେଶ୍ୟ ଅନୁଯାୟୀ ପ୍ରସ୍ତୁତ କରାଯାଇଥିବା ମଧୁର ଜଳ ଆଭ୍ୟନ୍ତରୀଣ ମତ୍ସ୍ୟଚାଷ ପ୍ରକଳ୍ପ ଦ୍ୱାରା ୭୦୦ରୁ ଅଧିକ କ୍ଷୁଦ୍ର ଚାଷୀ ଏବଂ କୃଷକ ଉତ୍ପାଦକ ସଂଗଠନର ସଦସ୍ୟପ୍ରମୁଖ ଲାଭବାନ ହେବେ ବୋଲି ଆଶା କରାଯାଉଛି।

# ଇଣ୍ଡିଆସ୍କିଲ୍ସ ୨୦୨୬-୨୭ ପଞ୍ଜୀକରଣ ଅବଧି ଅକ୍ଟୋବର ୧୯ ପର୍ଯ୍ୟନ୍ତ ବୃଦ୍ଧି

**ନୂଆଦିଲ୍ଲୀ, ୧୪/୧୦(ପିଆଇବି):** କେନ୍ଦ୍ର ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ହେବାକୁ ଥିବା ଇଣ୍ଡିଆସ୍କିଲ୍ସ ପ୍ରତିଯୋଗିତା ୨୦୨୬-୨୭ ପାଇଁ ଅନଲାଇନ୍ ପଞ୍ଜୀକରଣ ଅବଧିକୁ ଅକ୍ଟୋବର ୧୯ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ୱାର୍ଲ୍ଡସ୍କିଲ୍ସ ପ୍ରତିଯୋଗିତା ସାଂଘାଇ ୨୦୨୬ରେ ଭାରତୀୟ ଦଳ ବିଶ୍ୱସ୍ତରରେ ୧୦ମ ସ୍ଥାନ ହାସଲ କରିବା ସହ ୬ଟି ରୌପ୍ୟ ଓ ୨୦ଟି ଉତ୍କର୍ଷତା ପଦକ ଜିତିବା ପରେ ଦେଶର ଯୁବପିଢ଼ିଙ୍କ ମଧ୍ୟରେ ଏହି ଦକ୍ଷତାଭିତ୍ତିକ ପ୍ରତିଯୋଗିତା ପ୍ରତି ଆଗ୍ରହ ବହୁଗୁଣିତ ହୋଇଛି । ଏହି ଅଭୁତପୂର୍ବ ସଫଳତା ପରେ ଗତ ୯ ଅକ୍ଟୋବରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାଂଘାଇ ପ୍ରତିଯୋଗୀମାନଙ୍କୁ ନୂଆଦିଲ୍ଲୀର ୭, ଲୋକ କଲ୍ୟାଣ ମାର୍ଗସ୍ଥିତ ବାସଭବନରେ ଭେଟି ଉତ୍ସାହିତ କରିବା ସହ ଜାତୀୟ ବିକାଶରେ ବୃତ୍ତିଗତ ଦକ୍ଷତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ସହ ଏହି ସାକ୍ଷାତକାର ପରେ ବିଭିନ୍ନ ଅନୁଷ୍ଠାନ ଓ ଆଶାୟୀ ପ୍ରତିଯୋଗୀଙ୍କ ଅନୁରୋଧ କ୍ରମେ ମନ୍ତ୍ରଣାଳୟ ଏହି ସମୟସୀମା ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛି । ଜାତୀୟ ଦକ୍ଷତା ବିକାଶ ନିଗମ ଦ୍ୱାରା ପରିଚାଳିତ ଏହି ପ୍ରତିଯୋଗିତା ପାଇଁ ଏପର୍ଯ୍ୟନ୍ତ ଦେଶରୁ ପ୍ରାୟ ୪ ଲକ୍ଷ ଯୁବକଯୁବତୀ ପଞ୍ଜୀକରଣ କରିସାରିଛନ୍ତି। ପୂର୍ବରୁ ଆବେଦନ କରିପାରି ନଥିବା ଯୋଗ୍ୟ ଆଶାୟୀମାନେ ଏବେ ସ୍କିଲ୍ ଇଣ୍ଡିଆ ଡିଜିଟାଲ୍ ହବ୍ ପୋର୍ଟାଲ ମାଧ୍ୟମରେ ଅକ୍ଟୋବର ୧୯ ସୁଦ୍ଧା ନିଜର ଆବେଦନ ପ୍ରକ୍ରିୟା ପୂରଣ କରିପାରିବେ । ଏହି ବୃହତ୍ ପ୍ରତିଯୋଗିତାରେ ଉତ୍ପାଦନ, ଇଞ୍ଜିନିୟରିଂ, ନିର୍ମାଣ, ଡିଜିଟାଲ୍ ପ୍ରଯୁକ୍ତିବିଦ୍ୟା, ସୃଜନଶୀଳ ଶିଳ୍ପ ଓ ସେବା କ୍ଷେତ୍ର ସହ ଜଡ଼ିତ ମୋଟ ୬୩ଟି ଦକ୍ଷତା ବିଭାଗ ସାମିଲ କରାଯାଇଛି ।

# ହୋଟେଲ, ଢାବା ଓ ରେଷ୍ଟୁରାଣ୍ଟରେ ବିକ୍ରୀ ହେଉଥିବା ଖାଦ୍ୟର ମାନ ଯାଞ୍ଚ ଦାବି

**କଣ୍ଟିଲୋ, ୧୪।୧୦(ନିପ୍ର):** ଖଣ୍ଡପଡ଼ା ସହରାଞ୍ଚଳ ସମେତ ଆଖପାଖ ଅଞ୍ଚଳର ବଜାରରେ ଅବସ୍ଥିତ ବିଭିନ୍ନ ହୋଟେଲ, ଢାବା, ରେଷ୍ଟୁରାଣ୍ଟ ଓ ରାସ୍ତା ପାର୍ଶ୍ୱ ଜଳଖିଆ ଦୋକାନ ଗୁଡିକରେ ବିଭିନ୍ନ ସମୟରେ ବାସୀ ଓ ଅପମିଶ୍ରିତ ଖାଦ୍ୟ ସାମଗ୍ରୀ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ଏପରିକି କେତେକ ଢାବା ମାଲିକ ଦୈନିକ ବଳକା ବାସୀ ଖାଦ୍ୟକୁ ଫ୍ରିଜରେ ମହଜୁଦ ରଖି ଗରମ କରି ଗ୍ରାହକମାନଙ୍କୁ ଖାଇବାକୁ ଦେଉଥିବାରୁ ବିଭିନ୍ନ ସମୟରେ ଗ୍ରାହକମାନେ ଅସନ୍ତୋଷ ପ୍ରକାଶ କରି ଆସୁଛନ୍ତି। ତେବେ ଏ ସଂପର୍କରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ମଧ୍ୟ ଖାଦ୍ୟର ମାନ ଯାଞ୍ଚ ନିମନ୍ତେ ବିଭାଗୀୟ ଅଧିକାରୀ ନତୁବା ଜିଲ୍ଲା ପ୍ରଶାସନ ସେଥିପ୍ରତି ଧ୍ୟାନ ଦେଉ ନଥିବାରୁ ଏହାର ସୁଯୋଗ ନେଇ ଅସାଧୁ ହୋଟେଲ,ରେଷ୍ଟୁରାଣ୍ଟ ଓ ଢାବା ମାଲିକ ମାନଙ୍କ ପ୍ରାଦୁର୍ଭାବ ବେଳକୁ ବେଳ ବୃଦ୍ଧି ପାଇବାରେ ଲାଗିଛି। ସେହିପରି ଅସ୍ୱାସ୍ଥ୍ୟକର ପରିବେଶରେ କେତେକ ହୋଟେଲ ଓ ଢାବା ମାଲିକ ଖାଦ୍ୟ ସମାଗ୍ରୀ ପ୍ରସ୍ତୁତ କରି ଜନସାଧାରଣଙ୍କୁ ବିକ୍ରୀ କରୁଥିବା ଅଭିଯୋଗ ହେଉଥିବା ବେଳେ କେତେକ ଜଳଖିଆ ଦୋକାନୀ ଜନସାଧାରଣଙ୍କୁ ଆକୃଷ୍ଟ କରିବା ନିମନ୍ତେ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ଗୁଡିକୁ ଆଦୌ ଘୋଡ଼ାଇ ରଖୁ ନଥିବା ନଜରକୁ ଆସୁଛି। ଫଳରେ ପ୍ରସ୍ତୁତ ଖାଦ୍ୟରେ ମାଛି ବସି ଏହା ମାରାତ୍ମକ ପେଟ ରୋଗ ବ୍ୟାପିବାର ମୁଖ୍ୟ କାରଣ ଅଟେ ବୋଲି ସାଧାରଣରେ ଆଲୋଚନା ହେଉଛି। ସେହିପରି ସାଧାରଣ ବଜାରରେ ଉପଲବ୍ଧ ଛେନା ଓ ପନିରରେ ବ୍ୟାପକ ଅପମିଶ୍ରଣ ହେଉଥିବା ଅଭିଯୋଗ ହେଉଛି। ତେବେ ଅଞ୍ଚଳବାସୀ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ନିରାଶ ହୋଇଥିବା ବେଳେ ପ୍ରଶାସନ ନୀରବଦ୍ରଷ୍ଟା ସାଜିଥିବା ଜଣାପଡିଛି। ଏ ପରିପ୍ରେକ୍ଷୀରେ ଖାଦ୍ୟ ନିରୀକ୍ଷକଙ୍କ ଭୂମିକାକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ହିଂସାର କୌଣସି ସ୍ଥାନ ନାହିଁ: ନବୀନ

**ଭୁବନେଶ୍ୱର, ୧୪।୧୦ :** ସତ୍ୟବାଦୀ ବ୍ଲକ କାର୍ଯ୍ୟାଳୟରେ ଘଟିଥିବା ହିଂସାକାଣ୍ଡ ଘଟଣାକୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଦୃଢ ନିନ୍ଦା କରିଛନ୍ତି। ଅରାଜକତାର ସୀମା ଟପିଛି ବୋଲି ସେ କହିଛନ୍ତି। ବ୍ଲକ କାର୍ଯ୍ୟାଳୟରେ ପଶି ବିଜେପି କର୍ମୀମାନେ ଘଟାଇଥିବା ହିଂସାକାଣ୍ଡ ଓଡ଼ିଶାବାସୀଙ୍କୁ ବିଚଳିତ କରିଛି ବୋଲି ସେ କହିଛନ୍ତି।


**AFFIDAVIT**

By virtue of an affidavit sworn before The Executive Magistrate, Pipili affidavit no.5791 dtd.14.09.2026, I, Sangita Dei D/o-Narendra Ghadei, Vill-Jayapurkilla, Pipili NAC, Po/Ps-Pipili, Dist-Puri Odisha-752104 do hereby declare that I have changed my name from Sangita Ghadei (Dob-01.01.1988) to Sangita Dei (Dob-06.06.1987). Henceforth I shall be known as Sangita Dei for all purposes.

Sd/-Sangita Dei

**AFFIDAVIT**

I Dharanidhar Sahoo S/o-Late Chintamani Sahoo, Resident of Plot No.L/46, Ph-1, Chhend Colony, Dist-Sundargarh, Pin-769015, Odisha declare by this affidavit no.253 dtd.22.09.2026 that now I shall be known as Dharanidhar Sahu for all purposes.

**AFFIDAVIT**

By virtue of an affidavit before The Notary Public Nayagarh on 17/08/2026, I Pratap kumar Das S/O- Siba Das village-/P.O-Madhapur, kantilo P.S.-Khandapada Dist-Nayagarh declare that ,in my LIC Policy vide no.587619680 my name has been mentioned as Tuna Das S/O-Siba Das. Pratap Das S/o-Siba Das and Tuna Das S/O-Siba Das are one and the same person.This fact is true and necessary to the authorities concerned.

**AFFIDAVIT**

By virtue of an affidavit before The Executive Magistrate Banki on 14/08/2026, I Dulashini Panda W/O-Late Benudhar Panda village-Hatimara P.O-Dhansar P.S.-Banki Dist-Cuttack declare that ,in my husband's LIC Policy vide no.586766344 my name has been mentioned as Harsamani Panda as nominee. Dulashini Panda W/o-Late Benudhar panda and Harsamani Panda W/O-Late Benudhar Panda are one and the same person.This fact is true and necessary to the authority concerned.


## ରାଜ୍ୟ କ୍ୟାବିନେଟ୍‌ର ଐତିହାସିକ ନିଷ୍ପତ୍ତିକୁ ବିଜେପିର ସ୍ୱାଗତ

# ଓଡ଼ିଶାର ସାମଗ୍ରିକ ବିକାଶରେ ସାଜିବ ମାଇଲଖୁଣ୍ଟ

**ଭୁବନେଶ୍ୱର, ୧୪/୧୦(ନିପ୍ର):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଗତକାଲି ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ୧୧ଟି ବିଭାଗର ୧୬ଟି ପ୍ରମୁଖ ପ୍ରସ୍ତାବକୁ ମିଳିଥିବା ମଞ୍ଜୁରୀକୁ ଭାରତୀୟ ଜନତା ପାର୍ଟି (ବିଜେପି) ଓଡ଼ିଶା ରାଜ୍ୟ ଶାଖା ପକ୍ଷରୁ ସ୍ୱାଗତ କରାଯାଇଛି । ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ଦିଲୀପ ମଲ୍ଲିକ ପ୍ରକାଶ କରିଛନ୍ତି ଯେ, ଏହି ଯୁଗାନ୍ତକାରୀ ନିଷ୍ପତ୍ତିଗୁଡ଼ିକ ରାଜ୍ୟର ଶିକ୍ଷା ବ୍ୟବସ୍ଥାର ସୁଦୃଢ଼ୀକରଣ ଏବଂ ଯୁବପିଢ଼ିଙ୍କ ଭବିଷ୍ୟତ ନିର୍ମାଣରେ ଏକ ବଡ଼ ସଫଳତା ଆଣିଦେବ। ଏହି ଅବସରରେ ଶାସନ ମୁଖ୍ୟ ଭାବେ ୨୫ ବର୍ଷ ସଫଳତାର ସହ ପୂରଣ କରିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ କଲ୍ୟାଣକାରୀ ନେତୃତ୍ୱକୁ ସମ୍ମାନ ଜଣାଇ କ୍ୟାବିନେଟ୍‌ରେ 'ଅଭିନନ୍ଦନ ସଂକଳ୍ପ' ପାରିତ ହୋଇଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି ।





କ୍ୟାବିନେଟ୍‌ରେ ନିଆଯାଇଥିବା ପ୍ରମୁଖ ନିଷ୍ପତ୍ତିଗୁଡ଼ିକ ମଧ୍ୟରେ ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ମାଗଣା ପାଠ୍ୟପୁସ୍ତକ ଯୋଗାଣ, ଏବଂ ଚାଷୀମାନଙ୍କୁ ସମୟ ସୀମା ମଧ୍ୟରେ ସାର ଓ ବିହନ ଯୋଗାଇବା ପାଇଁ ୧୩୬୦ କୋଟି ଟଙ୍କାର କର୍ପସ ପାଣ୍ଠି ମଞ୍ଜୁରୀ ଅନ୍ତର୍ଭୁକ୍ତ। ସେହିପରି ରାଜ୍ୟର ୪.୨୦ ଲକ୍ଷ ଯୁବକ ଯୁବତୀଙ୍କ ଦକ୍ଷତା ବିକାଶ ପାଇଁ ୪୫୦ କୋଟି ଟଙ୍କା ଏବଂ ସହରାଞ୍ଚଳରେ ଜଳବନ୍ଦୀ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ୫୦୦ କୋଟି ଟଙ୍କାର ବ୍ୟୟବରାଦକୁ ଅନୁମୋଦନ କରାଯାଇଛି । ଶିକ୍ଷକ ସମାଜ ପାଇଁ ଦଶହରା 'ପୂଜାଭେଟି' ସ୍ୱରୂପ ମାଧ୍ୟମିକ ଶିକ୍ଷକଙ୍କ ପାଇଁ ନୂତନ ସେବା ନିୟମାବଳୀ ପ୍ରଣୟନ, ହିନ୍ଦୀ ଓ ସଂସ୍କୃତ ଶିକ୍ଷକମାନଙ୍କୁ ରାଜ୍ୟ କ୍ୟାଡରର ମାନ୍ୟତା ଏବଂ ପ୍ରାଥମିକ ଶିକ୍ଷକଙ୍କ ବରିଷ୍ଠତା ବିବାଦର ସ୍ଥାୟୀ ସମାଧାନ କରାଯାଇଛି । ଏଥିସହିତ ଐତିହାସିକ କଟକ ସହରର ସୌନ୍ଦର୍ଯ୍ୟକରଣ ପାଇଁ ମହାନଦୀ ରିଭର ଫ୍ରଣ୍ଟର ନବକଳେବର ଯୋଜନାକୁ ମଧ୍ୟ ସ୍ୱୀକୃତି ମିଳିଛି । ଏକ ବଡ଼ ନିଷ୍ପତ୍ତି କ୍ରମେ, କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟରେ ୧୭୭ କୋଟି ଟଙ୍କା ବ୍ୟୟରେ ଏକ ସ୍ୱତନ୍ତ୍ର ଡାଟାସେଣ୍ଟର ପ୍ରତିଷ୍ଠା କରାଯିବ, ଯାହା ଭବିଷ୍ୟତରେ ଜାତୀୟ ସ୍ତରର ସାଇବର ସାର୍ବଭୌମତ୍ୱ ଓ ଡିଜିଟାଲ୍ ହବ୍‌ରେ ପରିଣତ ହେବ। ଏହା ଦ୍ୱାରା ସାଇବର ଯୁଦ୍ଧ, ରାନସମୱେୟାର ଆକ୍ରମଣ ଓ ଗୁରୁତ୍ୱପୂର୍ଣ୍ଣ ସୂଚନା ଚୋରିକୁ ରୋକାଯାଇ ପାରିବ, ଯାହା ନିବେଶକଙ୍କ ଆସ୍ଥା ବଢ଼ାଇବା ସହ ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଷ୍ଟ୍ରରେ ପରିଣତ କରିବାରେ ବିଶେଷ ସହାୟକ ହେବ। ଏହି ସାମ୍ବାଦିକ ସମ୍ମିଳନୀରେ ବିଜେପି ଗଣମାଧ୍ୟମ ରାଜ୍ୟ ସଂଯୋଜକ ସୁଜିତ କୁମାର ଦାସ ମଧ୍ୟ ଉପସ୍ଥିତ ଥିଲେ ।

## କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**କୃଷ୍ଣପ୍ରସାଦ ୧୪।୭ (ନି ପ୍ର):** ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଗୋପାଳପୁର କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ବଳରାମପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଛି।ଏଥିରେ ୯ଟି ବିଦ୍ୟାଳୟର ୧୨୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । କାର୍ଯ୍ୟକ୍ରମକୁ ସିଆରସିସି ସତ୍ୟବାଦୀ ବିଶ୍ୱାଳଏବଂ ବଳରାମପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବ୍ରଜ କିଶୋର ପ୍ରଧାନ, ପରିଚାଳନା କରିଥିଲେ।ମୁଖ୍ୟ ଅତିଥି ଭାବେ ଏବିଇଓ ପ୍ରକାଶ ଚନ୍ଦ୍ର ବେହେରା ଯୋଗ ଦେଇଥିଲେ।


1001/177/2627

**GOVT. OF ODISHA**
**OFFICE OF THE EXECUTIVE ENGINEER (AGRIL.), AGRIL.ENGG. DIVISION, KEONJHAR**
**AT/PO: MADHAPUR, DISTRICT: KEONJHAR-758001**
**E-mail.ID: -eengril.kjr@gmail.com**

**e-Procurement Notice: Dated 14.10.2026**
**Bid Identification No. EE(AGRIL)Keonjhar Division-02/2026-27**

The Executive Engineer (Agril.), Agril.Engg.Division,Keonjhar, Odisha on behalf of the Governor of Odisha, invites percentage rate bids in single cover system from the eligible class of contractors through e-procurement in ONLINE MODE only in the website "www.tendersodisha.gov.in", for civil works/buildings in the district of Keonjhar as detailed below:

| SL No. | Nos of the work/nature of work for which Tender invited | Approximate Estimated cost put to Tender (Excluding G.S.T) (Rs.lakh) | Cost of Bid Documents (in Rs.) | EMD in (Rs.) | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| | Total 01No (One no.) Civil construction works/ Structural steel work/ wire netting or welded mesh work | Rs.8.42 lakh | Rs.4000.00 | 1% Of the Amount Put to Tender | D&C | 60Days |

1. Date & Time of availability of bid document in the portal :21.10.2026 at 10.00 AM to 31.10.2026, 5.30 PM
2. Last date / Time for receipt of bids in the portal :31.10.2026 upto 5.30 PM
3. Date of submission of original bid documents in Tender Box :21.10.2026,10.00 AM to 02.11.2026 up to 1.00 PM
4. Date & Time of opening of original Documents, Verification& Online bids- 05.11.2026 at 11.00 AM onwards

The Bidders have to participate in ONLINE bidding only in the e- Procurement website: https://tendersodisha.gov.inwith matching class DSC. Any addendum / corrigendum / cancellation of tender /other details of the DTCN can also be seen in the said website.Authority reserve the right to reject/accept any or all of the tenders, increase/decrease the quantities of works without assigning any reasons thereof.

Sd/-
*Executive Engineer (Agril.)*
*Agril.Engg. Division,Keonjhar*

OIPR 1001/1460/1/26-27/0002


Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ | ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ